


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 346 | ଭାଗ ୩୨ | ସଂଖ୍ୟା ୩୪୬ | Bhubaneswar | Tuesday 11 March 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୧ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### କାୟା ମେଲାଇଛି ନକଲି ମେଡିସିନ ସାମ୍ରାଜ୍ୟ

## ୩ ବର୍ଷରେ ଚିହ୍ନଟ ହେଲାଣି ୧୦୩ଟି ନିମ୍ନମାନର ଔଷଧ




**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ରାଜ୍ୟରେ ପୁଣିଥରେ ନକଲି ଔଷଧ କାୟା ମେଲାଇଛି। ପୂର୍ବରୁ ଏନେଇ ଅଭିଯୋଗ ଆସିଥିବା ବେଳେ ଆଜି ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ। ମନ୍ତ୍ରୀ ତାଙ୍କ ତଥ୍ୟରେ ୩ ବର୍ଷରେ ୧୦୩ଟି ନିମ୍ନମାନର ମେଡିସିନ୍ ଚିହ୍ନଟ ହୋଇଥିବା ନେଇ ସୂଚନା ଦେବା ପରେ ଏହାକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ମୁନାଫାଖୋର୍ ବ୍ୟବସାୟୀମାନେ ବିଶ୍ୱାସରେ ବିଷ ଦେଇ ଅଧିକ ରୋଜଗାର ଆଶାରେ ବଜାରକୁ ନକଲି ଔଷଧ ଛାଡୁଛନ୍ତି। ରାଜ୍ୟ ବାହାରକୁ ମଧ ଏହି ବ୍ୟବସାୟର ଚେର ଲମ୍ବିଛି। ଗତ ୩ ବର୍ଷରେ ୧୦୩ଟି ନିମ୍ନ ମାନର ମେଡିସିନ୍ ଧରାପଡ଼ିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ବିଧାୟକ ସୁଧୀର ରଞ୍ଜନ ପାଇଯୋଶୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ବଜାରରେ ମିଳୁଥିବା ଜିଙ୍କ ସଲଫେଟ୍, ସୋଡିୟମ ଲାକଟେଟ୍, ହେପ୍ରେନ ସୋଡିୟମ ଇଞ୍ଜେକ୍ସନ ଆଦି ନିମ୍ନମାନର ବୋଲି ଜଣାପଡ଼ିଛି। ସେହିପରି ୩ ବର୍ଷରେ ୧୦୩ଟି ମେଡିସିନ ନିମ୍ନ ମାନର ଧରାପଡ଼ିଥିବା ବେଳେ ୪ ଯୋଗାଣକାରୀଙ୍କ ସମେତ ଉକ୍ତ କମ୍ପାନୀଗୁଡ଼ିକୁ କଳା ତାଲିକାଭୁକ୍ତ କରାଯାଇଛି। ୨୦୨୨-୨୩ରେ ୪୫ଟି ମେଡିସିନ୍, ୨୦୨୩-୨୪ରେ ୩୨ଟି, ୨୦୨୪-୨୫ରେ ୨୬ଟି ମେଡିସିନ୍ ନିମ୍ନମାନର ଥିବା ଜଣାପଡ଼ିଛି। ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କଲିକତା, ହାଇଦ୍ରାବାଦ ଆଦି ସ୍ଥାନରୁ ଓଡ଼ିଶାକୁ ଏହି ନକଲି ମେଡିସିନ୍ ଆସୁଛି। ସୂଚନାଯୋଗ୍ୟ ଯେ କରୋନା ➪ପୃଷ୍ଠା-୬

### କାହା ପାଇଁ ଚାଲିପାରୁନି ବିଧାନସଭା ?

# ବିଜୁବାବୁଙ୍କ ଉପରେ ବିତର୍କ ଚାହୁଁନି ବିଜେଡି!

- ଭିନ୍ନ ଭିନ୍ନ ଆଭିମୁଖ୍ୟରେ ଦୁଇ ବିରୋଧୀଦଳ
- ନାରୀ ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସର ହଟ୍ଟଗୋଳ
- ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଛି ବିଜେଡି
- ବିଜେଡିର ବିଜୁପ୍ରେମକୁ ବାବୁଙ୍କ କଟାକ୍ଷ
- ଦୈନିକ ବରବାଦ ହେଉଛି ୭୦ ଲକ୍ଷ ଟଙ୍କା



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ବିଜେଡି ଓ କଂଗ୍ରେସ ନେତାଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ବିଧାନସଭାରେ ସନ୍ଦେହ ସୃଷ୍ଟି ହୋଇଛି। ବିଜେଡି ବିଧାୟକମାନେ ବିଜୁ ବାବୁଙ୍କୁ ଅସମ୍ମାନ ପ୍ରସଙ୍ଗରେ ମୁଲତବି ପ୍ରସ୍ତାବ ନୋଟିସ ଦେଉଛନ୍ତି ହେଲେ ଗୃହରେ ଏନେଇ ଆଲୋଚନାର ସୁଯୋଗ ସୃଷ୍ଟି କରୁନାହାଁନ୍ତି। ଏପିରିକି କଂଗ୍ରେସ ନେତାମାନେ ମଧ ବିଜୁ ବାବୁଙ୍କୁ ଅସମ୍ମାନ ପ୍ରସଙ୍ଗରେ ନିଆଁବାଣ ହେଉଥିଲା ବେଳେ ଆଜି ବିଧାନସଭାରେ ନାରୀ ନିର୍ଯାତନା ପ୍ରସଙ୍ଗରେ ହଇଚଗୋଳ କରି ବାଚସ୍ପତିଙ୍କ ଉପରକୁ ବ୍ୟାନର ଫୋପାଡିଲେ। ତେଣୁ ପ୍ରକୃତରେ ବିଜେଡି ବିଜୁ ବାବୁଙ୍କ ଉପରେ ଆଲୋଚନା କରିବାକୁ ଚାହୁଁଛି କି ନାହିଁ ତାହା ସନ୍ଦେହରେ।



ସେପଟେ ସରକାରରେ ଥିବା ବେଳେ ବିଜେଡି ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ବିରୋଧୀ ଦଳରେ ଥିବା ବିଜେପିକୁ ସମାଲୋଚନା କରୁଥିଲା। ଦୈନିକ ଗୃହ ଚାଲିବାକୁ ସୁରକ୍ଷା କର୍ମୀଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ଭତ୍ତା ପର୍ଯ୍ୟନ୍ତ ସବୁକିଛି ହିସାବ କଲେ ପାଖାପାଖି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସାଧାରଣ ଲୋକଙ୍କ ଟିକସରୁ ଖର୍ଚ୍ଚ ହେଉଥିବା ଏହି ଅର୍ଥ ଅପବ୍ୟୟ ପାଇଁ ଦାୟୀ କିଏ। ବିଜେପି ନା ବିଜେଡି? ଉଭୟ ଦଳର ନେତାମାନେ ଏନେଇ ଆତ୍ମଚିନ୍ତନ କରିବାର ଆବଶ୍ୟକତା ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଆଜି ବିଧାନସଭା ଅଧିବେଶନ ➪ପୃଷ୍ଠା-୬

## ଆଜି ସବୁ ଜିଲ୍ଲାରେ ଲକ୍ଷପତି ଦିଦି କର୍ମଶାଳା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତାକାଲି ରାଜ୍ୟର ସବୁ ଜିଲ୍ଲାରେ ଆରମ୍ଭ ହେଉଛି ଲକ୍ଷପତି ଦିଦି କର୍ମଶାଳା। କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର ଏହି 'ଲକ୍ଷପତି ଦିଦି' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କର୍ମଶାଳାରେ ପ୍ରତି ଜିଲ୍ଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ଉପସ୍ଥିତ ରହିବେ। କାର୍ଯ୍ୟକ୍ରମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ତୃଣମୂଳ ସ୍ତରରେ କେଉଁଭଳି ଅଧିକରୁ ଅଧିକ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଲକ୍ଷପତି ଦିଦି ➪ପୃଷ୍ଠା-୬

### ୧୨ ବର୍ଷ ତଳେ ଲାଗିଥିଲା କଟକଣା

## ତମାଖୁରୁ ୧୦ ବର୍ଷରେ ୫ ହଜାର କୋଟି ଟିକସ



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଓଡିଶା ସରକାର ରାଜ୍ୟରେ ଗୁଟ୍‌ଖା, ତମାଖୁ ଓ ନିକୋଟିନ୍‌ଯୁକ୍ତ ପାନମସଲାର ଉତ୍ପାଦନ, ମହଜୁଦ ଓ ବିକ୍ରି ଉପରେ କଟକଣା ଲଗାଇବା ପରଠାରୁ ଆଜି ପର୍ଯ୍ୟନ୍ତ ଏହିସବୁ ସାମଗ୍ରୀ ଉପରୁ ୫ ହଜାର କୋଟି ଟଙ୍କାରୁ ଅଧିକ ଟିକସ ଆଦାୟ କରିସାରିଲେଣି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ରଖିଥିବା ଉତ୍ତରରୁ ଏହା ଜଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ରାଜ୍ୟ ସରକାର ୨୦୧୪-୧୫ ବର୍ଷରୁ ୨୦୨୫ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ପାନମସଲା, ଗୁଟ୍‌ଖା, ତମାଖୁ ଆଦିରୁ ମୋଟ୍ ୫୧୪୭ କୋଟି ୫୬ ଲକ୍ଷ ଟଙ୍କାର ଟିକସ ଆଦାୟ କରିଛନ୍ତି। ୨୦୧୮-୧୯ ପରଠାରୁ ଏହି ଟିକସର ପରିମାଣ ପ୍ରତିବର୍ଷ ବଢ଼ି ବଢ଼ି ଚାଲିଥିବାବେଳେ ୨୦୨୩-୨୪ ବର୍ଷରେ ଏହା ୧୦୧୨ କୋଟି ଟଙ୍କାକୁ ଟପିଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଫେବୃଆରୀ ଶେଷ ସୁଦ୍ଧା ରେକର୍ଡ ପରିମାଣର ୧୦୪୭ କୋଟି ୮୨ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇସାରିଛି। ସେହିପରି ଦେଶର ୧୬ଟି ରାଜ୍ୟରୁ ଓଡ଼ିଶାକୁ ପାନମସଲା, ଗୁଟ୍‌ଖା ଓ ତମାଖୁ ଆଦି ଆସୁଛି। ଏହିସବୁ ରାଜ୍ୟ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜରାଟ, ହରିଆନା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ➪ପୃଷ୍ଠା-୬

## ବିଜେପି ନେତାଙ୍କୁ ପାନେଦେବାକୁ ଯୋଜନା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଆଳି ବିଧାୟକ ପ୍ରତାପ ଦେବ ଏବେ ଡିଜିପିଙ୍କ କ୍ୟାମ୍ପ ଅଫିସ୍ ଚକ୍କର କାଟୁଛନ୍ତି। ଏହା ପଛର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଜେପିର ତୃଣମୂଳ ସ୍ତରର ନେତାଙ୍କୁ ପାନେ ଦେବା। ଆରମ୍ଭ କରି କର୍ମୀ ଯୋଗାଡ଼ ଆଦି କରୁଥିଲେ। ଏବେ କିନ୍ତୁ ନୂଆ ସରକାର କାମ କରୁଥିବା ଅଧିକାରୀଙ୍କୁ ଗୁରୁତ୍ୱ ଦେଉଛନ୍ତି। ଗତ ସାଧାରଣ

- ଅନୁଗତଙ୍କୁ ଥାନାଧିକାରୀ କରିବାକୁ କସରତ
- ଡିଜିପି ଅଫିସ୍‌କୁ ଘନଘନ ଦଉଡ଼ା



କଥାଟି ଅଡୁଆ ଲାଗିଲେ ବି ସତ।

ଚବିଶ ବର୍ଷରେ ବିଜେଡି ସରକାରର ମୂଳ ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରର ନେତାଙ୍କୁ ତାଙ୍କ ଦଳରେ ରଖିବା। ସେଥିପାଇଁ ସେମାନେ ଏସବୁ କାମ ଥାନାଧିକାରୀଙ୍କ ଦ୍ୱାରା କରାନ୍ତି। ବିଜେଡି ମନ୍ତ୍ରୀ ଓ ବିଧାୟକମାନେ ନିଜ ବୋଲକରା ଥାନାବାବୁଙ୍କୁ ନିଜ ନିର୍ବାଚନମଣ୍ଡଳୀରେ ଥିବା ଥାନା ଦାୟିତ୍ୱ ଦିଅନ୍ତି। ତାଙ୍କରି ଦ୍ୱାରା ଲୋକଙ୍କୁ ଡରାଇ ଧମକାଇ ନିଜ ଆଡ଼କୁ କରାଇବାକୁ ବାଧ କରନ୍ତି। ଖାଲି ସେତିକି ନୁହେଁ, ବିଜେଡି ସରକାର ସମୟରେ ଥାନାବାବୁମାନେ ଦଳୀୟ ରାଲି ପାଇଁ ମଦଠାରୁ ନିର୍ବାଚନ ପୂର୍ବରୁ ପୁଲିସ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଥିଲା। ସେତେବେଳେ ବାବୁ ପ୍ରତାପ ଡିଜିପିଙ୍କୁ କହି ତାଙ୍କ ବୋଲ ମାନୁଥିବା ଥାନାଧିକାରୀ (ଆଳି-ରାଜକାନିକା) ଓ ଏସଡିପିଓ (ପଟ୍ଟାମୁଣ୍ଡାଇ)ଙ୍କୁ ନେଇଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ ଥିବା ବାବୁ ଜଣଙ୍କ ପୂର୍ବରୁ ଆଳି ଥାନାଧିକାରୀ ଥିଲେ। ପ୍ରତାପଙ୍କର ସେ ଖାସ୍ ଅନୁଗତ ଥିବାରୁ ତାଙ୍କୁ ପୂର୍ବ ସରକାର ସମୟରେ ଏସଡିପିଓ ପଦ ମିଳିଥିଲା। ସେହି ବାବୁ ଜଣଙ୍କ ନିର୍ବାଚନ ସମୟରେ ବିଜେଡି ପାଇଁ ବହୁ ପରିଶ୍ରମ କରିଥିଲେ। ସରକାର ବଦଳିଯିବା ପରେ ସେ ସଙ୍ଗେ ସଙ୍ଗେ ନିଜ ଦେହରେ ଗେରୁଆ ବୋଳିଦେଲେ। ହେଲେ ମନ ତାଙ୍କ ଶଙ୍ଖ ପାଇଁ ଏବେ ବି କାନ୍ଦୁଛି।

ଗତ କିଛି ଦିନ ହେବ ଆଳି ଥାନାରେ ଆଇଆସି ନାହାନ୍ତି। ଜଣେ ଏସ୍‌ଆଇଙ୍କ ହାତର ରହିଛି ଥାନା ଦାୟିତ୍ୱ। ବାବୁ ପ୍ରତାପ ➪ପୃଷ୍ଠା-୬

## ବିରୋଧୀଙ୍କୁ ଧୋଇଲେ ଶାରଦା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଜୟନାରାୟଣ ମିଶ୍ର ଓଡ଼ିଆ ଅସ୍ମିତାର ଅପମାନ କରିଥିବା ଘଟଣାରେ ବିଜେଡିର ନାରାବାଜିର ଜବାବ ଦେଇଛନ୍ତି ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ। କଂଗ୍ରେସ ଓ ବିଜେଡି ବିଧାୟକଙ୍କ ହଟ୍ଟଗୋଳ ମଧ୍ୟରେ ସାରଦା ପ୍ରଧାନ ପଏଣ୍ଟ ଅଫ ଅର୍ଡର ଜରିଆରେ ବିଜେଡିକୁ ଧୋଇଦେଇଛନ୍ତି। ଯେଉଁ ଓଡ଼ିଆ ଅସ୍ମିତା କଥା ବିଜେଡି କହୁଛି, ତାହା ଓଡ଼ିଶା ଗଠନ ପୂର୍ବରୁ ଓଡ଼ିଆଙ୍କ ସହ ରହିଛି। ପରାଧୀନ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ପରର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ପର୍ଯ୍ୟନ୍ତ କାହାକୁ ଉପଯୁକ୍ତ ସମ୍ମାନ ଦେଇଛି ବିଜେଡି। ସେତେବେଳେ ବିଜେଡି କାହିଁକି ଓଡ଼ିଆ ଅସ୍ମିତା କଥା ଉଠାଉନଥିଲା। ଯେଉଁମାନେ ଏବେ ବିଜୁବାବୁଙ୍କୁ ବିଜେପି ଅସମ୍ମାନ କରିଛି ବୋଲି ଅଭିଯୋଗ କରୁଛି, ସେହି ଦଳର ନେତାଙ୍କ ମଧ୍ୟରୁ କିଛି ଦିନେ ସେହି ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ଜୋତାମାଳ ପିନ୍ଧାଇଥିଲେ। ବିଜେଡି ନେତାମାନେ ଲକ୍ଷ୍ମୀ ପୁରାଣ ଓ ଭାଗବତ ପଢ଼ିବା ସହ ଶ୍ରୀମନ୍ଦିର ଯାଆନ୍ତୁ, ଓଡ଼ିଆ ଅସ୍ମିତା କଣ ଜାଣିପାରିବେ। ଯେଉଁ ଦଳ ଅସ୍ମିତା କଥା କହୁଛି, ସେହି ଦଳର ମୁଖିଆ ଓଡ଼ିଆରେ ଦି'ପଦ କହିପାରିବେନି। ସେ ଦଳକୁ ଦିନେ ଅଣଓଡ଼ିଆ ଅଫିସର ଚଳାଉଥିଲେ ବୋଲି ସେ ଆକ୍ଷେପ କରିଥିଲେ। ସେହିପରି ଅଞ୍ଜନା, ଅର୍ଚ୍ଚନା, ଅନ୍ନପୂର୍ଣ୍ଣା କଂଗ୍ରେସ ସରକାରର ଏହି ➪ପୃଷ୍ଠା-୬





### କାନ ଡେରିଥା

ଆମିଷ ଖାଇବେ ବଡ଼
ହୋଟେଲରେ!
ବୁଢ଼କୁ ନିଶ୍ଚୟ ଯିବେ
ଲଣ୍ଡାହୋଇ ପରା ପବିତ୍ର
ହୋଇବେ
ନହେଲେ ପଛତାଇବେ
ଆମିଷକୁ ଛାଡିଦେବେ...
ସୁଆଦିଆ ମାଂସ ଖାଇବା
ଲୋଭରେ
ଜାତକ ବିଗାଡି ଦେବେ ।

■ ଦେବାଶିଷ

## ନେତାଙ୍କ ସ୍ୱାର୍ଥ ପାଇଁ ବିଜେଡି କାଠଗଡ଼ାରେ



- ବିରୋଧୀଙ୍କୁ ଦେଉଛନ୍ତି ମଉକା
- ଫଳ ଭୋଗୁଛନ୍ତି ନବୀନ-ପାଣ୍ଡିଆନ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ବିଜେଡି ନେତାଏ ଏବେ ନିଜ ନିଜର ସ୍ୱାର୍ଥ ପୂରଣ ପାଇଁ ଦଳକୁ କାଠଗଡ଼ାରେ ଛିଡ଼ା କରିବାକୁ ପଛାଉନାହାନ୍ତି। ଏହାର ଫାଇଦା ବିରୋଧୀଙ୍କ ହାତକୁ ଯିବା ସହିତ ସେମାନେ ବି ସୁଯୋଗ ପାଇ ନବୀନ-ପାଣ୍ଡିଆନଙ୍କୁ ମନଇଚ୍ଛା ଗାଳି ଦେବାରେ ଲାଗିଛନ୍ତି। ଫଳରେ ବିନା କାରଣରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ରାଜନୀତିରୁ ଦୂରେଇ ଯାଇଥିବା ପାଣ୍ଡିଆନ ସାଧାରଣରେ ନିନ୍ଦିତ ହେଉଛନ୍ତି।

ମାହାଙ୍ଗା ଘଟଣାରୁ ଦଳୀୟ ନେତାଙ୍କ ଏଭଳି ଆଚରଣ ଏବେ ପଦାରେ ପଡ଼ିଛି। ବିଜୁ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ମାହାଙ୍ଗା ଅଞ୍ଚଳରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଲେ। ଏହାକୁ ସବୁ ସ୍ତରରେ ନିନ୍ଦା କରାଗଲା। ହେଲେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ଏହାକୁ ନେଇ ରାଜନୀତି ଆରମ୍ଭ କରିଦେଲେ। ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଘଟଣାରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କୁ ଯୋଡ଼ି ତାଙ୍କର ଗିରଫ ଦାବି ସହିତ କୁଶପୁତ୍ତଳିକା ଦାହ କଲେ। ହେଲେ ମୂର୍ତ୍ତି ଭାଙ୍ଗିଥିବା ମଦୁଆମାନେ ବିଜେଡିର ନବୀନଙ୍କ ଫ୍ୟାନ୍ ବୋଲି ଜଣାପଡ଼ିବା ପରେ ଏବେ ଦଳ ଅକଳରେ ପଡ଼ିଯାଇଛି। ମାହାଙ୍ଗା ବିଧାୟକ ଏବେ ସିଧାସଳଖ ଏହି ଘଟଣାରେ ପ୍ରତାପଙ୍କ ସହିତ ନବୀନ-ପାଣ୍ଡିଆନଙ୍କ ଗୋହି ଖୋଳୁଛନ୍ତି। ନିଜ ଉପରେ ଲାଗିଥିବା ଦାଗ ଧୋଇବା ପାଇଁ ସାରଦା ଯେଉଁ ବାକ୍ୟବାଣ ଛାଡୁଛନ୍ତି, ସେଥିରେ ପ୍ରତାପଙ୍କ ଅପେକ୍ଷା ଅଧିକ ଅପମାନିତ ହେଉଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ତେବେ ସାରଦାଙ୍କୁ ଏଭଳି ସୁଯୋଗ କେବଳ ପ୍ରତାପ ଜେନା ଦେଲେ ବୋଲି ବିଜେଡି ମହଲରେ ➪ପୃଷ୍ଠା-୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ଡାକ୍ତର ଦାମୋଦର ରାଉତ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-

ସଂଚାର ପରିବାର ବର୍ଗ ଓ
ଅଗଣିତ ପାଠକ ପାଠିକା

## ଓପିଜିସି ପାଲଟିଛି ବୁଢ଼ା କର୍ମଚାରୀଙ୍କ ଥଇଥାନ କେନ୍ଦ୍ର

- ମୋଟା ଅଙ୍କର ବେତନ ମୋହ ଛାଡୁନି
- କାରବାର ଦେଖି ନୂଆ ଏମ୍‌ଡି ତାଜୁବ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କର ଅନ୍ୟତମ ଲାଭଜନକ ସଂସ୍ଥା ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ଏବେ ଅବସରପ୍ରାପ୍ତ ବୁଢ଼ା କର୍ମଚାରୀଙ୍କ ଥଇଥାନ କେନ୍ଦ୍ର ପାଲଟିଛି। ଏମାନେ ମୋଟା ଅଙ୍କର ବେତନରେ ବର୍ଷ ବର୍ଷ ଏଠାରେ ଗାଦିମାଡ଼ି ବସିଥିବା ବେଳେ ସଦ୍ୟ ନିଯୁକ୍ତ ପରିଚାଳନା ନିର୍ଦ୍ଦେଶକ ଏହା ଦେଖି ତାଜୁବ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନାନୁଯାୟୀ, ଓପିଜିସିର ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପଦବୀରେ ଥିବା ଅଧିକାରୀ ଅବସର ନେବାର ୬ ବର୍ଷ ହୋଇଗଲାଣି। ହେଲେ ଏଠାରେ ତାଙ୍କର ଚାକିରି କାଳ ସରୁନାହିଁ। ବାର୍ଷିକ ୫୦ ଲକ୍ଷ ଟଙ୍କାରେ ତାଙ୍କୁ ନିଯୁକ୍ତି ମିଳିଛି। ଏହି ଅଧିକାରୀଙ୍କ ଓପିଜିସିର ପାଉଁଶ ପରିଚାଳନା ପ୍ଲାଣ୍ଟ ଓ ପାଉଁଶ ପୋଖରୀର ଡିଜାଇନ୍ କରିଥିବା ବେଳେ ଦୁଇ ବର୍ଷ ତଳେ ପାଉଁଶ ପୋଖରୀ ବନ୍ଧ ଭାଙ୍ଗିବା ଯୋଗୁଁ ନିଗମର ନୂଆ ପ୍ଲାଣ୍ଟ ସାମୟିକ ବନ୍ଦ ହେବା ସହିତ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା। ହେଲେ ଅଦ୍ୟାବଧି ଏନେଇ କାହା ବିରୁଦ୍ଧରେ କିଛି ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ସେହିଭଳି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଜିଏମ୍ (ସିଭିଲ) ମଧ ଜଣେ ଅବସରପ୍ରାପ୍ତ ଅଧିକାରୀ। ତାଙ୍କର ଅବସର ନେବାକୁ ଇତିମଧ୍ୟରେ ୪ ବର୍ଷ ପୂରିଗଲାଣି। ହେଲେ ତାଙ୍କର ଏଠାରେ ନିଯୁକ୍ତି ମିଆଦ ବଢ଼ି ଚାଲିଛି। ଏହି ଅଧିକାରୀ ମଧ ବାର୍ଷିକ ୫୦ ଲକ୍ଷ ଟଙ୍କା ବେତନରେ ରହିଛନ୍ତି। ବାର୍ଷିକ ୪୦ ଲକ୍ଷ ଟଙ୍କା ବେତନରେ ଥିବା ମାନବ ସମ୍ବଳ ପରାମର୍ଶଦାତା ମଧ ଜଣେ ଅବସରପ୍ରାପ୍ତ ଅଧିକାରୀ। ତିନି ବର୍ଷ ତଳୁ ଅବସର ନେଇଥିବା ଏହି ଅଧିକାରୀଙ୍କ ହାତରେ ଓପିଜିସିର ମାନବ ସମ୍ବଳ ପରିଚାଳନା ରହିଛି।

ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦବୀ ହେଉଛି ଡାଇରେକ୍ଟର ଅପରେସନ। ଏହି ପଦବୀରେ ବି ଅବସରପ୍ରାପ୍ତ ଅଧିକାରୀ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦବୀ ପାଇଁ ଗତ ବର୍ଷ ସେପ୍ଟେମ୍ବରରୁ ଚୟନ ପରୀକ୍ଷା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ତା'ର ଫଳ ପ୍ରକାଶ ପାଉନାହିଁ କି ନୂଆ ଅଧିକାରୀ ନିଯୁକ୍ତ ହେଉନାହାନ୍ତି।

ଓପିଜିସି କର୍ମଚାରୀ ସଂଘ ବାରମ୍ବାର ଅବସର ଲୋକଙ୍କ ଥଇଥାନ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହି ବୟସ୍କ କର୍ମଚାରୀମାନେ ଯେତିକି ଅର୍ଥ ଗଣିନେଉଛନ୍ତି, ତା'ଠାରୁ ଢେର କମ୍ ଅର୍ଥରେ ଦକ୍ଷ ଯୁବକଯୁବତୀମାନେ ଏଠାରେ ନିଯୁକ୍ତ ହୋଇପାରନ୍ତେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ମିଳିବ ନାହିଁ ବୋଲି ନୂଆ ସରକାର ସ୍ପଷ୍ଟ ଭାବେ କହିଥିବାବେଳେ କାହା ସ୍ୱାର୍ଥରେ ଶକ୍ତି ବିଭାଗ ବୟସ୍କଙ୍କୁ ମୋଟା ଅଙ୍କରେ ନିଯୁକ୍ତି ଦେଇ ଯୁବକଯୁବତୀଙ୍କ ନିଯୁକ୍ତ ସୁଯୋଗକୁ ସଙ୍କୁଚିତ କରୁଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ।

ନିକଟରେ ଓପିଜିସିରେ ନୂଆ ପରିଚାଳନା ନିର୍ଦ୍ଦେଶକ ଏଭଳି ମୋଟା ଅଙ୍କ ବେତନରେ ବୟସ୍କଙ୍କ ନିଯୁକ୍ତି ଦେଖି ତାଜୁବ ହୋଇଛନ୍ତି। ବିଶ୍ୱସ୍ତ ➪ପୃଷ୍ଠା-୬

# ନଦୀ ବନ୍ଧରୁ ୫୦ ଫୁଟର ଅତଡ଼ା ଧସିଲା, ବିପଦରେ ୫ଟି ଗାଁର ବାସିନ୍ଦା



**ରାଜନଗର,୧୦।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ ପ୍ରବାହିତ ହଂସୁଆ ନଦୀ ଉଗ୍ର ହେବାରେ ଲାଗିଛି। ଫଳରେ ଅଞ୍ଚଳର ସୁରକ୍ଷା କବଚ କେରଡାଗଡ଼- ଅଳତାଙ୍ଗ ଲୁଣା ଘେରୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଲୁଣା ଘେରିବନ୍ଧର ଜଗନ୍ନାଥପୁର ଗାଁ ନିକଟ ତାମୁଲିଆଠାରେ ୫୦ ଫୁଟର ଅତଡା ହଂସୁଆ ନଦୀ ଗର୍ଭକୁ ଧସି ପଡ଼ିଛି। ହଂସୁଆ ନଦୀର ପ୍ରଖର ସ୍ରୋତ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ନଦୀବନ୍ଧର ଅତଡା ଖସିବା ଯୋଗୁଁ ଶହଶହ ହେକ୍ଟର ଚାଷଜମିରେ ଲୁଣାଜଳ ପ୍ରବେଶ କରିବାର ସମ୍ଭାବନା ଦେଖାଦେଇଛି। ଯାହାଫଳରେ ଜଗନ୍ନାଥପୁର, ଗଜନପୁର, ନରଣପୁର, ବଡକୋଟ କୋଟ ଆଦି ଗ୍ରାମ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଅତଡା ଧସିଥିବା ସ୍ଥାନରେ ତଟବନ୍ଧ ଭିତିରେ ପଥରସ୍ପର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ରାଉତଙ୍କୁ ପଚାରିବାରୁ କେରଡାଗଡ଼- ଅଳତାଙ୍ଗ ଲୁଣା ଘେରୀବନ୍ଧର ଜଗନ୍ନାଥପୁର ଗାଁ ନିକଟ ତାମୁଲିଆଠାରେ ୫୦ ଫୁଟର ଅତଡା ହଂସୁଆ ନଦୀ ଗର୍ଭକୁ ଧସି ପଡ଼ିଛି। ଏ ସଂପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି, ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଶ୍ମଶାନ ଜମିରେ ଘର ନିର୍ମାଣକୁ ବିରୋଧ



**ରାଜନଗର,୧୦।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଭିତରଗଡ଼ ପଂଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ଶ୍ମଶାନ ଜମିରେ ବ୍ୟକ୍ତିଗତ ଘର ନିର୍ମାଣକୁ ନେଇ ଗାଁରେ ଉତ୍ତେଜନା ଦେଖା ଯାଇଛି। ଗ୍ରାମବାସୀ ଆଜି ଏ ନେଇ ରାଜନଗର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗାଁର ଖାତା ନମ୍ବର ୧୩୩, ପ୍ଲଟ ନମ୍ବର ୬୩ରେ ୧ ଏକର ୧୩ ଡେସିମିଲ ଶ୍ମଶାନ ଜମି ରହିଛି। ଏହି ଜମି ଉପରେ ପଂଚାୟତ ପକ୍ଷରୁ ଶ୍ମଶାନ ଘର ଓ ପୁଷ୍କରଣୀ ନିର୍ମାଣ କରାଯାଇଛି। ମାତ୍ର ଏହି ଶ୍ମଶାନ ଜମି ଉପରେ ଥିବା ରାସ୍ତାକୁ ଅବରୋଧ କରି ଏହି ଗାଁର ପ୍ରଦୀପ ଦାସ ପିଲାର ଉଠାଇ ପକ୍କା ଘର ନିର୍ମାଣ କରୁଅଛି। ଆମେ ଗ୍ରାମବାସୀ ମନାକଲେ ମଧ୍ୟ ସେ ନଶୁଣି ଘର ନିର୍ମାଣ ଜାରି ରଖିଛି। ତୁରନ୍ତ ଶ୍ମଶାନ ଜମିରୁ ଏହି ବେଆଇନ ନିର୍ମାଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀମାନେ ଆଜି ରାଜନଗର ତହସିଲରେ ପହଞ୍ଚି ଅଭିଯୋଗ କରିଛନ୍ତି।

# ଛାତ୍ରଛାତ୍ରୀଙ୍କ ପେଣ୍ଠ ବେଳାଭୂମି ସଫେଇ



**ରାଜନଗର,୧୦।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ଜାତୀୟ ଉଦ୍ୟାନର ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ପେଣ୍ଠ ବେଳାଭୂମିର ଦୋବନ୍ଧୀ ଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ବେଳାଭୂମିରେ ପଡ଼ିଥିବା ଅଳିଆ, ପ୍ଲାଷ୍ଟିକ ବୋତଲ, ପଲିଥିନ ଆଦି ବର୍ଜ୍ୟବସ୍ତୁକୁ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ସଫେଇ କରିଛନ୍ତି। ପରେ ଏହି ବର୍ଜ୍ୟବସ୍ତୁକୁ ଗାତ ଖୋଳି ପୋତିଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଇକୋ କ୍ଲବର ଶିକ୍ଷକ ସେକ ନିଏମାତୁଲା, ଅ ବସର ପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପେଣ୍ଠରେ ଚାଲିଥିବା ତଣ୍ଡାଯଜ୍ଞ ସ୍ଥଳର ଚାରିପଟେ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲାଇ, ଅମିତା ରାଉତ, ପିଙ୍କିନା ଦାସ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମାନେ ପର୍ଯ୍ୟଟକ ମାନଙ୍କୁ ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ବେଳାଭୂମିରେ ଅଳିଆ ଆବର୍ଜନା ନ ପକାଇବାକୁ ବୁଝାଇବା ସହ ବେଳାଭୂମିକୁ ସଫା ରଖିବାକୁ ସଚେତନତା କରିଥିଲେ।

# ବେଆଇନ୍ ବାଣ ପ୍ରସ୍ତୁତକାରୀ ଗିରଫ

**ସାଲେପୁର,୧୦।୩ (ସଂଚାର ବ୍ୟୁରୋ):** ବାଣ ପ୍ରସ୍ତୁତ କରୁଥିବାବେଳେ ସାଲେପୁର ପୁଲିସ ଗତକାଲି ରାତ୍ରିରେ ଚଢ଼ଉ କରି ଏଲମାପୁର ଅଞ୍ଚଳର ଜଣେ ଚୋରା ବାଣ ବ୍ୟବସାୟୀକୁ ଗିରଫ କରିବା ସହ ବାଣ ପ୍ରସ୍ତୁତିରେ ବ୍ୟବହାର ହେଉଥିବା କଞ୍ଚାମାଲ ଗୁଡିକ ଜବତ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଏଲମାପୁର ଗ୍ରାମର ଜାନକୀ ବଲ୍ଲଭ ବେହେରା ଗତକାଲି ରାତିରେ ନିଜ ବାଡ଼ିରେ ବେଆଇନ୍ ଭାବେ ବାଣ ପ୍ରସ୍ତୁତ କରୁଥିବାବେଳେ ସାଲେପୁର ପୁଲିସ ରାତି ପାଟ୍ରୋଲିଂ କରୁଥିବା ସମୟରେ ସେଠାରେ ପହଞ୍ଚି ଜାନକୀ ବଲ୍ଲଭକୁ ବାଣ ପ୍ରସ୍ତୁତ କରୁଥିବାବେଳେ ଗିରଫ କରିବା ସହ ଗଡ଼ମା, ରକେଟ୍ ସମେତ ବିଭିନ୍ନ କିସମର ବାଣରେ ବ୍ୟବହୃତ ହେଉଥିବା ବାରୁଦ, ସୁତୁଲି ଆଦି କଞ୍ଚାମାଲ ଗୁଡିକୁ ପୁଲିସ ଜବତ କରିଛି। ଏ ସମ୍ପର୍କରେ ସାଲେପୁର ଥାନାରେ କେସ୍ ନଂ୮୮/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ଜାନକୀବଲ୍ଲଭକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

## ମହଙ୍ଗା ପଡ଼ିଲା ଧାନକିଣାରେ ଅନିୟମିତତା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବଦଳିଲେ ସମ୍ପାଦକ

**ମହାକାଳପଡ଼ା,୧୦।୩ (ସଂଚାର ବ୍ୟୁରୋ):** ରଡିଆ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ରାଉତଙ୍କୁ ଚାଷୀମାନଙ୍କ ଧାନ କିଣାରେ ଅନିୟମିତତା କରିବା ମହଙ୍ଗା ପଡିଛି। ସମ୍ପାଦକଙ୍କୁ ନିଲମ୍ବନ ଓ ସମବାୟ ନିୟମ କାନୁନ ଉଲଙ୍ଘନ କରି ଚାଷୀଙ୍କ ସ୍ୱାର୍ଥରେ ହାନି ପହଞ୍ଚାଇଥିବାରୁ ତାଙ୍କ ନାମରେ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଏତଲା

### ଥାନାରେ ଏତଲା ଦେଲେ ନୋଡାଲ ଅଫିସର

ଦେଇଛନ୍ତି ନୋଡାଲ ଅଫିସର। ଯାହାକୁ ନେଇ ହଟଚମଟ ଆରମ୍ଭ ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ରଡିଆ ସେବା ସମବାୟ ସମିତିରେ ସମ୍ପାଦକ ଧାନ କିଣାରେ ବ୍ୟାପକ ଅନିୟମିତତା କରିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଚାଷୀଙ୍କୁ ସେବା ଯୋଗାଇବାକୁ ମୋଟା ଅଙ୍କର ଦରମା ନେଉଥିବା ସୁରେଶ ଚାଷୀମାନଙ୍କୁ ଅସହଯୋଗ କରୁଥିଲେ। ଯେଉଁଥିପାଇଁ ଚାଷୀମାନଙ୍କୁ ବେଶ୍ ସମସ୍ୟା ଭୋଗିବାକୁ ପଡୁଥିଲା।

ଚଳିତ ବର୍ଷ ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ସେବା ସମବାୟ ସମିତିକୁ ୮୭୫୦ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ହେଲେ ସେବା ସମବାୟ ସମିତିର ସମ୍ପାଦକଙ୍କ ମନମାନି ପାଇଁ



ଅସାଧୁ ଉପାୟରେ ଅଯୋଗ୍ୟ ଚାଷୀଙ୍କୁ କାଗଜ କଲମରେ ଧାନ କିଣାଇ ଟାର୍ଗେଟ ପୂରଣ କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ ଆଣିଥିଲେ। ଧାନକିଣା ତଥ୍ୟରେ ମିଛ ଚାଷୀ ଓ ମିଛ ପ୍ରମାଣପତ୍ର ଦେଇ କାଗଜ କଲମରେ ହଜାର ହଜାର କୁଇଣ୍ଟାଲ ଧାନ କିଣାଯିବା ଭଳି ସଙ୍ଗିନୀ ଅଭିଯୋଗ ମଧ୍ୟ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସମ୍ପାଦକ ଚାଷୀଙ୍କୁ ଆଜି କାଲି କହି ଦିନ ଗଡାଉଥିଲେ। କିଛି ଚାଷୀଙ୍କ ଟୋକନ ଅବଧି ଶେଷ ହେବା ସତ୍ତ୍ୱେ ମଧ୍ୟ ଧାନ ଉଠୁନଥିଲା।

ସମ୍ପାଦକ ସୁରେଶ ଚନ୍ଦ୍ର ରାଉତ ଧାନ କିଣାରେ ବ୍ୟାପକ ଅନିୟମିତତା, ପରିଚାଳନା ତ୍ରୁଟି କରିଥିବା ତଥ୍ୟ ମିଳିବା ପରେ ଘଟଣାକୁ ଗୁରୁତର ସହ ନେଇଥିଲେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠି ନମ୍ବର ୮୦୬ରେ ଓଡ଼ିଶା କର୍ପୋରେଟିଭ ସୋସାଇଟି ଓ ରେଜିଷ୍ଟର କର୍ପୋରେଟିଭ ସୋସାଇଟି ନିୟମ ଉଲଙ୍ଘନ କରିଥିବା ଦର୍ଶାଇ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସମବାୟ ସମିତି ସଭାପତି ଓ ପରିଚାଳନା କମିଟିଙ୍କୁ ଚିଠି କରିବା ସହିତ ଥାନାରେ ଏତଲା ଦେବାକୁ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ସମ୍ପାଦକଙ୍କୁ ନିଲମ୍ବନ କରାଯାଇ ତାଙ୍କ ନାମରେ ନୋଡାଲ ଅଫିସର ଚନ୍ଦନ କୁମାର ଦାସ ଏତଲା ଦେଇଛନ୍ତି। ସମ୍ପାଦକଙ୍କ ନାମରେ ମାମଲା ରୁଜୁ କରିବାକୁ ସେ ଥାନା ଅଧିକାରୀଙ୍କୁ ଏତଲାରେ ଦର୍ଶାଇଛନ୍ତି। ଏତଲା ପରେ ପୋଲିସ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି।



# ମା' ବାସନ୍ତୀଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ଶୁଭ ମାଟି ଉଠାଣ

**ଡେରାବିଶ,୧୦।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଗ୍ରାମର ନାଲୁବାବା ମଠ ପରିସରରେ ଅନୁଷ୍ଠିତ ହେବାକୁଥିବା ମା' ବାସନ୍ତିଙ୍କ ପୂଜା ପାଇଁ ମାଙ୍କ ମୃଣ୍ମୟ ମୂର୍ତି ନିର୍ମାଣ ନିମନ୍ତେ ଆଜି ଶୁଭ ମାଟି ଉଠାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରୁ ସଂକୀର୍ତ୍ତନ ପଟୁଆରରେ ଭକ୍ତମାନେ ପଞ୍ଚାୟତ ନିକଟସ୍ଥ ପୋଖରୀ ନିକଟରେ ପହଞ୍ଚିଥିଲେ। ସେଠାରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପୂର୍ବକ ଶୁଭ ମାଟି ଉଠାଣ କାର୍ଯ୍ୟ କରାଯାଇଥିଲା। ପରେ ଏହି ଶୁଭମାଟିକୁ ପୁନର୍ବାର ଘଣ୍ଟଘଣ୍ଟା ସଂକୀର୍ତନ ପୂର୍ବକ ମଠପରିସରକୁ ନିଆଯାଇଥିଲା। ଆଜି ଠାରୁ ମାଙ୍କ ମୃଣ୍ମୟମୂର୍ତି ନିର୍ମାଣର କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ବାସନ୍ତୀ ପୂଜା ଅବସରରେ ୭ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ମଠାଧିଶ ନାଲୁବାବା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସୌଦାଗର ନାଥ, ପ୍ରମୋଦ ନାଥ, ମନୋଜ ସାହୁ, ଉମେଶ ଚନ୍ଦ୍ର ନାଥ, ଶୈଳେନ୍ଦ୍ର ମହନ୍ତ, ସତ୍ୟାନନ୍ଦ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ପାଟନାଳି ପୁନରୁଦ୍ଧାର ପ୍ରକଳ୍ପ ଶିଳାନ୍ୟାସ

**ପଟ୍ଟାମୁଣ୍ଡାଇ,୧୦।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିହାପଡା ପଞ୍ଚାୟତର ତେଲଙ୍ଗାଓ୍ୱସନ୍ତ - ଗଣ୍ଡକୁଳ ପାଟନାଳି ପୁନଃରୁଦ୍ଧାର ପ୍ରକଳ୍ପ ଶୁଭ ଶିଳାନ୍ୟାସ କରାଯାଇଛି। କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ପକ୍ଷରୁ ୧କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତେଲେଙ୍ଗାବସନ୍ତ -ଗଣ୍ଡକୁଳ ପାଟନାଳୀ ପୁନଃରୁଦ୍ଧାର ପ୍ରକଳ୍ପକୁ କେନ୍ଦ୍ରାପଡା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ଶୁଭ ଶିଳାନ୍ୟାସ କରିଥିଲେ।

ଏହି ଉପଲକ୍ଷେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରତିନିଧି ଦୈତାରି ପରିଡା,ପୂର୍ବତନ ସରପଞ୍ଚ ମଥୁରାନନ୍ଦ ଘଡାଇ, ସୁଶାନ୍ତ ପରିଡା,ଜଗନ୍ନାଥ ପ୍ରଧାନ ବୈକୁଣ୍ଠ ସେନାପତି, ବୈରାଗୀ ରାଉତ,ପିତାମ୍ବର ସେନାପତି ଗୋଲକ ପରିଡା, ଚିତ୍ତରଞ୍ଜନ ପରିଡା,ଭଜକୃଷ୍ଣ ସେଠୀ,ନାଗମଣି ଖୁଣ୍ଟିଆ,ନିରାକାର ଲେଙ୍କା ଅଶୋକ ଲେଙ୍କା, ବିଦ୍ୟାଧର ନାୟକ ଓ ଭାରତିବାଳା ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି



ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଡିହାପଡା, ନରସିଂହପୁର, ବଡ଼ମୂଳବସନ୍ତ, ଗାଙ୍ଗପଡା, ଚନ୍ଦନପୁର ଆଦି ୫ଟି ପଂଚାୟତର ହଜାର ହଜାର ଚାଷୀ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

# ଆଦର୍ଶ ଥାନାର ପୁରୁଣା ଗୃହର ପୁନରୁଦ୍ଧାର ଦାବି

**ସାଲେପୁର,୧୦।୩ (ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନ ହେବା ପୂର୍ବରୁ ସାଲେପୁର ଥାନା ଏଠାରେ ସ୍ଥାପନ କରାଯାଇଥିଲା। ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ଅଞ୍ଚଳକୁ ନେଇ ଏହି ଥାନା ବ୍ରିଟିଶ ଅମଳରୁ କାର୍ଯ୍ୟକାରୀ ହୋଇଆସୁଥିଲା। ଉକ୍ତ ସମୟରେ ତିଆରି ହୋଇଥିବା ଘର ଗୁଡିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି। ସାଲେପୁର ଆଦର୍ଶ ଥାନାର ନୂତନ ବିଲ୍ଡିଂ ସ୍ଥାପନ ହେଲାପରେ ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ଏହି ପୁରାତନ କୋଠରୀ ଗୁଡିକ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଅଛି। ଏହି ପୁରାତନ ଗୃହ ଗୁଡିକ ଅନାବନା ଗଛ ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବାବେଳେ ସରୀସୃପମାନଙ୍କର ଏହି ଗୃହ ଏବେ ଆଡ଼ଡାସ୍ଥଳ ପାଲଟିଛି। ଏହି ଗୃହର ପୁନରୁଦ୍ଧାର କରାଯାଇ ଷ୍ଟାଫ୍ କ୍ୱାର୍ଟର ଭାବେ ବ୍ୟବହାର କଲେ ସାଲେପୁର ଥାନାର କର୍ମଚାରୀ କ୍ୱାର୍ଟର ଅଭାବ ପୂର୍ଣ୍ଣ ହେବା ସହ ବ୍ରିଟିଶ ଅମଳର ସ୍ମୃତି ଲୋକଙ୍କ ମାନସ ପଟ୍ଟରେ ସବୁବେଳେ ରହିପାରନ୍ତା।

ପ୍ରକାଶ ଥାଉକି ସାଲେପୁର ଆଦର୍ଶ ଥାନା ଏକ ପୁରୁଣା ଥାନା ହୋଇଥିବାବେଳେ ବ୍ରିଟିଶ ଅମଳରୁ ଏଠାରେ ତିଆରି ହୋଇଥିବା ଥାନାର ଘର ଗୁଡିକ ପୁନରୁଦ୍ଧାର କରାଯାଉନାହିଁ। ଯାହା ଫଳରେ ଏହି ପୁରୁଣା ଘର ଏବେ ଶରୀସୃପମାନଙ୍କ ଆଡ଼ଡାସ୍ଥଳି ପାଲଟିଛି। ଏହି ପୁରୁଣା ଥାନା ପରିସରରେ ବହୁ ପୁରୁଣା ଗାଡ଼ି ଗୁଡିକ ପଡ଼ିରହିଥିବାବେଳେ ଏଗୁଡିକରେ ଗଛଲତା ଭର୍ତ୍ତି ହୋଇଗଲାଣି।



ସେହିପରି ଏହି ଥାନା ପରିସର ସଫା କରାଯାଉନଥିବାରୁ ପୁରୁଣା ଥାନା ପରିସରରେ ବିଷାକ୍ତ ସାପ ରହୁଥିବା କୁହାଯାଇଛି। ଦୀର୍ଘ ୨୦ବର୍ଷ ତଳେ ଏହି ଥାନା କାର୍ଯ୍ୟକ୍ଷମ ଥିଲା। ୨୦ବର୍ଷ ତଳେ ଥାନା ଭିତରେ ଜବତ ହୋଇ ପୂର୍ବରୁ ରହିଥିବା କିଛି ବୋମା କୌଣସି କାରଣରୁ ଫୁଟିବାରୁ ଏହି ଘରର ଗୋଟିଏ ଅଂଶ ସମ୍ପୂର୍ଣ୍ଣ ଉଡ଼ି ଭାଙ୍ଗିଯାଇଥିଲା। ଏହା ପର ଠାରୁ ଏହି ଥାନା ଆଉ କାର୍ଯ୍ୟକ୍ଷମ ହେଉନାହିଁ। ଥାନା ଆଗରେ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ୍ ପକ୍ଷରୁ ନୂତନ ଘର ନିର୍ମାଣ କରାଯାଇ ଏଠାରେ ଆଦର୍ଶ ଥାନା ଚାଲୁଅଛି। ଥାନା ପରିସରରେ ଥିବା ପୁଲିସ କ୍ୱାର୍ଟର ଗୁଡିକ ଭାଙ୍ଗିରୁଜି ଗଲାଣି। ଏଗୁଡିକ ନିର୍ମାଣ କରାଯାଉନାହିଁ। ଯାହା ଫଳରେ ପୁଲିସ କର୍ମଚାରୀମାନେ ଏଠାରେ ପରିବାର ସହ ରହିବାରେ ସମସ୍ୟା ସୃଷ୍ଟି ହୋଇଛି।

## ଆକ୍ସନ ମୋଡ୍‌ରେ କେନ୍ଦ୍ରାପଡ଼ା ପ୍ରଶାସନ

# ବାଲି ଖାଦାନ ଉପରେ ଚଢ଼ାଉ,ମେସିନ ଜବତ



**କେନ୍ଦ୍ରାପଡ଼ା,୧୦।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ବେଆଇନ ଭାବେ କେତେକ ବାଲି ଖାଦାନ ଚାଲୁଥିବା ଏବଂ ଚୋରାରେ ବାଲି ମାଟି ଚାଲାଣ ହେଉଥିବାର ଅଭିଯୋଗ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଗାଡି ଏବଂ ମେସିନ ଜବତ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଓ ଆଳି ତହସିଲ ଅନ୍ତର୍ଗତ ପଦନିପାଳ ବାଲି ଖାଦାନରେ ଚଢାଉ କରି ପୋକଲିନ ମେସିନ ଜବତ କରି ପଟ୍ଟାମୁଣ୍ଡାଇ ଏସଡିପିଓଙ୍କୁ ହସ୍ତାନ୍ତର କରାଯାଇଛି । ଏଥି ସହିତ ଅନ୍ୟ ଖାଦାନ ଗୁଡିକରେ ମେସିନ ଜବତ କରିବା ସହ ଜରିମାନା କରାଯାଇ ଥିବା ଜଣାପଡିଛି ।

## ପ୍ରଶାସନ ଭାଙ୍ଗିଲା ବେଆଇନ ଇଟାଭାଟି



କେନ୍ଦ୍ରାପଡା ତହସିଲ ଅଂଚଳର ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ହେଉଥିବାର ଜଣାପଡିବା ପରେ ତହସିଲଦାର ତାପସ ରଂଜନ ଦେହୁରି ଆରଆଇ ଓ ସୁପର ଭାଇଜରଙ୍କ ସହ ତଦନ୍ତ କରି ଗରାପୁର ରେ ବେଆଇନ ଭାବେ ନିର୍ମାଣ ହେଉଥିବା ୩ଟି ଇଟାଭାଟି ଉପରେ ଗାଡି ଚଢାଇ ଇଟା ଭାଙ୍ଗିଥିବା ବେଳେ ଆଉ ୪ଟି ଇଟାଭାଟି ଉପରେ ପାଣି ମାରି ଇଟା ନଷ୍ଟ କରିଛନ୍ତି । କେନ୍ଦ୍ରାପଡା ସହର ସଂଲଗ୍ନ ଗୋବରୀ କୂଳରେ ଥିବା ଏହି ଇଟାଭାଟି ଗୁଡିକ ବେଆଇନ ଭାବେ ନିର୍ମାଣ କରି ଜନବସତି ରେ ଏହାର କୁ ପ୍ରଭାବ ପଡୁଛି । ଏହି ଇଟାଭାଟି ମାଲିକଙ୍କ ନିକଟରୁ ୫୦ ହଜାର ଟଙ୍କା ଜରିମାନା ଦାୟ କରିଥିବା ସୂଚନା ମିଳିଛି ।

# ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ

**ମହାକାଳପଡ଼ା,୧୦।୩ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟଠାରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଯୁକ୍ତ୩ ବାଳିକା ଆତ୍ମରକ୍ଷା କୌଶଳ ଶିବିରର ଉଦଯାପନୀ ଦିବସ ପାଳିତ ହୋଇଯାଇଛି। ଉକ୍ତସଭାରେ ଅଧ୍ୟକ୍ଷା ପ୍ରଫେସର ସୁଲୋଚନା ଦାଶ ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ସମାଜରେ ବାଳିକା ଆତ୍ମରକ୍ଷା କୌଶଳର ଗୁରୁତ୍ୱରୋପ କରିଥିଲେ। ବାଳିକା ଆତ୍ମରକ୍ଷା କୌଶଳର ସଂଯୋଜିକା ପ୍ରଫେସର୍ ଇତିଶ୍ରୀ ସେଠୀ ଆତ୍ମରକ୍ଷା କୌଶଳ ପଛରେ ସରକାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ସାହୁ ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଉକ୍ତ ସଭାକୁ ସୁପରିଚାଳନା ନିମନ୍ତେ ପ୍ରଫେସର୍ ଶ୍ରୀକାନ୍ତ କୁମାର ନନ୍ଦ ଗୁରୁଦାୟିତ୍ୱ ବହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଜୟନ୍ତୀ ସାହୁ, ଜୁହି ପଣ୍ଡା, ଅନିଗ୍ରେସ ଖ୍ୱାଡେକା ଏବଂ ବହୁ ଛାତ୍ରୀ ମାନେ ଭାଗ ନେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅଧ୍ୟକ୍ଷା ମହୋଦୟା ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ଜୁହି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ବୋଝେଇ ହାଇୱା ଜବତ

**ଡେରାବିଶ,୧୦।୩ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜରାସ୍ତାରେ ଆଜି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ହାଇୱାକୁ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଗଣେଶପୁର ନିକଟ



ଜବତ କରିଛନ୍ତି। ଏହି ସମୟରେ ଭୟରେ ଡ୍ରାଇଭର ଜଣକ ଗାଡ଼ି ରାସ୍ତାରେ ଛାଡ଼ି ଚମ୍ପଟ ମାରିଥିବା ଜଣାଯାଇଛି। ଚୋରା ବାଲି ଚାଲାଣକାରୀ ହାଇୱା ସମ୍ପର୍କରେ ତହସିଲଦାର ଶ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଲେ ଆମେ ଏହି ଗାଡ଼ିକୁ ଜବତ କରି ପୋଲିସ ଜିମା ଦେଇଛୁ ଓ ମାଇନ୍ସ ଅଧିକାରୀଙ୍କୁ ରିପୋର୍ଟ ଦେଇଛୁ।

# ତେର ଗାଁରେ ଉତ୍କଟ ପାନୀୟ ଜଳ ସମସ୍ୟା

### ନଳକୂପରୁ ବାହାରୁଛି ହଳଦିଆ ପାଣି

### ବିଡିଓଙ୍କୁ ଭେଟିଲେ ମହିଳା

**ମହାକାଳପଡ଼ା,୧୦।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ତେର ଗାଁ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି। ଗ୍ରାମରେ ଥିବା ନଳକୂପ ବିପର୍ଯ୍ୟସ୍ତ ହୋଇପଡିଛି। ନଳକୂପରୁ ଲୁଣି ପାଣି ବାହାରୁଛି। କେଉଁ ନଳକୂପ କଣା ହୋଇଗଲାଣି ତ ଆଉ କେଉଁ ନଳକୂପରୁ ହଳଦିଆ ପାଣି ବାହାରୁଛି। ଯାହା ପିଇବା ପାଇଁ ଅନୁପଯୁକ୍ତ। ଯାହାକୁ ବ୍ୟବହାର



କରି ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଗ୍ରାମରେ ପାଣି ଆସିବା ପାଇଁ ପାଇପ୍ ବିଛାଯାଇଛି ହେଲେ ପାଣି ଆସୁନି। ନଳକୂପ ପାଣି ଲୁଣି ହେତୁ ଲୋକମାନେ ନଦୀର ଜଳକୁ ରୋଷେଇ ଓ ପାନୀୟ ଜଳ ଭାବରେ ବ୍ୟବହାର କରି ଆସୁଥିଲେ। ହେଲେ ଏବେ ଖରାଦିନ ହେତୁ ନଦୀର ପାଣି ଲୁଣି ଯାହା ଆଉ ବ୍ୟବହାର ଯୋଗ୍ୟ ନୁହେଁ। ଖରାଦିନ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଆଜି ଗ୍ରାମର ୧୪ ଓ ୧୫ ନମ୍ବର ୱାର୍ଡ ର ୨୦ରୁ ଉର୍ଦ୍ଧ୍ୱ ମହିଳା ମହାକାଳପଡ଼ା ବିଡ଼ିଓଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ବିଡ଼ିଓଙ୍କୁ ଦେଖାଇବା ପାଇଁ ବୋତଲରେ ପାଣି ଧରି ସାଙ୍ଗରେ ନେଇକି ଯାଇଥିଲେ। ବଡ଼ ପଞ୍ଚାୟତ ହେତୁ ଲୋକମାନେ ଜଳକଷ୍ଟ ଭୋଗୁଛନ୍ତି, ଯାହାକୁ ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ ମହିଳାମାନେ। ମହିଳାଙ୍କ ଅଭିଯୋଗ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଶୁଣି ବିପର୍ଯ୍ୟସ୍ତ ନଳକୂପ ମରାମତି ଓ ଆସନ୍ତାକାଲି ଠାରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ପଟ୍ଟାମୁଣ୍ଡାଇକୁ ବିଧାନସଭା ନିର୍ବାଚନମଣ୍ଡଳୀ ମାନ୍ୟତା ଦାବି

**ପଟ୍ଟାମୁଣ୍ଡାଇ,୧୦।୩ (ସଂଚାର ବ୍ୟୁରୋ):** ପଟାମୁଣ୍ଡାଇକୁ ପୂର୍ନବାର ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟତା ଦେବା ପାଇଁ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରାଜନେତା ଡ.ବାସୁଦେବେ ପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ.କେଳୁ ଚରଣ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯୋଧନ ପରିଡା, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ରମେଶ ଚନ୍ଦ୍ର ଜେନା, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର ଗୋଲେଖ ଚନ୍ଦ୍ର ମହାରଣା,କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଚର୍ତୁଭୂଜ ରାଉଳ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, ରାଜନେତା ଆଡଭୋକେଟ ବିର କିଶୋର ଦାସ,ସଂଗ୍ରାମ କେଶରୀ ରାଉତ, ଇଂ ତ୍ରିଲୋଚନ ସୁତାର, ଇଂ ଗୁଣଧର ସାମଲ, ଇଂ ତପନ କୁମାର ପାତ୍ର, ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ଦାଶ, ସମାଜସେବୀ ନୃସିଂହ ପ୍ରସାଦ ଚୌଧୁରୀ,ବିଜୟ କୁମାର ମହାନ୍ତି, ଶିକ୍ଷାବିତ ବିଜୟ କୁମାର ରାଉତ, ପ୍ରଫୁଲ୍ଲ କୁମାର ପ୍ରଧାନ, ଭୀମସେନ ପରିଡା,ଗର୍ନ୍ଧବ ଲେଙ୍କା, ନାରାୟଣ ରାଉଳ ପ୍ରମୁଖ ଯୋଗଦାନ କରି ପଟାମୁଣ୍ଡାଇ ର ସମସ୍ତ ଉନ୍ନତ ଭିତ୍ତିଭୂମି ଥାଇ ଦ୍ରୁତଗତିରେ ବିକଶିତ ହେଉଥିବା ଜିଲ୍ଲା ସ୍ତରୀୟ ତଥା ରାଜ୍ୟ ସ୍ତରୀୟ ବ୍ୟବସାୟୀକ ପେଣ୍ଠସ୍ଥଳୀ ହୋଇଥିବାବେଳେ ହୀନ ଚକ୍ରାନ୍ତର ଶିକାର ହୋଇ ୨୦୦୮ ମସିହାରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବରେଏହାର ନାମକୁ ଲୁପ୍ତ କରାଯାଇଥିବାରୁ ବକ୍ତାମାନେ ଏହାର ଦୃଢ ନିନ୍ଦା କରିଥିଲେ।

ଗଣମାଧ୍ୟମର ପ୍ରକାଶିତ ଖବର ଅନୁସାରେ ସରକାର ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ କମିଟି ମାଧ୍ୟମରେ ନୂତନ ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ଯାଉ ଥିବାରୁ ସବୁ ପ୍ରକାର ମାନଦଣ୍ଡ ପୂରଣ କରୁଥିବା ଦ୍ରୁତଗତିରେ ବିକଶିତ ହେଉଥିବା ପଟାମୁଣ୍ଡାଇକୁ ପୂର୍ନବାର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାବେ ଘୋଷଣା କରିବାକୁ ଦୃଢ ଦାବୀ ଉପସ୍ଥାପନ କରିଥିଲେ । ଶେଷରେ ସଭ୍ୟ ଶିକ୍ଷାବିତ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲକାଟୀରେ ଚୋରି

# ଗ୍ରୀଲ ତାଡ଼ି ଲୁଟିନେଲେ



**ଆଳି,୧୦।୩ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ବାଲକାଟୀ ପଂଚାୟତର ବାଲକାଟୀ ଗ୍ରାମର ପତିତପାବନ ସାହୁଙ୍କ ଘରୁ ଚୋରି ହୋଇଛି । କଳା କନା ବୁଲାଇଛନ୍ତି ଚୋର। ଚୋରି ଏବେ ଅଞ୍ଚଳ ପାଇଁ ନୀତିଦିନ ଘଟଣାରେ ପରିଣତ ହୋଉଥିବା ବେଳେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛନ୍ତି। ଘରେ କେହି ନଥିବା ସୁଜଗ ନେଇ ରାତିରେ କିଛି ଦୁର୍ବୃତ୍ତ ତାଲା କାଟି ଲୁହା ଗ୍ରିଲ ତାଡି ଏଭଳି ଘଟଣା ଭିଆଇଛନ୍ତି । ଚୋରମାନେ ତାଙ୍କ ଘରର ମୁଖ୍ୟ କବାଟର ତାଲାକୁ କାଟି ଘରଭିତରକୁ ଯାଇ ଗଡ଼ରେଜ ତାଡି ସେଥିରେ ଥିବା ଆନୁମାନିକ ଦଶ ଲକ୍ଷ ଟଙ୍କାର ସୁନା, ୭୫୦ ଗ୍ରାମର ରୁପା ଅଳଙ୍କାର ସହିତ ନଗଦ ତିରିଶ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ତାଙ୍କ ଭାଇ ପଦ୍ମଲୋଚନ। ଚୋର ମାନେ ଚୋରି ସମୟରେ ତାଙ୍କ ଏକ ଗାମୁଛା ଛାଡ଼ି ଦେଇ ଯାଇଥିବା ବେଳେ ଏହାକୁ ଲକ୍ଷ୍ୟ କରି ପଦ୍ମଲୋଚନ ସନ୍ଧାନୀ କୁକୁର ଆଣି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ପୁଲିସ ପାଖରେ ଅନୁରୋଧ କରିଛନ୍ତି । ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବାରମ୍ବାର ଏହିପରି ଚୋରି ଓ ଡକାୟତି ଘଟଣାକୁ ନେଇ ଆଳି ବାସୀଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

# ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ

**କେନ୍ଦ୍ରାପଡ଼ା,୧୦।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ହେବା ପରଠୁ ଗତ ୮ ଭିତରେ ୫୪ଟି ଗଣ ବଳାତ୍କାର ଘଟଣା ସରକାରଙ୍କ ଆଇନ୍ ଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମହିଳାଙ୍କ ମସିହା



ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଛି। ଏହି ଭଳି ଅନେକ ପ୍ରସଙ୍ଗକୁ ଭିତ୍ତି କରି ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ସ୍ଥିତି ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଦାସଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ୍ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରଯାଇଛି। କଂଗ୍ରେସ ଦଳର ସ୍ଥାନୀୟ ନେତୃ ବୃନ୍ଦ ସମସ୍ତ ବିଧାନସଭା ପ୍ରାର୍ଥୀ କେନ୍ଦ୍ରାପଡ଼ାରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଏକଜୁଟ ହୋଇ କେନ୍ଦ୍ରାପଡ଼ା କଜଳା ସ୍ଥିତ କଂଗ୍ରେସ ଭବନ ଠାରୁ ବିରାଟ ପଦ ଯାତ୍ରାରେ ଆସି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ପଦ ଯାତ୍ରାରେ ବହୁ ଲୋକ ଯୋଗ ଦେଇଥିଲେ ଓ କପାଳେଶ୍ୱର ପଞ୍ଚାୟତରେ ଜୈନିକ ମହିଳାଙ୍କୁ ଉଲଗ୍ନ କରିବା ଘଟଣାରେ ନ୍ୟାୟ ପାଇଁ ପୀଡିତାଙ୍କ ଝିଅ ସଭାରେ ପହଞ୍ଚି ନ୍ୟାୟ ଭିକ୍ଷା କରିଥିଲେ।

# ମହିଳାଙ୍କୁ ନ୍ୟାୟ ପାଇଁ ଗର୍ଜିଲା କଂଗ୍ରେସ

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର, ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ ଭଳି ବଢ଼ିଚାଲିଥିବା ବେଳେ ଏହାର ପ୍ରତିବାଦରେ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ



କ୍ରମେ ରାଜ୍ୟବ୍ୟାପୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ଶ୍ରୀ ଦାସ କହିଛନ୍ତି ଯେ ଆଜି ରାଜ୍ୟରେ ମହିଳାମାନେ ନିଜକୁ ସମ୍ପୂର୍ଣ୍ଣ ଅସୁରକ୍ଷିତ ମଣୁଛନ୍ତି। ମହିଳାଙ୍କୁ ସୁରକ୍ଷା ଦେଇପାରୁନଥିବା ରାଜ୍ୟ ସରକାର ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି କିନ୍ତୁ କଂଗ୍ରେସ କଦାପି ଏହାକୁ ବରଦାସ୍ତ କରିବ ନାହିଁ। ରାଜ୍ୟରେ ଗତ ୮ ମାସରେ ୫୪ଟି ଗଣଧର୍ଷଣ, ଧର୍ଷଣ ଓ ଧର୍ଷଣଜନିତ ମୃତ୍ୟୁ ଘଟିଛି। ରାଜ୍ୟରେ ମହିଳାମାନଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ପୂର୍ବତନ ସଭାପତି ଜୟଦେବ ଜେନା ସୁଭଦ୍ରାରେ ମହିଳାଙ୍କୁ ୫ ହଜାର ଟଙ୍କା ଦେଇ ନିଜକୁ ଭଗବାନ ମଣୁଥିବା ଡବଲ ଇଞ୍ଜିନ ସରକାର ରାଜ୍ୟର ଶହ ଶହ ସୁଭଦ୍ରାଙ୍କ ପ୍ରତି ହେଉଥିବା ଅତ୍ୟାଚାର ନେଇ କ'ଣ ପାଇଁ ଚୁପ୍ ରହିଛି ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ 'ବେଟୀ ପଢ଼ାଓ ବେଟୀ ବଚାଓ'ର ନାରା ଆଜି କେବଳ ନାରାରେ ରହିଯାଇଛି। ଏହା କ'ଣ ଏକ ଡବଲ୍ ଇଞ୍ଜିନ୍ ସରକାର ଲକ୍ଷଣ ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଆଇନର ଡଗାଲୁ ଜଣେ ମହିଳାଙ୍କ ହାତରେ ଥିଲେ ମଧ୍ୟ ଡବଲ ଇଞ୍ଜିନ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ରାଜ୍ୟରେ ଆଦିବାସୀ ସ୍କୁଲ ଛାତ୍ରଙ୍କ ପ୍ରତି ହେଉଥିବା ନିର୍ଯାତନା ସାରା ଦେଶରେ ରାଜ୍ୟକୁ ବଦନାମ କରିଛି। ଏବେ ନା ମୁଖ୍ୟମନ୍ତ୍ରୀ ନା ବିଜେପିର କେହି ନେତା ମୁହଁ ଖୋଲୁଛନ୍ତି। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ମହିଳାମାନଙ୍କ ପ୍ରତି ହେଉଥିବା ସଙ୍ଗିନ ଅପରାଧ ଓ ଅତ୍ୟାଚାର ବିଜେପିର ମନୁବାଦୀ ଚିନ୍ତାଧାରା ମୁଖ୍ୟ କାରଣ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇଥିବା [illegible] ଓ ବେଦାଶିଷ ପଟ୍ଟନାୟକ ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ।



ରାଜଭବନରେ ଆଇଜି ସୀମାନ୍ତ ହେଡ୍‌କ୍ୱାର୍ଟର (ସ୍ପେଶାଲ ଅପରେସନ) ଓ ଓଡ଼ିଶା ବିଏସ୍‌ଏଫ୍ ମୁଖ୍ୟ ଚାରୁଧ୍ୱଜ ଅଗ୍ରୱାଲ ଦୁଇଜଣିଆ ଟିମ୍ ସହ ରାଜ୍ୟପାଳଙ୍କୁ ଭେଟିଛନ୍ତି।

# ସାଂସଦ ଓ ବିଧାୟକଙ୍କ ନାମରେ ୩୯ଟି ଫୌଜଦାରୀ ମାମଲା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ସୋମବାର ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିଥିବା ତଥ୍ୟାନୁସାରେ ରାଜ୍ୟର ପୂର୍ବତନ ଏବଂ ଏବର ସାଂସଦ ଓ ବିଧାୟକଙ୍କ ବିରୋଧରେ ୩୯ଟି ଫୌଜଦାରୀ ମାମଲା ରହିଛି। ଏଥିସହ ସେମାନଙ୍କ ନାମରେ ୨୨ଟି ଅନ୍ୟାନ୍ୟ ମାମଲା ମଧ୍ୟ ରହିଛି ବୋଲି ଆଜି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥାପନ କରିଥିବା ଲିଖିତ ଉତ୍ତରରେ ଏହା ଦର୍ଶାଇଛନ୍ତି। ଏହି ତଥ୍ୟ ଅନୁସାରେ, ପୂର୍ବତନ ଓ ଏବର ବିଧାୟକ ମୋଟ ୧୧୫ଟି ମାମଲା ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ବିରୁଦ୍ଧରେ ୪୧୮ଟି ଫୌଜଦାରୀ ମାମଲା ରୁଜୁ ହୋଇଛି। ଏମଧ୍ୟରୁ ୩୮୪ଟି ମାମଲା ବର୍ତ୍ତମାନ ବିଚାରାଧୀନ ଥିବା ବେଳେ ୧୪ଟି ମାମଲାରେ ବିଚାର ସମାପ୍ତ ହୋଇଛି। ଏଥିସହ ୪୩ଟି ମାମଲାର ତଦନ୍ତ ଜାରି ରହିଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ୧୮୮ଟି ସମ୍ପୂର୍ଣ୍ଣ ରାଜନୈତିକ ହୋଇଥିବା ବେଳେ ଜନପ୍ରତିନିଧିଙ୍କ ଏପରି ଆଇନଗତ ଜଞ୍ଜାଳ ଓଡ଼ିଶାରେ ନିର୍ବାଚିତ ଅଧିକାରୀଙ୍କ ଦାୟିତ୍ୱ ଓ ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୧୪ ବର୍ଷ ପରେ ମୁକୁଳିଲେ ହତ୍ୟା ଅଭିଯୁକ୍ତ

## ୧୭ ବର୍ଷ ତଳର ଦଣ୍ଡାଦେଶ ରାୟ ହାଇକୋର୍ଟରେ ଖାରଜ

**କଟକ,୧୦।୩(ସଂଚାର ବ୍ୟୁରୋ):** ୪୨ ବର୍ଷୀୟ ହତ୍ୟା ଅପରାଧୀ ମଦନ କହଁରଙ୍କୁ ଅପରାଧ ସାବ୍ୟସ୍ତ କରିବା ସକାଶେ ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ଦର୍ଶାଇ ୧୪ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଥିଲା। ମଦନ ମଧ୍ୟ ଦୀର୍ଘ ୧୪ ବର୍ଷ ଜେଲ୍‌ରେ କାଟିଥିଲେ। ତେବେ ବର୍ତ୍ତମାନ ତାଙ୍କୁ ହତ୍ୟାକାରୀ ପ୍ରମାଣିତ କରିବା ସକାଶେ ଯଥେଷ୍ଟ ପ୍ରମାଣ ନ ଥିବା ଦର୍ଶାଇ ଓଡ଼ିଶା ହାଇକୋର୍ଟ ତାଙ୍କୁ ମୁକ୍ତ କରିଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଓ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଗତ ଶୁକ୍ରବାର ମଦନଙ୍କୁ ୨୦୦୮ରେ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶ ସଂକ୍ରାନ୍ତ ରାୟକୁ ଖାରଜ କରିଛନ୍ତି। କନ୍ଧମାଳ ଜିଲ୍ଲାର ତିତ୍ରପଙ୍ଗା ଗାଁର ବାସିନ୍ଦା ମଦନଙ୍କୁ ଏକ ବିବାଦ ପରେ ମହିଳାଙ୍କୁ କୁରାଢ଼ିରେ ଆକ୍ରମଣ କରି ହତ୍ୟା କରିବା ଅଭିଯୋଗରେ ୨୦୦୫ ଏପ୍ରିଲ୍ ୧୩ ତାରିଖରେ ଗିରଫ କରାଯାଇଥିଲା। ଏ ସମ୍ପର୍କରେ ଖଜୁରିପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର କରି ଫୁଲବାଣୀର ଏକ ଟ୍ରାଏଲ୍ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଗତ ୨୦୦୮ ଜାନୁଆରୀ ୨ ତାରିଖରେ ଆଜୀବନ କାରାଦଣ୍ଡ ଦେଇଥିଲେ। କିନ୍ତୁ ମଦନ ୧୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲରେ ରହିବା ପରେ ତାଙ୍କୁ ଗତ ୨୦୧୯ ଏପ୍ରିଲ୍ ୧୯ରେ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ସେ ୨୦୦୮ ଏପ୍ରିଲ୍ ୭ରେ ଟ୍ରାଏଲ୍ କୋର୍ଟଙ୍କ ରାୟ ବିରୋଧରେ ଜେଲ୍ ଫୌଜଦାରୀ ଆବେଦନ ଦାଖଲ କରିଥିଲେ। ଏହି ମାମଲାରେ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟରେ ଅସଙ୍ଗତି, ପ୍ରମାଣ ଆବିଷ୍କାରରେ ଅସଙ୍ଗତି ଏବଂ ଅନିଶ୍ଚିତ ଫରେନ୍ସିକ୍ ଫଳାଫଳ ସାମୂହିକ ଭାବେ ଏକ ଅଖଣ୍ଡ ପରିସ୍ଥିତି ପ୍ରତିଷ୍ଠା କରିବାରେ ବିଫଳ ହୋଇଛି ଯାହା କେବଳ ଆବେଦନକାରୀଙ୍କ ଦୋଷ ପାଇଁ ଦାୟୀ ବୋଲି ଉପରୋକ୍ତ ଖଣ୍ଡପୀଠ ଗତ ୭ ତାରିଖରେ ତାଙ୍କ ଆବେଦନଲ ଉପରେ ରାୟ ପ୍ରଦାନ କରିବା ସମୟରେ କହିଛନ୍ତି। ଏଥିସହ କଥିତ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟରେ ଅବିଶ୍ୱସନୀୟ ନିର୍ଭରଯୋଗ୍ୟତା ପାଇଁ ଆବଶ୍ୟକ ଷ୍ଟର୍ଲିଂ ଗୁଣବତ୍ତାର ଅଭାବ ଅଛି। ଏହାବ୍ୟତୀତ ପୋଷ୍ଟମର୍ଟମ୍ ରିପୋର୍ଟ ମୃତ୍ୟୁର ହତ୍ୟା ପ୍ରକୃତିକୁ ନିଶ୍ଚିତ କରିବା ସତ୍ତ୍ୱେ ଏହା ଆବେଦନକାରୀଙ୍କୁ ଅପରାଧ ସହିତ ନିର୍ଣ୍ଣାୟକ ଭାବରେ ଲିଙ୍କ୍ କରେ ନାହିଁ। ତେଣୁ ନିର୍ଦ୍ୱନ୍ଦ୍ୱ ଓ ଅକାଟ୍ୟ ପ୍ରମାଣର ଅନୁପସ୍ଥିତିରେ ସନ୍ଦେହର ଲାଭ ନିଶ୍ଚିତ ଭାବରେ ଆବେଦନକାରୀଙ୍କ ସପକ୍ଷରେ ଯିବା ଉଚିତ, କାରଣ କେବଳ ସନ୍ଦେହ କିମ୍ବା ଦୁର୍ବଳ ପରିସ୍ଥିତିଗତ ପ୍ରମାଣ ଉପରେ କାହାକୁ ବି ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

# ଓସ୍ପ ପାଳିଲା ଅନ୍ତର୍ଜାତୀୟ ମହିଳା ଦିବସ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ସଂଗଠନ ଓ୍ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ଓ୍ୱେଲଫିଅର (ଓସ୍ପ) ପକ୍ଷରୁ ସୁନ୍ଦରପଦାସ୍ଥିତ ହାଇଟେକ ଆନେକ୍ସ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ସମ୍ପାଦିକା ଜ୍ୟୋତ୍ସ୍ନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଖଣି ନିର୍ଦ୍ଦେଶକ ଅରୁଣ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜସେବୀ ଲକ୍ଷ୍ମୀ ରାଣୀ ଭଟ୍ଟାଚାର୍ଯ୍ୟ ଆଜିର ମହିଳାମାନେ ସମାଜ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାମ୍ପ୍ରତିକ ସ୍ଥିତିରେ ମହିଳାଙ୍କ ଭୂମିକା ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରୀତା ପଣ୍ଡା, ସୁଜାତା ମିଶ୍ର, ମମତା ମହାନ୍ତି, ରାଜକୁମାରୀ ଜେନା, ଅରୁଣା ମିଶ୍ର, ପ୍ରଭା ସ୍ୱାଇଁ, କବିତା ମହାନ୍ତି, ଗୀତା ପଣ୍ଡା, ସଂଘମିତ୍ରା ମହାପାତ୍ର, ପ୍ରତିମା ମହାରଣା, ସବିତା ମହାରଣା, ଜ୍ୟୋତ୍ସ୍ନା ନାୟକ, ଝୁନୁ ମହାରଣା, କୁମୁଦିନୀ ମହାନ୍ତ, ରାଧାକାନ୍ତ ମିଶ୍ର, ସବ୍ୟସାଚୀ ମିଶ୍ର, ରମାକାନ୍ତ ସୁବୁଦ୍ଧି, ମଧୁ ପଣ୍ଡା, ମନୋଜ ଜେନା, ଲକ୍ଷ୍ମୀ ପ୍ରସାଦ ମହାନ୍ତି, ନିରଞ୍ଜନ ପଣ୍ଡା, ହରିବନ୍ଧୁ ସାହୁ, ଆଶିଷ ଅଂଶୁମାନ ପାତ୍ର ଉପସ୍ଥିତ ଥିଲେ। ଶେଷରେ ମହିଳାମାନେ ସମାଜର ସୁରକ୍ଷା ପାଇଁ ଶପଥପାଠ କରିଥିଲେ।



# କଳିଙ୍ଗ ସେନାର ଅଭିଯୋଗ; ବହି ଛାପି ଖାଇଗଲେ ୧୬ କୋଟି

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର ଷ୍ଟଡିଜ୍ ଇନ୍ କ୍ଲାସିକାଲ ଓଡ଼ିଆ (ସେସ୍କୋ) ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଉପରେ ବିଭିନ୍ନ ଗବେଷଣା ସହ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରାଚୀନତାକୁ ପ୍ରମାଣିତ କରିବା, ଶିଳାଲେଖ, ତମ୍ବାପଟା ସନନ୍ଦ, ତାଳପତ୍ର ପୋଥିର ପାଠ, ସଂରକ୍ଷଣ ଓ ପ୍ରଚାର ପ୍ରସାର ଦାୟିତ୍ୱରେ ରହିଛି। ଏଥିପାଇଁ ଗତ ୨୦୧୯ରେ ରାଜ୍ୟ ସରକାର ୫ ବର୍ଷ ପାଇଁ ୧୬ କୋଟି ୫ ଲକ୍ଷ ୧୧୫୮୦ ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ୬ଟି ବିଷୟରେ ୩ ବର୍ଷ ତଳୁ ୬ଟି ପୁସ୍ତକ ଛପା ହୋଇଥିଲେ ମଧ୍ୟ ଏହା କୌଣସି କାମରେ ଲାଗିପାରୁନାହିଁ। ଏଥିରେ ଗବେଷଣା ପାଇଁ କୌଣସି ତଥ୍ୟ ନାହିଁ କି ଏହା ବଜାରରେ ମଧ୍ୟ ମିଳୁନାହିଁ। ବରଂ ପୂର୍ବ ପ୍ରକାଶିତ ବହିକୁ କପି କରି ବିଭାଗୀୟ ଅଧିକାରୀମାନେ ଏ ବାବଦରେ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚଳୁ କରିଥିବା ଅଭିଯୋଗ ଆଣିଛି କଳିଙ୍ଗ ସେନା।

ସେନାର ମୁଖ୍ୟ ହେମନ୍ତ ରଥ କହିଛନ୍ତି ଯେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ଓଡ଼ିଆ ପରିବର୍ତ୍ତେ ତାମିଲ ଭାଷାର ପ୍ରଚାର ପ୍ରସାରରେ ମାତିଛି। ଏଥିପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଗତ ୨୦୨୨ରେ ସେସ୍କୋ ଅର୍ଥରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟାଙ୍କ ପୁସ୍ତକର ଲୋକାର୍ପଣ ଉତ୍ସବ ସହ ଆଲୋଚନାଚକ୍ରର ଆୟୋଜନ କରିଥିଲେ। ଗୋଟିଏ ପଟେ ଓଡ଼ିଆ ବ୍ୟାକରଣ ସମ୍ବନ୍ଧୀୟ ଶହ ଶହ ପ୍ରାଚୀନ ତାଳପତ୍ର ପୋଥି ଖତ ଖାଉଥିବାବେଳେ ତାମିଲ ବ୍ୟାକରଣକୁ ଓଡ଼ିଆରେ ଅନୁବାଦ କରି ୫ କୋଟି ଓଡ଼ିଆଙ୍କ ଟିକସ ଟଙ୍କା ଧ୍ୱଂସ କରାଯାଇଛି। ସେହିପରି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିଯୁକ୍ତିରେ ସବୁଠୁ ବଡ଼ ଦୁର୍ନୀତି ହୋଇଛି। ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କର ଏହି ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ବି ନାହିଁ। ତା'ଛଡ଼ା ଗବେଷଣା ନେଇ ମଧ୍ୟ ତାଙ୍କ ପାଖରେ ଅଭିଜ୍ଞତା ନାହିଁ ବୋଲି ଶ୍ରୀ ରଥ ଅଭିଯୋଗ କରିଛନ୍ତି। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କୁଳପତି ତଥା ୪୦ରୁ ଊର୍ଦ୍ଧ୍ୱ ୟୁଜିସି ଗବେଷକଙ୍କ ଗାଇଡ ଥିବା ବିଶିଷ୍ଟ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ଅଣଦେଖା କରାଯାଇ ଡକ୍ଟର ବସନ୍ତ ପଣ୍ଡାଙ୍କୁ ନିଯୁକ୍ତି ଦିଆଯିବା ସବୁଠୁ ବଡ଼ ଦୁର୍ନୀତି ହୋଇଥିବା ବେଳେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସକାଶେ ଶ୍ରୀ ରଥ ଦାବି କରିଛନ୍ତି।

# ହୋଲି ପାଇଁ ପୂର୍ବତଟ ରେଳପଥର ସ୍ୱତନ୍ତ୍ର ଟ୍ରେନ୍

**ହୋଲି ସ୍ୱତନ୍ତ୍ର ଟ୍ରେନ**
- ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ)
- ପୁରୀ-କୋଲକାତା
- ବିଶାଖାପାଟଣା-ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଯାତ୍ରୀ ଭିଡକୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଅଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ତିନି ଯୋଡି ହୋଲି ସ୍ପେସିଆଲ୍ ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବା ପାଇଁ ଯୋଜନା କରାଯାଇଛି।ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଅଛି। ପର୍ବପର୍ବାଣି ସମୟରେ ଭାରତୀୟ ରେଳବାଇ ଅଧିକ ସଂଖ୍ୟକ ଟିକେଟ୍ ବୁକିଂର ନଜର ରହିଛି।ଯାହା ଫଳରେ ନିୟମିତ ଟ୍ରେନରେ ଟିକେଟ୍ ର ଲମ୍ବା ପ୍ରତୀକ୍ଷା ତାଲିକା ଦେଖିବାକୁ ମିଳୁଛି। ଭାରତୀୟ ରେଳବାଇର ଯାତ୍ରୀ ପ୍ରୋଫାଇଲ୍ ମ୍ୟାନେଜମେଣ୍ଟ ୟୁନିଟ୍ ଯାତ୍ରୀଙ୍କ ଯାତ୍ରା ଅସୁବିଧାକୁ ଦୂର କରିବା ପାଇଁ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ଉପରେ ନଜର ରଖିଛି।ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରାଇବା ବ୍ୟତୀତ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ମାର୍ଗରେ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଅଛି।



ଯଦି, ଏହି ଋତୁରେ ଯାତ୍ରୀମାନେ ନିୟମିତ ଟ୍ରେନରେ ପ୍ରତୀକ୍ଷା ତାଲିକା ସ୍ଥିତି ପାଉଛନ୍ତି, ତେବେ ସେମାନେ ପୂର୍ବତଟ ରେଳପଥ କ୍ଷେତ୍ରାଧିକାରରୁ ଏବଂ ଏହା ମଧ ଦେଇ ଚଳାଚଳ ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ଟ୍ରେନ୍ ଟିକେଟ ବୁକ୍ କରିପାରିବେ।ସ୍ୱତନ୍ତ୍ର ଟ୍ରେନ ନମ୍ବର "0" (ଶୂନ୍ୟ) ସହିତ ଆରମ୍ଭ ହୁଏ ଏବଂ ଯାତ୍ରୀମାନେ ଅନଲାଇନ୍ ଟିକେଟ ପାଇଁ ଆଇଆରସିଟିସି ୱେବ ସାଇଟ ମାଧମରେ କିମ୍ବା କାଉଣ୍ଟର ଟିକେଟ ପାଇଁ ପିଆରଏସ୍ କାଉଣ୍ଟର ଯାଇ ଟ୍ୱିମେଟ ବୁକ କରିପାରିବ ସହ ଟ୍ରେନ ସମ୍ବନ୍ଧରେ ଜାଣିବା ପାଇଁ ଜାତୀୟ ଟ୍ରେନ୍ ସୂଚନା ପ୍ରଣାଳୀ (NTES) ରୁ ସହଜରେ ପାଇପାରିବେ।

ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ବର୍ଥ ଉପଲବ୍ଧ। ଏହି ଋତୁରେ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ ଚଲାଇ ଏବଂ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରି ଅତିରିକ୍ତ ବର୍ଥ ସୃଷ୍ଟି କରୁଅଛି। ଯାତ୍ରୀମାନେ ଆଇଆରସିଟି ୱେବସାଇଟ୍ ଅନୁସରଣ କରି କିମ୍ବା ମୋବାଇଲ୍ ଆପ୍ ମାଧମରେ ଟିକେଟ ବୁକ୍ କରି କିମ୍ବା ପିଆର୍‌ଏସ୍ ଆକାଉଣ୍ଟରରୁ ଟିକେଟ ବୁକ୍ କରିବା ସହ ଅନଲାଇନରେ ସେମାନଙ୍କର ଟିକେଟ ବୁକ୍ କରିପାରିବେ। ପୂର୍ବତଟ ରେଳପଥ ମଧ ସମ୍ପ୍ରତି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବା ବିଷୟରେ ସୂଚନା ଦେଇଛି। ଯାତ୍ରୀମାନେ ପୂର୍ବତଟ ରେଳପଥ ଫେସବୁକ୍ ପେଜ୍ @EASTCOASTRailway ଏବଂ ଟ୍ୱିଟର୍ ଆକାଉଣ୍ଟ @EastCoastRail କୁ ଅନୁସରଣ କରି ସ୍ୱତନ୍ତ୍ର ଟ୍ରେନ୍ ବିଷୟରେ ଜାଣିପାରିବେ।

# ପାଚକ ପାଚିକା ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସଂଘର ତିନି ଜଣ ପ୍ରତିନିଧି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମାନବ୍ୟର ମନ୍ତ୍ରୀ ଭେଟି ୮ ଦଫା ଦାବି ସମ୍ବଳିତ ସ୍ମାରକ ପ୍ରଦାନ କରିଥିଲେ।

ଆମ୍ଭେ "ଓଡ଼ିଶା ମଧାହ୍ନଭୋଜନ ପାଚକ ପାଚିକା ମହାସଂଘ", ସବିନୟ ଦାବି ଜଣାଉଛି ଏହିକିଯେ, ଆଜକୁ ୨୦ ବର୍ଷ ଧରି ଆମ୍ଭେ ଉକ୍ତ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିଲେ ମଧ ଆପଣଙ୍କ ଦ୍ୱାରା ଦିଆଯାଇଥିବା ପ୍ରାପ୍ୟ ଆମ୍ଭମାନଙ୍କୁ ସମୁଦ୍ରକୁ ଶଙ୍ଖେ ସଦୃଶ। ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକ ଆମ୍ଭମାନଙ୍କର ଦିନସାରା ପରିଶ୍ରମ ପାଇଁ ଟ.୬୬.୬୬ ପଇସା ପଡୁଅଛି ଯାହାକି ଆମ୍ଭେ ଠିକ୍ ଭାବେ ପାଉନାହୁଁ। କାରଣ ସରକାର ମାସିକ ଟ.୨୦୦୦/- ଦେଉଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ସୁ-ମଣିଷ ଗଢ଼ିବା ମନ୍ଦିରରେ ଖାଦ୍ୟ ରାନ୍ଧି ଯୋଗାଉଥିବା ଆମ୍ଭ ପାଚକ ସର୍ବନିମ୍ନ ଭୋକ ମେଣ୍ଟାଇବାରେ ସକ୍ଷମ ହେଉନାହାଁନ୍ତି। ଆମ୍ଭେ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଟ.୨୭୫/- ଆମ୍ଭ ପାଇଁ ଲାଗୁ କରାଯାଉ। ଉକ୍ତ ପ୍ରକାରେ ମାସିକ ଟ.୮, ୨୫୦/- ଦରମା ଲାଗୁ କରାଯାଉ। ଆମ୍ଭ ସମସ୍ତଙ୍କ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍ କୋର୍ଡ ଲାଗୁ କରାଯାଉ। ଚିକିତ୍ସା ଭତ୍ତା ସହିତ ଜୀବନ ବୀମାର ସୁବିଧା କରାଯାଉ। ୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ଦିଆଯାଉ। ଆମ୍ଭମାନଙ୍କୁ ବାହାର କରିବାର ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖାଯାଉ। ଆମ୍ଭମାନଙ୍କୁ ଦୈନିକ ମଜୁରୀଆର ସ୍ୱୀକୃତି ଦେଇ, ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯାଉ। ଅବସର ସୀମା ୬୦ ବର୍ଷରୁ ୬୨ ବର୍ଷ କରାଯାଉ। କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଉ।

# ନୂଆ ଆଇଟି ନୀତି ନେଇ ମତ ଲୋଡ଼ିଲେ ସରକାର

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଆଗାମୀ ୨୦୩୬ ସୁଦ୍ଧା ରାଜ୍ୟକୁ ଆଇଟି ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏକ ପାୱାରହାଉସ୍ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ଆଇଟି ନୀତି ପ୍ରସ୍ତୁତ କରିଛନ୍ତି ଏବଂ ଏହା ଉପରେ ଜନସାଧାରଣ ତଥା ହିତାଧିକାରୀଙ୍କ ମତାମତ ଲୋଡ଼ିଛନ୍ତି।

ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି କରି ନିବେଶକଙ୍କ ସୁବିଧାକୁ ପ୍ରୋତ୍ସାହିତ କରିବା ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଗର ସହର ଏବଂ ସହରକୁ ଆଇଟି ଗନ୍ତବ୍ୟସ୍ଥଳ ଭାବରେ ପ୍ରୋତ୍ସାହିତ କରିବା ଏବଂ ଆଇଟି ପାର୍କ ସହିତ ଆବଶ୍ୟକୀୟ ଭିତ୍ତିଭୂମି ସ୍ଥାପନ କରିବାରେ ସାହାଯ୍ୟ କରିବା ଏବଂ ଏହାଦ୍ୱାରା ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ନୂତନ ନୀତି ପ୍ରସ୍ତୁତ କରାଯାଉଛି। ଚିଠା ଅନୁଯାୟୀ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି କରୁଥିବା ଆଇଟି କମ୍ପାନୀଗୁଡିକ କର୍ମଚାରୀଙ୍କ ରାଜ୍ୟ ବୀମା (ଇଏସ୍‌ଆଇ) ଏବଂ କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍) ପାଇଁ ହୋଇଥିବା ଖର୍ଚ୍ଚର ୧୦୦ ପ୍ରତିଶତ ଫେରସ୍ତ ପାଇଁ ହକଦାର ହେବେ। ନୀତିରେ କୁହାଯାଇଛି ଯେ ଯୋଗ୍ୟ ବୈଷୟିକ ତଥା ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କ ପାଇଁ ରାଜ୍ୟରେ ବ୍ୟବସାୟ ଆରମ୍ଭ ହେବା ଦିନଠାରୁ ଇଏସ୍‌ଆଇ ଏବଂ ଇପିଏଫ୍ ପ୍ରତି ନିଯୁକ୍ତିଦାତାର ଅବଦାନର ୧୦୦ ପ୍ରତିଶତ ଫେରସ୍ତ କରାଯିବ।

ରାଜ୍ୟରେ ଆଇଟି ପାର୍କ ସ୍ଥାପନ କରୁଥିବା ସେହି କମ୍ପାନୀଗୁଡିକ ପାଇଁ ପ୍ରଥମ କାରବାରରେ ଷ୍ଟାମ୍ପ ଡ୍ୟୁଟିରୁ ୧୦୦ ପ୍ରତିଶତ ଏବଂ ଜମିର ଲିଜ୍ ଚୁକ୍ତିନାମା କିମ୍ବା ସରକାରଙ୍କ ଦ୍ୱାରା ନିର୍ମିତ ନିର୍ମାଣ ଅଞ୍ଚଳର ଦ୍ୱିତୀୟ କାରବାର ଉପରେ ୫୦ ପ୍ରତିଶତ ରିହାତି ପ୍ରଦାନ କରିବାକୁ ନୀତିରେ ପ୍ରସ୍ତାବ ରହିଛି। ଯୋଗ୍ୟ ଆଇଟି ୟୁନିଟ୍/ଟାୱାର/ପାର୍କକୁ ମଧ୍ୟ ରାଜ୍ୟରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଡ୍ୟୁଟି ଡେୟରୁ ୧୦୦ ପ୍ରତିଶତ ରିହାତି/ଫେରସ୍ତ କରାଯିବ। ରାଜ୍ୟରେ ବ୍ୟବସାୟ ଆରମ୍ଭ ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥାରୁ କିଣାଯାଇଥିବା ଓ ଖର୍ଚ୍ଚ ହୋଇଥିବା ବିଦ୍ୟୁତ୍ ପାଇଁ ୟୁନିଟ୍ ପିଛା ୨ ଟଙ୍କା ଶୁଳ୍କ ଫେରସ୍ତ କରାଯିବ। ଆଇଟି ୟୁନିଟ୍/ଟାୱାର୍/ପାର୍କ ଶିଳ୍ପ ଶୁଳ୍କ ପାଇଁ ଯୋଗ୍ୟ ହେବ। ସେହିଭଳି ଯୋଗ୍ୟ ଆଇଟି ୟୁନିଟ୍/ଟାୱାର/ ପାର୍କକୁ ରାଜ୍ୟ ଜିଏସଟି ଉପରେ ୧୦୦ ପ୍ରତିଶତ ଫେରସ୍ତ କରିବା ଯୋଜନା ରହିଛି।





ନୂତନ ନୀତିର ଅନ୍ୟାନ୍ୟ ଉଲ୍ଲେଖନୀୟ ବ୍ୟବସ୍ଥା ହେଉଛି ୧୦୦ କୋଟିରୁ କମ୍ ବିନିଯୋଗ ଥିବା ୟୁନିଟ୍ ପାଇଁ ସ୍ଥିର ପୁଞ୍ଜି ବିନିଯୋଗର ୩୦ ପ୍ରତିଶତ ଫେରସ୍ତ ହେବାକୁ ଥିବା ବେଳେ ୧୦୦ରୁ ୨୦୦ କୋଟି ମଧ୍ୟରେ ବିନିଯୋଗ ମୂଲ୍ୟର ୨୫ ପ୍ରତିଶତ ଏବଂ ୨୫୦ କୋଟିରୁ ଅଧିକ ନିବେଶ ପାଇଁ ରାଶିର ୨୦ ପ୍ରତିଶତ ଫେରସ୍ତ କରାଯିବ।

ଆଇଟି ଟାୱାର୍ ପାଇଁ ସର୍ବନିମ୍ନ ୭୦ ପ୍ରତିଶତ ବିଲ୍ଟଅପ୍ କ୍ଷେତ୍ରକୁ ଆଇଟି/ଆଇଟିଇଏସ୍ ୟୁନିଟ୍ ବଣ୍ଟନ କରିବାକୁ ପଡ଼ିବ ଏବଂ ସର୍ବାଧିକ ୩୦ ପ୍ରତିଶତ ବିଲ୍ଟଅପ୍ କ୍ଷେତ୍ର ଭିତ୍ତିଭୂମି ସେବା ପାଇଁ ଅନୁମତି ଦିଆଯିବ, ଯେଉଁଥିରେ ସାଧାରଣ ଉପଯୋଗୀ ସେବା, କାଫେଟେରିଆ, ଖାଦ୍ୟ ଜୋନ୍, ରେଷ୍ଟୁରାଣ୍ଟ, ମନୋରଞ୍ଜନ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିବ।

ନୀତି ଦଲିଲ ଅନୁଯାୟୀ ଯୋଗ୍ୟ ଆଇଟି ୟୁନିଟ୍/ଟାୱାର୍/ପାର୍କଗୁଡିକ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ ତାରିଖଠାରୁ ୫ ବର୍ଷ ପାଇଁ ବାର୍ଷିକ ସର୍ବାଧିକ ୧୦ କୋଟି ଟଙ୍କା ଧାର୍ଯ୍ୟ ଆର୍ଥିକ ପ୍ରତିଷ୍ଠାନ ଓ ବ୍ୟାଙ୍କଗୁଡିକରୁ ମିଳୁଥିବା ଦୀର୍ଘକାଳୀନ ଋଣ ଉପରେ ବାର୍ଷିକ ୫ ପ୍ରତିଶତ ସୁଧ ସବ୍‌ସିଡି ପାଇବାକୁ ହକଦାର ହେବେ। ସରକାର ମହିଳା, ଏସସି/ଏସଟି ଏବଂ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କୁ ତୁରନ୍ତ ପ୍ରୋତ୍ସାହନ ଉପରେ ବାର୍ଷିକ ୧ ପ୍ରତିଶତ ଅତିରିକ୍ତ ସୁଧ ସବସିଡି ଯୋଗାଇ ଉତ୍ସାହିତ କରିବେ। ଆଇଟି କ୍ଷେତ୍ରରେ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି ଯେ ସରକାରଙ୍କ ଅନୁମୋଦନ କ୍ରମେ ଏକାଡେମୀ, ଆରଆଣ୍ଡଡି ଅନୁଷ୍ଠାନ ତଥା ଖ୍ୟାତିସମ୍ପନ୍ନ ବୈଷୟିକ ତଥା ବୈଜ୍ଞାନିକ ସଙ୍ଗଠନକୁ ସର୍ବାଧିକ ୧୦ କୋଟି ଟଙ୍କା ବିନିଯୋଗ ଉପରେ ୫୦ ପ୍ରତିଶତ ଫେରସ୍ତ ପାଇଁ ଯୋଗ୍ୟ ହେବ। ୫ ବର୍ଷର ନୀତି ଅବଧି ମଧ୍ୟରେ ଏହା ଉପଲବ୍ଧ ହେବ। (ତଥ୍ୟ)

## ଓଡବ୍ଲ୍ୟୁଏମ୍‌ର ଦ୍ୱିତୀୟ ପ୍ରତିଷ୍ଠା ଦିବସ

# ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା: ପ୍ରଭାତୀ





**ମହିଳାଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ଲକ୍ଷ୍ୟ**

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ମହିଳାଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ 'ଶକ୍ତି' ଆପ୍ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏଠାରେ ଆୟୋଜିତ ଓଡ଼ିଶା ୱିମେନ୍ ଇନ ମିଡିଆ (ଓଡବ୍ଲ୍ୟୁଏମ୍)ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ସମାରୋହ ଉଦଘାଟନ କରି ଶ୍ରୀମତୀ ପରିଡ଼ା ମହିଳାଙ୍କ ସମ୍ମାନ ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କହିଛନ୍ତି ଯେ ରାଜ୍ୟ ସରକାର ଏଦିଗରେ ଯଥେଷ୍ଟ ଯତ୍ନବାନ। 'ଶକ୍ତି' ଆପ୍ ଏଦିଗରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଦୁଷ୍କର୍ମର ଶିକାର ପୀଡ଼ିତାଙ୍କୁ ନିଜ ପରିବାର ଓ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ପୁଲିସ, ଡାକ୍ତର, ଓକିଲ ଓ ବିଚାରପତିଙ୍କ ସମ୍ମୁଖରେ ଛିଡ଼ା ହୋଇ ନିଜ ନିର୍ଯାତନାର କାହାଣୀ ବର୍ଣ୍ଣନା କରିବାକୁ ପଡ଼ିବନାହିଁ। 'ଶକ୍ତି' ଆପ୍ ମାଧ୍ୟମରେ ପୀଡ଼ିତା ତାଙ୍କ ଦୁର୍ଦ୍ଦଶା ଓ ନିର୍ଯାତନା ସମ୍ପର୍କରେ ବୟାନ ରେକର୍ଡ କରିପାରିବେ, ଯାହା ପରବର୍ତ୍ତୀ ସମୟରେ ଅଦାଲତରେ ବ୍ୟବହାର ହୋଇପାରିବ। ଏଥିସହ କେବଳ ମହିଳାଙ୍କ ପାଇଁ ଏକ କୋର୍ଟ ପ୍ରତିଷ୍ଠା ପାଇଁ ସରକାର ଯୋଜନା ରଖିଛନ୍ତି। ଏଥିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ପେସ୍କାର, ଓକିଲଙ୍କଠାରୁ ଆରମ୍ଭ କରି ବିଚାରପତି ପର୍ଯ୍ୟନ୍ତ ସମସ୍ତେ ମହିଳା ରହିବେ। ଏହାଦ୍ୱାରା ମହିଳାମାନେ ନିଜକୁ ଆହୁରି ଅଧିକ ସୁରକ୍ଷିତ ମଣିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳାମାନେ ଆଜି ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଥିବା ବେଳେ ସେମାନଙ୍କ ସୁରକ୍ଷା ଚିନ୍ତା କରିବା ନିହାତି ଦରକାର। ଏ ଦିଗରେ ମହିଳା ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ନିଜ ସହର ଓ କର୍ମକ୍ଷେତ୍ରର ସେଫ୍ଟି ଅଡିଟ୍ ପ୍ରସ୍ତୁତ କରି ଆଗାମୀ ବର୍ଷେ ପାଇଁ ମହିଳାଙ୍କ ସୁରକ୍ଷାରେ ଅବଦାନ ସୁନିଶ୍ଚିତ କରିବାକୁ ପରାମର୍ଶ ଦେବା ସହ ଏ ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସାମ୍ବାଦିକା ଶୋଭା ସୁରିନ୍ ଓ ସୁମିତ୍ରା ସାହୁଙ୍କୁ ଓଡବ୍ଲ୍ୟୁଏମ ଆୱାର୍ଡ୍ସ ଫର୍ ଏକ୍ସଲେନ୍ସ ଇନ ଜର୍ଣ୍ଣଲିଜିମ୍ ସମ୍ମାନ ସହ ୫ ହଜାରର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଓଡବ୍ଲ୍ୟୁଏମ୍‌ର ବାର୍ଷିକ ପତ୍ରିକା 'ଆରୋହୀ' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସାମ୍ବାଦିକା ଉମା ସୁଧୀର ଓ ଅଳକା ସାହାଣୀ ମୁଖ୍ୟବକ୍ତା ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ମହିଳା ଉଦ୍ୟୋଗୀ ଯାଜପୁରର ଭଗବତୀ ସାହୁ ଓ ବାଲେଶ୍ୱରର ଜୟନ୍ତୀ ମହାରଣା, ଫୁଟବଲ ଖେଳାଳି ପୁଷ୍ପାରାଣୀ ଭୂୟାଁ ସେମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀ ବଖାଣିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ସାମାଜିକ ବିକାଶରେ ମହିଳା ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ଓଡବ୍ଲ୍ୟୁଏମ ସଭାନେତ୍ରୀ କସ୍ତୁରୀ ରାୟ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦିକା ମିନତୀ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାନେତ୍ରୀ ଶାରଦା ଲାହାଙ୍ଗୀର ଧନ୍ୟବାଦ ଦେଇଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ସାନ୍ନିଧ୍ୟ- ଦେଉଥିବା ହାତ ଆଉ ନେଉଥିବା ହାତ ଭିତରେ ଏତିକି ମାତ୍ର ପାର୍ଥକ୍ୟ ଯେ, ଦେଉଥିବା ହାତ ସହଜ ଓ ସୁଗମ ଭାବରେ ଈଶ୍ୱରଙ୍କ ପାଖରେ ପହଞ୍ଚି ପାରୁଥିବା ବେଳେ ନେଉଥିବା ହାତ ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବାରୁ ବଞ୍ଚିତ ହୁଏ।



# ପ୍ରତିରକ୍ଷା ଉତ୍ପାଦନରେ ସଫଳତା

ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏକଚାଟିଆ ନିଷ୍ପତ୍ତି ଏବଂ ଟାରିଫ ବୃଦ୍ଧି ପରେ ଅନେକ ଦେଶର ବୁଦ୍ଧି ପଶିଛି। ଆଜି ଟ୍ରମ୍ପ ଟାରିଫ ବୃଦ୍ଧି କଲେ, କାଲି ସାମରିକ ସହାୟତା ବନ୍ଦ କରିଦେଇପାରନ୍ତି କିମ୍ବା ଏହାର ମୂଲ୍ୟ ୪ଗୁଣ ବୃଦ୍ଧି କରିପାରନ୍ତି। ଏହି ପରିସ୍ଥିତିରେ ଭାରତ ନିଜସ୍ୱ ଜ୍ଞାନ କୌଶଳ ପୟୋଗ କରି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ଏହା ସହିତ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଉପାର୍ଜନ କରିପାରିବ। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ଋଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା

# ପରୀକ୍ଷା ପ୍ରସ୍ତୁତି ଓ ମାନସିକ ଚାପ




ସଲିଳା ତ୍ରିପାଠୀ


ଆଜିକାଲି ଗଣମାଧମରେ ବିଭିନ୍ନ ପରୀକ୍ଷା, ପରୀକ୍ଷା ଫଳ ଏବଂ ଏଥିପାଇଁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କର ପ୍ରସ୍ତୁତିକୁ ଆଧାର କରି ଅନେକ ଖବର ପ୍ରକାଶ ପାଇବା ସହିତ ବିଭିନ୍ନ ଆଳାପ ଓ ଆଲୋଚନାକୁ ସ୍ଥାନିତ କରାଯାଇଛି। ତଥାପି ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ କ'ଣ କଲେ ଭଲ ହେବ, କ'ଣ କରିବା ଉଚିତ୍ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର ହୋଇ ପଡୁଛି। ବର୍ତ୍ତମାନ ଛାତ୍ରଛାତ୍ରୀ, ସେମାନଙ୍କର ପିତାମାତା ତଥା ଶିକ୍ଷକ- ଶିକ୍ଷୟତ୍ରୀ ମାନେ ମଧ ପରୀକ୍ଷା ପାଇଁ ଚାପରେ ରହୁଛନ୍ତି। ଅବଶ୍ୟ ବେସରକାରୀ ବିଦ୍ୟାଳୟରେ ଏହାର ମାତ୍ରା ଅଧିକ। କାରଣ ଏଠାରେ ଫଳାଫଳକୁ ନେଇ ଯେପରି ଛାତ୍ରଛାତ୍ରୀଙ୍କ କ୍ୟାରିଅର ଗଢ଼ା ହୁଏ। ଠିକ୍ ସେହିପରି ଶିକ୍ଷକଙ୍କର ପାରିଶ୍ରମିକ ଓ ସ୍ଥିତି ମଧ ସୁଦୃଢ଼ ହୋଇଥାଏ।

ତେବେ ଆମେ ଯଦି ପ୍ରାୟ ୨୫-୩୦ବର୍ଷ ପୂର୍ବକୁ ଫେରିଯାଉ ତେବେ ପରୀକ୍ଷାକୁ ନେଇ ସେତେବେଳର ଚିନ୍ତାଧାରାଟି ଅନେକ ଭିନ୍ନ ଥିଲା। ଅବଶ୍ୟ ପରୀକ୍ଷାକୁ ଯିବା ପୂର୍ବରୁ ଗୁରୁଜନମାନଙ୍କୁ ପ୍ରଣାମ ଏବଂ ପୂର୍ଣ୍ଣ କଳସ ଦର୍ଶନ କରିବାର ଅଭ୍ୟାସଟି ଛାତ୍ରଛାତ୍ରୀ ମାନଙ୍କର ପାଇଁ ଅତି ଜରୁରୀ ଥିଲା। ଗ୍ରାମାଞ୍ଚଳରେ ସ୍କୁଲ ମାନଙ୍କରେ ବେଳେବେଳେ ଶିକ୍ଷକଙ୍କ ଅଭାବ ଥିଲାବେଳେ ଟିୟୁସନ ସୁବିଧାର ମାତ୍ରାଟି ପ୍ରାୟ କମ୍ ଥିଲା। ତା ସଙ୍ଗେ 'କି' ବହି'ର ଅଭାବ ଅଥବା ଟେଷ୍ଟ ପେପରର ପ୍ରଚଳନ କମ୍ ହେଉଥିଲା। ଏସବୁ ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ନିଜର ଧୀଶକ୍ତି ଏବଂ ଅଭ୍ୟାସ ବଳରେ କିମ୍ବା କୌଣସି ଦୟାଳୁ ଶିକ୍ଷକଙ୍କର ଅତିରିକ୍ତ ପାଠପଢ଼ାରୁ ସର୍ବୋପରି ସାଙ୍ଗସାଥୀମାନେ ମିଳିମିଶି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ହିଁ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ତା'ଛଡ଼ା ଛାତ୍ର ଓ ଛାତ୍ରୀ ମଧରେ ଥିବା ଫରକଟି ମଧ ସମସ୍ତଙ୍କ ମନରେ ଲୁକ୍କାୟିତ ହୋଇ ରହିଥିଲା। ତେଣୁ ଛାତ୍ରଟିକୁ ଦିଆଯାଉଥିବା ସମୟ ଓ ଅନ୍ୟାନ୍ୟ ସୁବିଧାରୁ ଛାତ୍ରୀ ମାନେ ବଞ୍ଚିତ ହେଉଥିଲେ। କାରଣ ଦୁଇଜଣଙ୍କର ଭବିଷ୍ୟତ ପରିବାର ପାଇଁ ଭିନ୍ନ ଦିଗରେ ଉଦ୍ଦିଷ୍ଟ ଥିଲା। ଅର୍ଥଗତ ଅଭାବଟି ଶିକ୍ଷାର ପ୍ରମୁଖ ବାଧା ମଧରୁ ଗୋଟିଏ ଥିଲା।

ସବୁଠାରୁ ମଜା କଥା ହେଉଛି ଗୁରୁଜନମାନେ ଖାସ୍ କରି ଅଜା, ଆଇ, ଜେଜେ, ଜେଜେମା' ମାନେ ପିଲା ମାନଙ୍କୁ ଭଲରେ ପାସ୍ କରିଯାଅ ବୋଲି ଆଶିର୍ବାଦ କରୁଥିଲେ। ଏପରିକି ସେମାନେ ନାନା ସ୍ତୁତିପାଠ କରି ଠାକୁର ଠାକୁରାଣୀଙ୍କ ପାଖରେ ଯାଚ୍ଞା କରୁଥିଲେ କେବଳ ମାତ୍ର ପାସ୍ କରିବା ପାଇଁ। ଆଉ ୬୦ ପ୍ରତିଶତ ମାର୍କ ବା ତା' ଠାରୁ ଅଧିକ ରଖିଦେଲେ ପରୀକ୍ଷାର୍ଥୀର ଗୋଡ଼ ତଳେ ଲାଗୁନଥିଲା। ଭାଷା ଓ ସାହିତ୍ୟ ବିଭାଗରେ ପିଲାମାନେ ୬୦ ରୁ ୭୦ ରଖିଦେଲେ ତାଙ୍କୁ ଅତି ଉଚ୍ଚ ସ୍ତରର ବିଦ୍ୟାର୍ଥୀ ବୋଲି ଧାରଣା କରାଯାଉଥିଲା। ଥରେ ଜଣେ ଛାତ୍ର ମାଟ୍ରିକ୍ ପରୀକ୍ଷାରେ ସାହିତ୍ୟରେ ୯୦ ମାର୍କ ରଖିଲାରୁ କେହି କେହି ତାଙ୍କୁ ଉପେନ୍ଦ୍ର ଭଞ୍ଜ କହି ପରିହାସ କରିଥିଲେ। ଏହି ଭଳି ଅନେକ ଘଟଣା ସମୟର ସୁଅରେ ଆକାଶ ପାତାଳ ପରିବର୍ତ୍ତନ ହୋଇଛି।

ବର୍ତ୍ତମାନ ଗାଁ ଠାରୁ ସହର ଯାଏଁ ସମ୍ଭବତଃ ଟିଉସନର ଅଭାବ ନାହିଁ। ପ୍ରତ୍ୟେକ ପରିବାରରେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଅର୍ଥଗତ ଅଭାବ ପାଇଁ ସ୍କୁଲ ଛାଡ଼ିଦେବାର ଆବଶ୍ୟକତା ଆଉ ସେଭଳି ଦେଖାଯାଉ ନାହିଁ। କା'ରଣ ସରକାର ସେସବୁକୁ ନିଜ ମୁଣ୍ଡ ଉପରକୁ ନେଇଯାଉଛନ୍ତି। ସ୍କୁଲର ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଗ୍ରାମାଞ୍ଚଳ ହାଇସ୍କୁଲ ପିଲାଙ୍କୁ ଯାତାୟତ ପାଇଁ ସାଇକେଲ ପ୍ରଦାନ କରାଯାଇଛି। ଅଷ୍ଟମ ଶ୍ରେଣୀ ଯାଏଁ ମଧାହ୍ନ ଭୋଜନର ବ୍ୟବସ୍ଥାକୁ ମଧ ବୃଦ୍ଧି କରି ନବମ ଦଶମ ଛାତ୍ର ଛାତ୍ରୀଙ୍କୁ ଦିଆଯିବାର ଯୋଜନା ପ୍ରସ୍ତୁତ କରାଯାଉଛି। ସ୍ମାର୍ଟ ଫୋନର ବ୍ୟବହାର ଯୋଗୁଁ ସବ ଜାନ୍ତା 'ଗୁଗଲ୍' ମାଧମରେ ଶିକ୍ଷାର୍ଥୀମାନେ ବହି ଠାରୁ ମୁକ୍ତ ହୋଇ ସବୁ ସମୟରେ ସବୁ କଥା ଜାଣି ପାରୁଛନ୍ତି। ତା'ଛଡା ସହରର ପିଲାଙ୍କ ପାଇଁ ଇଂରାଜୀ ମିଡ଼ିୟମ ଶିକ୍ଷା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁଖ ସୁବିଧା ସର୍ବଦା ଅନାୟାସରେ ମିଳିଯାଉଛି।

କିନ୍ତୁ ସବୁ ସୁବିଧା ମଧରେ ଅସୁବିଧା ସାଜୁଛି ବର୍ତ୍ତମାନର ପ୍ରତିଯୋଗିତା ଓ ଉଚ୍ଚ ଆଶା। ପ୍ରଥମତଃ ପିତାମାତା ଓ ପରିବାର ବର୍ଗଙ୍କର ଉଚ୍ଚ ଆଶା ନିମନ୍ତେ ପିଲାମାନେ ପରୀକ୍ଷା ପୂର୍ବରୁ ଅନେକ ଚାପ ମଧରେ କାଳ କାଟୁଛନ୍ତି। ତତ୍‌ସହିତ ଅନ୍ୟ ପିଲା ସହିତ ହେଉଥିବା



ରୀତିମତ ତୁଳନା ପାଇଁ ନିଜକୁ ମୃତ୍ୟୁ ହାତରେ ସମର୍ପି ଦେଉଛନ୍ତି। ବର୍ତ୍ତମାନ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ହିଁ ସେମାନେ ଅନେକ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି। ଦିନଥିଲା ଆମ ପିତାମାତା ଆମକୁ କହୁଥିଲେ ଆରେ ତୁମେମାନେ ମାଟ୍ରିକ୍ ପରୀକ୍ଷା ଦେଇନ ତୁମେ କ'ଣ ଜୀବନର ପରୀକ୍ଷା ବିଷୟରେ ଜାଣିବ। ମାତ୍ର ଏବେ ତ ଟ୍ୟୁଟୋରିଆଲ୍‌ରେ ଭର୍ତ୍ତି ହେବା ପାଇଁ ପରୀକ୍ଷା ପୁଣି ସେଠାରେ ସ୍କଲାରଶିପ୍ ପାଇଁ ପରୀକ୍ଷା ତା ବାଦେ ପ୍ରତି ସପ୍ତାହରେ, ପ୍ରତିଦିନ ପରୀକ୍ଷା ହିଁ ପରୀକ୍ଷା। ଅବଶ୍ୟ ଏତେ ସବୁ ଯୁଗୋପଯୋଗୀ ସୁବିଧା ପାଇବା ପରେ ପରୀକ୍ଷାରେ ଭଲ ନ କରିବାର ପ୍ରଶ୍ନର ଉତ୍ତର ମିଳିବା କଷ୍ଟକରହୋଇ ପଡୁଛି।

ବଡ଼ ବଡ଼ ଚାକିରୀ ଯଥା ଡାକ୍ତରୀ, ଇଂଜିନିୟରିଂ ଓ ପ୍ରଶାସନିକ ବିଭାଗରେ ହେଉଥିବା ପରୀକ୍ଷାର ମାନ ଏତେ ବୃଦ୍ଧି ହୋଇଛି ଯେ ଗୋଟିଏ ଛାତ୍ର ବା ଛାତ୍ରୀ ଦିନର ୨୪ ଘଣ୍ଟାଟିକୁ ଟିକେ ବଢ଼ାଇ ଦେଲେ ମଧ ତାଙ୍କ ପାଇଁ କମ୍ ପଡ଼ିଯାଉଛି। ଗୋଟିଏ ପ୍ରକାରର ବହି ନୁହେଁ ପ୍ରତ୍ୟେକ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ନାନା ପ୍ରକାରର ବିଦ୍ୟାକୁ ଆୟତ୍ତ କରିବାକୁ ପଡୁଛି। କେତେ ପ୍ରକାରର ଛଣାରେ ଛାଣି ହୋଇ ସେମାନେ କୃତକାର୍ଯ୍ୟ ହେଉଛନ୍ତି ସେକଥା ଅନୁଭବୀ ଜାଣୁଥିବେ। ତେବେ ନିଜକୁ ସମାଜର ଉଚ୍ଚ ସ୍ଥାନରେ ଦେଖିବା ପାଇଁ ଇଚ୍ଛା କରୁଥିବା ପିତାମାତା ଓ ଛାତ୍ରଛାତ୍ରୀଙ୍କର ଏହାତ ବଡ଼ ଅପରାଧ ନୁହେଁ। ମାତ୍ର ଏହାର ପ୍ରଭାବରେ ଶିକ୍ଷା ସହିତ ସେମାନଙ୍କୁ ଦିଆଯାଉଥିବା ନୈତିକ ଏବଂ ବୌଦ୍ଧିକ ଶିକ୍ଷାର ପରିମାଣ ଯେ କମିଯାଉଛି ତାହା କହିବା ଅନାବଶ୍ୟକ। ତା'ଛଡ଼ା ଯେ କୌଣସି ପରିସ୍ଥିତିରେ ଖାପ ଖୁଆଇ ଚଳିବା, ନିତ୍ୟ ନୈମିତ୍ତିକ କାର୍ଯ୍ୟକୁ ସୁଚାରୁ ରୂପେ କରିବା ଓ ଘରର ଛୋଟ ବଡ଼ କାର୍ଯ୍ୟରେ ସହଭାଗୀ ହେବା ସବୁବେଳେ ସମ୍ଭବପର ହେଉନାହିଁ। ଯାହା ଆଉ ଭବିଷ୍ୟତରେ ମଧ ଆଶା କରାଯାଉନାହିଁ।

ପରୀକ୍ଷା ଓ ପାଠପଢ଼ାର ରୂପ ଯୋଗୁଁ ଅନେକ ବିଦ୍ୟାର୍ଥୀଙ୍କର ଚକ୍ଷୁ ଏବଂ ମସ୍ତିଷ୍କରେ ବିଭିନ୍ନ ଅସୁସ୍ଥତା ଦେଖାଯାଉଛି। ନିଜକୁ ଏକ ନମ୍ବର ଆସନରେ ପାଇବା ପାଇଁ ହେଉଥିବା ଇଚ୍ଛା ଯୋଗୁଁ ପିତାମାତା ଓ ବିଦ୍ୟାର୍ଥୀ ରାତିଦିନ ଏକାକାର କରି ଦେଉଛନ୍ତି। ଯାହାର ଫଳ ସ୍ୱରୂପ ୦.୧, ୦.୨ ପ୍ରତିଶତରେ ଅକୃତକାର୍ଯ୍ୟ ହୋଇ ପିଲାମାନେ ହତୋତ୍ସାହିତ ହୋଇ ପଡୁଛନ୍ତି। ଏପରିକି ବାପ-ମା' ମାନଙ୍କ ଗାଳି ଶୁଣିବା ତାଙ୍କ ପକ୍ଷେ ସହ୍ୟ ହେଉନାହିଁ। ପ୍ରତ୍ୟେକ ପିଲାର ବୋଧ ଶକ୍ତି ଏବଂ ଗ୍ରହଣ କରିବାର କ୍ଷମତା ଭିନ୍ନ ହୋଇଥାଏ। ଯେତେ ସୁବିଧା ଦେଲେ ହାରାହାରି ଶିକ୍ଷାର ମାନ ବୃଦ୍ଧି ହୋଇପାରେ ମାତ୍ର ବ୍ୟକ୍ତି ଯେ ସ୍ୱତନ୍ତ୍ର ତାହା ଭୁଲିବାର ବିଷୟ ନୁହେଁ। ଆମର ଶିକ୍ଷା ବ୍ୟବସ୍ଥାର ବାରମ୍ବାର ପରିବର୍ତ୍ତନ ଯେ ପିଲାଙ୍କର କୋମଳମତି ମସ୍ତିଷ୍କ ଉପରେ ପ୍ରଭାବ ପକାଏ ତାହାକୁ ବୁଝିବା ଆବଶ୍ୟକ। ଅନେକ ସମୟରେ ପିଲାର ବସ୍ତାନୀର ବୋଝ ପାଇଁ କଥା ଉଠିଥାଏ ଯାହା ବାସ୍ତବରେ ଚିନ୍ତାର ବିଷୟବସ୍ତୁ ଅଟେ। ବର୍ତ୍ତମାନର ପ୍ରଶ୍ନ ସମୂହର ମାନ ବୟସ ଅନୁଯାୟୀ ହେଉଛି କି ନାହିଁ ତାହା ମଧ ଭାବିବା ଦରକାର। ସବୁଠାରୁ ବଡ଼ କଥା ହେଉଛି ପ୍ରଶ୍ନ ଗୁଡ଼ିକ କ୍ଷୁଦ୍ର ଉତ୍ତର ମୂଳକ ଅଥବା ମଲଟିପୂଲ ଚଏସ୍ ହେଉଥିବାରୁ ପିଲାର ଜ୍ଞାନ ବୃଦ୍ଧି ହେବା ପରିବର୍ତ୍ତେ କେବଳ ପରୀକ୍ଷାରେ କୃତକାର୍ଯ୍ୟ ହେବା ହିଁ ସାର ହେଉଛି। ଯାହା ଭବିଷ୍ୟତ ପାଇଁ ବାସ୍ତବରେ ବିପଜ୍ଜନକ ଅଟେ।

ତେବେ ଆମ ଦେଶର ମାନନୀୟ ପ୍ରଧାନମନ୍ତ୍ରୀ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀ ମାନଙ୍କ ସହିତ ସିଧା ସଳଖ ଆଲୋଚନା କରି ସେମାନଙ୍କ ମନରୁ ଭୟ ଦୂର କରୁଛନ୍ତି ଏବଂ କୌଣସି ଚାପର ସମ୍ମୁଖୀନ ନ ହେବା ପାଇଁ ଗଠନ ମୂଳକ ପରାମର୍ଶ ଦେଉଛନ୍ତି ଯାହା ପ୍ରକୃତରେ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ। ତେବେ ଏହିଭଳି ଆଲୋଚନା ପ୍ରତ୍ୟେକ ପରିବାର ଠାରୁ ଆରମ୍ଭ କରି ବିଦ୍ୟାଳୟ ବା ମହାବିଦ୍ୟାଳୟରେ ହେବା ଉଚିତ୍। ଯାହା ଫଳରେ ବିଦ୍ୟାର୍ଥୀମନେ ଜୀବନର ଏଇ ଶିକ୍ଷା ଭିତ୍ତିକ ପରୀକ୍ଷା ଠାରୁ ଆରମ୍ଭ କରି ସମସ୍ତ ଛୋଟ ବଡ଼ ପରୀକ୍ଷାରେ ମୁକ୍ତ ଭାବରେ ସାମନା କରି କୃତକାର୍ଯ୍ୟ ହୋଇ ପାରିବେ। ଅଧୟନ କରିବା, ଜ୍ଞାନ ଲାଭ କରିବା, ପରୀକ୍ଷାରେ ଭଲ ନମ୍ବର ରଖିବା ପୁଣି ସର୍ବଶେଷରେ ଏ ସମସ୍ତ କାର୍ଯ୍ୟକୁ ଜୀବନ ଯୁଦ୍ଧରେ ସଠିକ ଭାବରେ ପ୍ରମାଣିତ କରିବା ଏକା ଧାରାରେ ପ୍ରାପ୍ତ ହେବା କାଠିକର ପାଠ ହୋଇଥାଏ। ହାରିବା ଓ ଜିତିବାର ଖେଳ ସବୁବେଳେ ସମାନ ହୁଏ ନାହିଁ। ତେଣୁ ଚେଷ୍ଟା ନ କରି ବିଫଳ ହେବା ଠାରୁ ଚେଷ୍ଟା କରି ଉଭୟ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରିନେବା ଆମର ସର୍ବମୋଟ କର୍ତ୍ତବ୍ୟ ଅଟେ।


**ହନୁମାନ ଗାଦୀ, ବୋଲଗଡ଼**
**ମୋବାଇଲ୍: ୮୭୬୩୭୮୮୬୧୪**


# ବାଣିଜ୍ୟ ଲଢେଇ




ସୌଭାଗ୍ୟ ରଂଜନ ମହାନ୍ତି


ଏଥିରେ ସନ୍ଦେହ ନାହିଁ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ନୀତି ବିଶ୍ୱରେ କେବଳ ବାଣିଜ୍ୟ ଲଢେଇକୁ ଆମନ୍ତ୍ରଣ କରିବନାହିଁ, ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିର କାରଣ ହେବ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଭାରତ ସମେତ ଚାରୋଟି ରାଷ୍ଟ୍ର ଚୀନ, କାନାଡା, ମେକ୍ସିକୋ ଉପରେ ଆମଦାନୀ ଉପରେ ୧୦୦ପ୍ରତିଶତ ଟାରିଫ ଲାଗୁ କରିଥିବାବେଳେ ଚୀନ କାନାଡା, ମେକ୍ସିକୋ ସହ ଚାରୋଟି ରାଷ୍ଟ୍ର ଉପରେ ଅତିରିକ୍ତ ୨୫ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହାର ଯବାବରେ ଚୀନ ଗହମ, ମକା, ତୁଳା, ଚିକେନ ଉପରେ ୧୫ପ୍ରତିଶତ ଏବଂ ସୋୟାବିନ, ଘୁଷୁରି ମାଂସ, କୁକୁଡା ମାଂସ, ଗୋ ମାଂସ, ଫଳ, ପନିପରିବା ଏବଂ ଦୁଗ୍ଧଜାତ ଉତ୍ପାଦନ ଉପରେ ଆମେରିକା ଠାରୁ ୧୦ପ୍ରତିଶତ ଶୁଳ୍କ ଲାଗୁ କରିଛି ଏପରିକି ମଧ ଚୀନ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦ପ୍ରତିଶତ ଲେଭି ଲାଗୁ କରିଛି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ ସୋୟାବିନ ଏବଂ କଟନ ପାଇଁ ଚୀନ ହେଉଛି ସର୍ବବୃହତ ବଜାର। ଆହୁରି ମଧ ଚୀନ ହେଉଛି ଏହାର ଗୋମାଂସ, ଗୋଦୁଗ୍ଧ ଜାତ ସାମଗ୍ରୀ, ଘୁସୁରୀ ମାଂସ ଏବଂ କୁକୁଡା ଅଣ୍ଡା, ମାଂସର ସବୁଠୁ ବଡ କ୍ରେତା। ଯଦି ଏହି ସମସ୍ତ ଆମେରିକୀୟ କୃଷିଜାତ ସାମଗ୍ରୀ ଅଧିକ ବ୍ୟୟ ବହୁଳ ହୋଇପଡିବ। ଯାହାର ମୁକାବିଲା ପାଇଁ ଚୀନ ବିକଳ୍ପ ଖୋଜିବା କିଛି ଅସମ୍ଭବ ନୁହେଁ। ବିକଳ୍ପ ସ୍ୱରୁପ ବ୍ରାଜିଲ, ଆର୍ଜେଟିଂନା ଏବଂ ପାରାଗୁଏରୁ ଚୀନ ଏହି ସମସ୍ତ ଖାଦ୍ୟ ସାମଗ୍ରୀ ଆମଦାନୀ କରିପାରେ। ଏହାଦ୍ୱାରା ଆମେରିକାର ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସ୍ମରଣ କରାଯାଇପାରେ ଯେ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ୭୮ ପ୍ରତିଶତ ଲୋକପ୍ରିୟ(ପପୁଲାର) ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଯେଉଁଥିରେ ଆମେରିକାର କୃଷକଙ୍କ ଯୋଗଦାନ ସର୍ବାଧିକ ରହିଛି। ଏହା ନିସନ୍ଦେହ ଯେ, ଆମେରିକାର ସମ୍ଭାବ୍ୟ ବାଣିଜ୍ୟ ଲଢେଇ ଚୀନ, କାନାଡା କିମ୍ବା ମେକ୍ସିକୋ ମଧରେ ସୀମିତ ନୁହେଁ। ୨୫ପ୍ରତିଶତ ଟାରିଫ ମଙ୍ଗଳବାର ଠାରୁ କାନାଡା ଓ ମେକ୍ସିକୋ ବିରୁଦ୍ଧରେ ଲାଗୁ ହୋଇଛି। ଏହାର ପାଲଟା ଯବାବ ସ୍ୱରୁପ କାନାଡା ଆମେରିକାର ଆମଦାନୀ ସାମଗ୍ରୀ ଉପରେ ୧୫୫ ବିଲିଅନ ଡଲାରର ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା



କରିଛି। ସେହିପରି ଟ୍ରମ୍ପ ମଧ ଇସ୍ପାତ ଏବଂ ଆଲୁମିନିୟମ୍ ଉପରେ ବିଶ୍ୱବ୍ୟାପୀ ୨୫ପ୍ରତିଶତ ଶିଲ୍କ କରିବାକୁ ଘୋଷଣା କରିଛି। ଯାହାକି ଆସନ୍ତା ୧୨ ତାରିଖରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ବିଶ୍ୱବ୍ୟାପୀ ଇସ୍ପାତ ଓ ଆଲୁମିନିୟମର ମୂଲ୍ୟ ବୃଦ୍ଧି ଘଟିବ। ଟ୍ରମ୍ପଙ୍କ ବାଣିଜ୍ୟ ନୀତି ନେଇ ପରସ୍ପର ବିରୁଦ୍ଧରେ ଟାରିଫ ଲାଗୁ କରିବା ଦ୍ୱାରା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢିବାକୁ କେହି ରୋକିପାରିବେ ନାହିଁ। ଏହାଦ୍ୱାରା ନିରିହ ଖାଉଟି କେବଳ ଅହେତୁକ ଦରବୃଦ୍ଧିର ଶିକାର ହେବା ସାର ହେବ। କେବଳ ଏତିକି ନୁହେଁ, ଟାରିଫ ଲଢେଇ ଯୋଗୁଁ ଉଭୟ ଆମଦାନୀ ଓ ରପ୍ତାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୨୪ରେ ଆମେରିକା ୩.୩ ଟ୍ରିଲିୟନ ହଜାରର ସାମଗ୍ରୀ ଆମଦାନୀ କରିଥିବାବେଳେ ୨.୧ ଟ୍ରିଲିଅନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। କହିବା ବାହୁଲ୍ୟ ଯେ, ଭାରତ ମଧ ଏଥିରୁ ବାଦ ପଡିବ ନାହିଁ। ଭାରତ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବ। ଆମେରିକାର ଶହେ ପ୍ରତିଶତ ଟାରିଫ ଲାଗୁ ବିରୁଦ୍ଧରେ ଭାରତ କି ପ୍ରକାର ପାଲଟା ପଦକ୍ଷେପ ଗ୍ରହଣ କରିବ, ତାହା ବର୍ତମାନ ସୁଦ୍ଧା ଜଣାପଡିନାହିଁ। କିନ୍ତୁ ଭାରତ ପାଲଟା କଠୋର ପଦକ୍ଷେପ ଗ୍ରହଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ ସ୍ମରଣ କରାଯାଇପାରେ ଯେ, ଅତୀତରେ ତଥା କିଛି ବର୍ଷ ତଳେ ଆମେରିକାର ଭାରତୀୟ ସାମ୍ରଗୀ ଉପରେ ଶୁଳ୍କ ଲାଗୁ କରିବା ପରେ ଭାରତ ମଧ ଏହାର ପାଲଟା ଯବାବ ଦେଇଥିଲା। ଏବେ ଭାରତ ବିଶ୍ୱରେ ଏକ ଆନ୍ତର୍ଜାତିକ ଟ୍ରେଡ ପାର୍ଟନର ଭାବେ ଉଭା ହୋଇଛି। ଇତି ମଧରେ ଆମେରିକା ଆଲମୋଣ୍ଡସ, ୱାଲନଟ୍ (ବାଦାମ), ମକା ଏବଂ ହୁଇସ୍କି ଉପରୁ ଆମେରିକା ଶୁଳ୍କ ହ୍ରାସ କରିଥିବା ସତ୍ତ୍ୱେ ତାହା ଭାରତୀୟ ଉତ୍ପାଦନ ଉପରେ କୌଣସି କ୍ଷତି କରିପାରିବ ନାହିଁ ବା ଭାରତ କ୍ଷତିଗ୍ରସ୍ତ ହେବ ନାହିଁ। ଏପରିକି ଭାରତୀୟ ଚାଷୀ କୁକୁଡା ମାଂସ, ଅଣ୍ଡା, ଦୁଗ୍ଧଜାତ ସାମଗ୍ରୀ ରପ୍ତାନୀରୁ ମଧ ଲାଭବାନ ହେବେ। କିନ୍ତୁ ଆମେରିକାର ୧୦୦ପ୍ରତିଶତ ଟାରିଫ ଯୋଗୁଁ ଭାରତୀୟ ସାମୁଦ୍ରିକ ଖାଦ୍ୟ ଏବଂ ବାସୁମତୀ ଚାଉଳ ରପ୍ତାନୀକାରୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ଆମେରିକା ସହ ଭାରତ ବାଣିଜ୍ୟ ଏବଂ ଟାରିଫ ଉପରେ ଆଲୋଚନା କରିବାକୁ ପଛଘୁଂଚା ଦେବା ଉଚିତ ନୁହେଁ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**


# ମିଳନର ପର୍ବ ଦୋଳ ଓ ହୋଲି




ଉମାଶଙ୍କର ପ୍ରସାଦ


ହିନ୍ଦୁ ସଂସ୍କୃତିରେ ଫାଲ୍‌ଗୁନ ମାସ ମଧୁମାସ ଭାବେ ପରିଚିତ। ଏହି ମାସରେ ଭାରତ ତଥା ଓଡିଶାର ବିଭିନ୍ନ କ୍ଷେତ୍ରରେ "ମିଳନର ପର୍ବ ଦୋଳ ଓ ହୋଲି"ପର୍ବ ମହାସମାରୋହରେ ପାଳନ କରାଯାଇଥାଏ। ଋତୁରାଜ ବସନ୍ତର ଆଗମନ, ଫାଲ୍ଗୁନ ପୂର୍ଣ୍ଣମୀ ଓ ମଦନ ମୋହନ ପୂଜାର୍ଚ୍ଚନା ଏକକାଳୀନ ହେଉଥିବାରୁ ଏହାକୁ 'ବସନ୍ତ ମହୋତ୍ସବ,ଫଲଗୁ ଉତ୍ସବ ଓ ମଦନ ମହୋତ୍ସବ ବୋଲି ସମସ୍ତେ କହିଥାନ୍ତି। ପୁରାଣ ଆଖ୍ୟାନ ଅନୁସାରେ "ଦୋଳେଚ ଦୋଳ ଗୋବିନ୍ଦ / ଚାପେଚ ମଧୁସୁଦନ—ରଥେ ତୁ ବାମନଂ ଦୃଷ୍ଟ୍ୱା , ପନର୍ଜନ୍ମ ନବିଦ୍ୟତେ"। ଅର୍ଥାତ ଦୋଳରେ ଗୋବିନ୍ଦ, ଚାପ ଖେଳ ସମୟରେ ମଧୁସୁଦନ ଓ ରଥରେ ବାମନରୂପି ଜଗନ୍ନାଥ ଙ୍କୁ ଦର୍ଶନ କଲେ ମଣିଷର ପୁନର୍ଜନ୍ମ ହୋଇନଥାଏ ବୋଲି ବିଶ୍ୱାସ। ମିଳନର ଏହି ପର୍ବ ପାଳନ ଦ୍ୱାରା ମନୁଷ୍ୟ ହୃଦୟରୁ ସମସ୍ତ କଳୁଷ ଧୋଇହୋଇ ଯିବା ସହ ମାନବାତ୍ମା ପରମାତ୍ମାରେ ରୂପାନ୍ତରିତ ହୋଇଯାଏ। ଏହି ପର୍ବକୁ କାୟ ମନୋବାକ୍ୟରେ ପାଳନ କଲେ ମଣିଷ ପରମେଶ୍ୱରଙ୍କ ଶାଶ୍ୱତ ଚିରନ୍ତନ ପ୍ରେମକୁ ଲାଭ କରିପାରିବ ବୋଲି ଅଖଣ୍ଡ ବିଶ୍ୱାସ ଅଛି। ଶୁକ୍ଳ ଦଶମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ପାଞ୍ଚ ଦିନ ଧରି ଚାଲେ। ପୂର୍ଣ୍ଣମୀ ପର ଦିନ ହୋଲି ଉତ୍ସବ ପାଳନ କରାଯାଇଥାଏ। ଆମ ସଂସ୍କୃତିରେ ଏହି ପର୍ବ ସର୍ବ ପ୍ରାଚୀନ ପରମ୍ପରା। ବୃନ୍ଦାବନରେ ଋତୁରାଜ ବସନ୍ତର ଆଗମନରେ ବସନ୍ତ ରାସ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବ୍ରଜାଙ୍ଗନା ମାନଙ୍କର ହର୍ଷୋଲ୍ଲାସରେ ଏହି ବସନ୍ତ ରାସ ପ୍ରାଣବନ୍ତ ହୋଇ ଉଠିଥାଏ। ପୌରଣିକ କିମ୍ବଦନ୍ତୀ କହେ ବୃନ୍ଦାବନର ଯମୁନା ନଦୀତଟରେ ଏହି ପବିତ୍ର ଦୋଳପୂର୍ଣ୍ଣମାବସରେ ଗୋପାଙ୍ଗନାମାନେ ରାଧା କୃଷ୍ଣଙ୍କୁ ଝୁଲଣରେ ବସାଇ ଝୁଲାଇ ଥାନ୍ତି, ତେଣୁ ଏହା ବାସନ୍ତିକ ରାସ ଭାବେ ଅଭିହିତ। ଭକ୍ତିମତି ରାଧିକା ଏହି ଦିନ ଗୋପୀମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ସହ ଅବିର ଖେଳିଥିଲେ। ଏହି ଫଗୁ ଦଶମୀ ଓ ଅବିର ଖେଳ ମାନବ ସମାଜରେ ଏକ ଆଧାତ୍ମିକତାର ନବଚେତନା ଲାଭ କରିଥାଏ। ବିଶେଷ ଭାବରେ ଶ୍ରୀ ଚୈତନ୍ୟଙ୍କ ଜନ୍ମ ଏହି ଫଗୁ ଦଶମୀ ଦିନ ହୋଇଥିବାରୁ ସେହି ଦିନଠାରୁ ଏହି ପର୍ବର ସୂତ୍ରପାତ ହୋଇଥିଲା। ମାଦଳାପାଞ୍ଜି କହେ ଏହି ଉତ୍ସବ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଆଦେଶାନୁସାରେ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଚୋଳଗଙ୍ଗ ଦେବଙ୍କ ରାଜତ୍ୱ



ସମୟରୁ ଏହି ଯାତ୍ରା ଶ୍ରୀ ମନ୍ଦିରରେ ଦଶମୀଠାରୁ ଆରମ୍ଭ ହୋଇଥାଏ। ଦଶମୀ ଦିନ ମଧାହ୍ନ ଧୂପ ପରଠାରୁ ଶ୍ରି ଜୀଉଙ୍କୁ ଷୋଢଶ ଉପଚାର ପୁଜା ବନ୍ଦାପନା ଓ ଫଗୁଅଂଜଳି ହୋଇଥାଏ।

ଓଡିଶାର ପୁରପଲ୍ଲୀରେ ଏହି ମିଳନର ପର୍ବ ଦୋଳ ଯାତ୍ରା ମହାସମାରୋହରେ ପାଳନ କରା ଯାଇଥାଏ। ଶ୍ରୀକୃଷ୍ଣଙ୍କ ଚଳନ୍ତ ବିଗ୍ରହଙ୍କୁ ଏକ ବିମାନରେ ବିଜେ କରାଯାଇ କୀର୍ତ୍ତନ, ତାଳ, ବାଦ୍ୟ, କାହାଳୀ ନାଦରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଥାଏ। ଭଗବାନଙ୍କ ଆଗମନରେ ଭକ୍ତ ହୃଦୟ ତଲ୍ଲିନ ହୋଇ ଉଠିଥାଏ। ଏହାକୁ ଚାଚେରୀ ବିଜେ କୁହାଯାଏ। ପ୍ରତି ବର୍ଷ ଏହି ଦିନରେ ଭକ୍ତ ଚାହିଁ ରହିଥାଏ ତାର ପ୍ରଭୁକୁ ବନ୍ଦାପନା କରି ଭୋଗ ବାଢିବାକୁ। ତେଣୁ ଏହା ଭକ୍ତ ଓ ଭଗବାନଙ୍କର ମିଳନର ପର୍ବ ବୋଲି ସର୍ବଜନ ବିଦିତ। ଏହି ଦିନ ଋତୁରାଜ ବସନ୍ତର ଧରାପୃଷ୍ଠକୁ ଆଗମନ ହେବାସହ ମଳୟ ପବନର ମୃଦୁସ୍ପର୍ଶ ରେ ନବପଲ୍ଲବିତ ବୃକ୍ଷରାଜି ହସି ଉଠିଥାଏ। କୋକିଳର କୁହୁତାନ ସଭିଙ୍କ ମନ ପ୍ରାଣରେ ଅପୂର୍ବ ଉନ୍ମାଦନା ଆଣିବା ସହ ଭାରାକ୍ରାନ୍ତ ମନକୁ ଶାନ୍ତିର ପୀୟୁଷ ପ୍ରଦାନ କରିଥାଏ। ଗୋପାଳ ସମ୍ପ୍ରଦାୟ ନିଆରାଢଙ୍ଗରେ ଏହି ପର୍ବକୁ ପାଳନ କରିଥାନ୍ତି। ଏମନେ ଏହିଦିନ ଗୋ-ମାତା ଙ୍କୁ ଅତି ନିଷ୍ଠାର ସହ ପୁଜାର୍ଚ୍ଚନା କରିଥାନ୍ତି। ନୁତନ ବସ୍ତ୍ର ପରିଧାନ କରି ଗାଁ ଦାଣ୍ଡରେ ଅନେକ ରକମର ଲହଡି ଖେଳ ରେ ନିଜକୁ ହଜାଇ ଦେଇଥାନ୍ତି। ପୌରାଣିକ ତଥ୍ୟ ଅନୁସାରେ ଏହି ଦିନ ଶ୍ରୀକୃଷ୍ଣ ମେଣ୍ଢା ରାକ୍ଷସ କୁ ନିଧନ କରି ବୃନ୍ଦାବନ ବାସୀଙ୍କୁ ରକ୍ଷା କରିଥିବାରୁ ଏବେବି ଅନେକ ସ୍ଥାନରେ ମେଣ୍ଢା କୁଡିଆ ପର୍ବ ପାଳନ କରାଯାଉଛି। ପୂର୍ଣ୍ଣମୀ ବାସୀ ହୋଲି ପର୍ବ ପାଳନ କରାଯାଇଥାଏ। ଇଂରାଜୀ ଶବ୍ଦ ଅନୁସାରେ ହୋଲିର ଅର୍ଥ ପବିତ୍ରତା। ପରମ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ଜ୍ଞାନ ଓ ଶକ୍ତିର ସମାହାର ପରମାତ୍ମା ରଙ୍ଗରେ ରଙ୍ଗାୟିତ ହୋଇ ସମାଜକୁ ପବିତ୍ରତା ଓ ଆତ୍ମିକ ସ୍ମୃତିର ବାର୍ତ୍ତା ଦେଇଥାନ୍ତି। କିନ୍ତୁ ଆଜି ଆମ ଯୁବ ସମ୍ପ୍ରଦାୟ ଭୌତିକ ରଙ୍ଗରେ ନିଜ ଶରୀର, ମନ ଓ ମୁଖ ମଣ୍ଡଳକୁ ବିକୃତ କରିବାସହ ପରମାତ୍ମା ଭାବନାରୁ ନିଜକୁ ଦୁରେଇ ଦେବା ସମାଜ ପକ୍ଷରେ ଶୁଭଙ୍କର ନୁହଁ। ପରମାତ୍ମାଙ୍କ ରଙ୍ଗରେ ନିଜକୁ ରଙ୍ଗାଇଲେ ମାନବାତ୍ମା ଦେବାତ୍ମାରେ ପରିଣତ ହୋଇଥାଏ। ଐତିହାସି ଦୃଷ୍ଟିକୋଣରୁ ଏହି ହୋଲି ପର୍ବର ମହତ୍ତ୍ୱ ମହନୀୟ। ମାଧୁର୍ଯ୍ୟ ଅବତାର ଭଗବାନ କଳାକାହ୍ନୁ ନିଜର ଭକ୍ତ ମାନଙ୍କୁ ଆନନ୍ଦ, ଉଲ୍ଲାସ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ପରିକଳ୍ପନା କରିଥିଲେ। ଭକ୍ତ ଓ ଭଗବାନ ଏକାକାର ହେବା ସହ ନଜ ମନରୁ ସବୁ ବିକାରକୁ ଦହନ କରବାର ସନ୍ଦେଶ ପ୍ରଦାନ କରିଥାଏ ଏ ମିଳନର ପର୍ବ ଦୋଳ ଓ ହୋଲି।


**ଖୋର୍ଦ୍ଧା, ମୋବାଇଲ୍: ୬୩୭୦୬ ୭୫୫୬୨**

## ମଦ ଦୁର୍ନୀତି ମାମଲା: ଇଡି ସ୍କାନରରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ

ରାୟପୁର,୧୦।୩: ଛତିଶଗଡ଼ ମଦ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଭୂପେଶଙ୍କ ପୁଅ ଚୈତନ୍ୟ ବଘେଲଙ୍କ ଭିଲାଇସ୍ଥିତ ବାସଭବନରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ମଦ ଦୁର୍ନୀତିରେ ଚୈତନ୍ୟଙ୍କ ସମ୍ପୃକ୍ତ ଥିବା କୁହାଯାଉଛି। ଏଥିସହିତ ଅନ୍ୟ ଅଭିଯୁକ୍ତ ଲକ୍ଷ୍ମୀ ନାରାୟଣ ବଂଶଲ ଓରଫ ପପୁ ବଂଶଲ ଓ ଅନ୍ୟ କେତେଜଣଙ୍କ ଘରେ ଇଡି ଚଢ଼ାଉ କରିଛି। ମଦ ଦୁର୍ନୀତିରୁ ଚୈତନ୍ୟ ଟଙ୍କା ପାଇଥିବା ସନ୍ଦେହ କରାଯାଉଛି। ବଘେଲଙ୍କ ଘରେ ଚଢ଼ାଉ ବେଳେ ଇଡି ଅଧିକାରୀମାନଙ୍କ କାର୍‌କୁ ପଥର ମାଡ଼ ହୋଇଥିବା ଜଣାପଡ଼ିଛି। ବଘେଲଙ୍କ ଘରେ ଇଡି ଚଢ଼ାଉକୁ ନେଇ ଛତିଶଗଡ଼ ବିଧାନସଭାରେ ସୋମବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟଭାଗକୁ ଆସି ଭାଜପା ବିରୋଧରେ ସ୍ଲୋଗାନ ଦେଇଥିଲେ। ଗୃହ ଚଳାଇ ନ ଦେବା ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ବିଧାନସଭାର କେତେଜଣ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ହଟ୍ଟଗୋଳ ବେଳେ ଭୂପେଶ ବଘେଲ ଗୃହରେ ଉପସ୍ଥିତ ନ ଥିବା ଜଣାପଡିଛି।

## ଶିରିଡ଼ିରେ ବିକ୍ରି ହେବନି ଗୋମାଂସ

ମୁମ୍ବାଇ,୧୦।୩: ମହାରାଷ୍ଟ୍ରର ଶିରିଡିରୁ ଏକ ବଡ଼ ଖବର ଆସିଛି। ଏବେ ଶିରିଡି ଦେବସ୍ଥାନରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିରେ ସବୁଠାରୁ ବଡ଼ ନିଷ୍ପତ୍ତି ହେଉଛି ଏହି ସମଗ୍ର ଅଞ୍ଚଳରେ ଗୋମାଂସ ବିକ୍ରୟ ଉପରେ ରୋକ ଲଗାଇବା। ସାଇ ଭକ୍ତମାନେ ଯେପରି କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ ନିଆଯାଇଛି। ଏଥିରେ, ବିଶେଷକରି ଭଡା ନାମରେ ଗୁଣ୍ଡାଗିରି କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସୂଚନା ଅହଲ୍ୟାନଗରର ମନ୍ତ୍ରୀ ରାଧାକୃଷ୍ଣ ନିଜେ ଶେୟାର କରିଛନ୍ତି। ଶିରିଡି ହେଉଛି ସାଇ ବାବାଙ୍କ ପ୍ରତି ଲୋକଙ୍କ ବିଶ୍ୱାସର କେନ୍ଦ୍ର। ଏହି କାରଣରୁ ଏଠାରେ ଗୋମାଂସ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ରାଧାକୃଷ୍ଣ ଭିଖେ ପାଟିଲଙ୍କ ଅନୁଯାୟୀ, ଦେବସ୍ଥାନ ପରିସରରେ ସମସ୍ତ ପ୍ରକାରର ଗୁଣ୍ଡାଗିରି, ଅର୍ଥାତ କୌଣସି କାରଣ ବିନା ଭଡ଼ାରେ ଦର୍ଶନ ଦେବା ନାମରେ ଗୁଣ୍ଡାଗିରିକୁ ନିଷିଦ୍ଧ କରାଯାଇଛି। ଏହାର ସିଧାସଳଖ ଉଦ୍ଦେଶ୍ୟ ହେଉଛି ସାଇ ଭକ୍ତମାନଙ୍କୁ ଅସୁବିଧାରୁ ରକ୍ଷା କରିବା। ଏହି ନିଷ୍ପତ୍ତି ପରେ, ସମଗ୍ର ଜିଲାର କଂସେଇଖାନାଗୁଡ଼ିକୁ ବନ୍ଦ କରାଯାଉଛି। କେବଳ ଏତିକି ନୁହେଁ, ଜିଲାର କୌଣସି ସ୍ଥାନରେ ଗୋହତ୍ୟା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିରିଡ଼ିରେ ଭକ୍ତଙ୍କଠାରୁ ଆଦାୟ କରାଯାଉଥିବା ମାମଲା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଭକ୍ତମାନଙ୍କର କୌଣସି ଅସୁବିଧା ହୁଏ ଏବଂ କେହି ଭଡ଼ା ନାମରେ ଟଙ୍କା ଆଦାୟ କିମ୍ବା ଲୁଟ କରିବାକୁ ଚେଷ୍ଟା କରନ୍ତି, ତେବେ ସିଧାସଳଖ ଅଭିଯୋଗ ଦାଖଲ କରାଯାଇପାରିବ। ଏହା ସହିତ, ଶିରିଡିରେ ସାଇ ବାବାଙ୍କୁ ପ୍ରସାଦ ପ୍ରଦାନ କରିବା ପାଇଁ ବାହାର ଲୋକଙ୍କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପ୍ରକୃତରେ, ଏପରି କିଛି ମାମଲା ସାମ୍ନାକୁ ଆସିଥିଲା ଯେଉଁଠାରେ କିଛି ବାହାର ତତ୍ତ୍ୱ ମହାପ୍ରସାଦରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏପରି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ, ମନ୍ଦିରରେ ଏକ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି ଯାହା ଦ୍ୱାରା କେବଳ ସେହି ଲୋକମାନେ ପ୍ରସାଦରେ ଅଂଶଗ୍ରହଣ କରିପାରିବେ ଯେଉଁମାନେ ସଠିକ ଭାବରେ ପଞ୍ଜିକୃତ ଏବଂ ଭକ୍ତ ଭାବରେ ଅଂଶଗ୍ରହଣ କରୁଛନ୍ତି।

## ଆତ୍ମହତ୍ୟା କଲେ ଜିଏସଟି ବିଭାଗ ଡେପୁଟି କମିଶନର

ଗାଜିଆବାଦ,୧୦।୩: ସୋମବାର ଉତ୍ତର ପ୍ରଦେଶର ଗାଜିଆବାଦର ଜିଏସଟି ବିଭାଗର ଡେପୁଟି କମିଶନର ସଞ୍ଜୟ ସିଂହ ୧୪ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। କୁହାଯାଉଛି ଯେ ୫୯ ବର୍ଷୀୟ ସଞ୍ଜୟ ସିଂହ ହଠାତ ତାଙ୍କ ସୋସାଇଟିର ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାଟି ପୋଲିସ ଷ୍ଟେଶନ ସେକ୍ଟର ୧୧୩ ଅଞ୍ଚଳର ସେକ୍ଟର ୭୫ରେ ଅବସ୍ଥିତ ଆପେକ୍ସ ଆଣ୍ଟେନା ସୋସାଇଟିରେ ଘଟିଛି। କୁହାଯାଉଛି ଯେ ସଞ୍ଜୟ ସିଂହ କର୍କଟ ରୋଗରେ ପୀଡିତ ଥିଲେ। ଏହା ପରେ, ସେ ଦୀର୍ଘ ସମୟ ଧରି ଡିପ୍ରେସନରେ ପୀଡିତ ଥିଲେ। ପୋଲିସ ତାଙ୍କ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଛି। ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ତାଙ୍କ ପରିବାରରେ ଦୁଇ ପୁଅ ଅଛନ୍ତି। ଗୋଟିଏ ପୁଅ ଗୁରୁଗ୍ରାମରେ କାମ କରନ୍ତି। ଦ୍ୱିତୀୟ ପୁଅ ଗ୍ରେଟର ନୋଏଡାର ଏକ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି। ନୋଏଡା ପୋଲିସ ମିଡିଆ ସେଲ ସୂଚନା ଦେଇଛି ଯେ ସୋମବାର ସକାଳ ପ୍ରାୟ ୧୧:୦୦ ଟାରେ ପୋଲିସକୁ ସୂଚନା ମିଳିଥିଲା ଯେ ସେକ୍ଟର ୭୫ ସ୍ଥିତ ଆପେକ୍ସ ଆଣ୍ଟେନା ସୋସାଇଟିର ୧୪ ମହଲାରୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସ ଜାଣିବାକୁ ପାଇଲା ଯେ ମୃତକ ଜଣକ ହେଉଛନ୍ତି ୫୯ ବର୍ଷୀୟ ସଞ୍ଜୟ ସିଂହ। ସେ ସୋସାଇଟି ୨୦୦୪ ଏ ଟାୱାରରେ ରହୁଥିଲେ।

## ଇଂଲଣ୍ଡ ନର୍ଥ ସି ରେ ଭୀଷଣ ଦୁର୍ଘଟଣା, ଧକ୍କା ଲାଗି ଜଳିଗଲେ ୨ ଜାହାଜ, ୨୦ରୁ ଅଧିକ ନାବିକ ହତାହତ

ଲଣ୍ଡନ ୧୦।୩: ପୂର୍ବ ଇଂଲଣ୍ଡ ଉପକୂଳରେ ସୋମବାର ଏକ ତୈଳ ଟ୍ୟାଙ୍କର ସହ ମାଲବାହୀ ଜାହାଜ ଧକ୍କା ଲାଗିଛି। ଫଳରେ ଦୁଇ ଜାହାଜ ମଧ୍ୟରେ ନିଆଁ ଲାଗିଯାଇଥିବା ବେଳେ ଅନୁନ୍ୟ ୨୦ ଜଣ ହତାହତ ହୋଇଛନ୍ତି। ଉଭୟ ଜାହାଜର ୩୨ଜଣ କର୍ମଚାରୀଙ୍କୁ କୂଳକୁ ଅଣାଯାଇଛି। ତେବେ ସେମାନଙ୍କ ଅବସ୍ଥା ନେଇ ତୁରନ୍ତ ସୂଚନା ମିଳିପାରି ନାହିଁ। ପୋର୍ଟ ଅଫ ଗ୍ରିମସବି ଇଷ୍ଟର ମୁଖ୍ୟ କାର୍ଯ୍ୟକାରୀ ମାର୍ଟିନ ବାୟର୍ସ କହିଛନ୍ତି ଯେ ୧୩ଜଣଙ୍କୁ ଉଦ୍ଧାର କରି ଭିଣ୍ଡକ୍ୟାଟ୍ ୩୩ ଜାହାଜକୁ ଅଣାଯାଇଛି। ଅନ୍ୟ ୧୯ ଜଣଙ୍କୁ ପାଇଲଟ ନୌକାରେ ବନ୍ଦରକୁ ଅଣାଯାଇଛି। ବ୍ରିଟେନ ସମୁଦ୍ର ଓ ତଟରକ୍ଷୀ ଏଜେନ୍ସୀ କହିଛି ଯେ ନର୍ଥ ସିରେ ଘଟଣାସ୍ଥଳକୁ ଅନେକ ଲାଇଫବୋଟ ଓ କୋଷ୍ଟଗାର୍ଡ ହେଲିକପ୍ଟର ପଠାଯାଇଛି। ଏହା ସହିତ ଏକ ତଟରକ୍ଷୀ ବିମାନ ଓ ଅଗ୍ନିସମ କ୍ଷମତା ଥିବା ଜାହାଜଙ୍କୁ ମଧ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ଆରଏନଏଲଆଇ ଲାଇଫବୋଟ ଏଜେନ୍ସୀ ଅନୁସାରେ ଦୁର୍ଘଟଣା ପରେ କେତେକ ଲୋକ ଜାହାଜ ଛାଡି ପଳାୟନ କରିଥିଲେ ଓ ଦୁଇ ଜାହାଜରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ଏବେ କୋଷ୍ଟଗାର୍ଡ ସହ ୩ ଲାଇଫବୋଟ ସନ୍ଧାନ ଓ ଉଦ୍ଧାର ଅଭିଯାନ ଚଳାଇଛନ୍ତି। ବିବିସି ଦ୍ୱାରା ପ୍ରସାରିତ ଭିଡିଓ ଫୁଟେଜରେ ଦୁଇ ଜାହାଜରୁ ଘନ କଳା ଧୂଆଁ ବାହାରୁଥିବାର ଦେଖାଯାଉଛି। ବନ୍ଦର ପ୍ରମୁଖ ବୋୟର୍ସ କହିଛନ୍ତି ଯେ ତାଙ୍କୁ କୁହାଯାଇଥିଲା ଏହା ଏକ ବିଶାଳ ଅଗ୍ନି ପିଣ୍ଡୁଳାରେ ପରିଣତ ହୋଇଛି। ଏହି ଦୁର୍ଘଟଣା ବନ୍ଦରରୁ ପାଖାପାଖି ୧୦ ମାଇଲ ଦୂରରେ ହୋଇଛି ହେଲେ କୂଳରୁ ଦେଖାଯାଉଛି।

## ତୃତୀୟ ସନ୍ତାନ ପାଇଁ ଦରମାରୁ ପ୍ରୋତ୍ସାହନ ରାଶି ଦେବେ ସାଂସଦ

ବିଜୟନଗରମ୍,୧୦।୩: ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ର ଟିଡିପି ଏମ୍‌ପି କେ. ଅପ୍ପଲା ନାଇଡୁ ନିଜ ନିର୍ବାଚନ ମଣ୍ଡଳୀରେ ମହିଳାମାନଙ୍କୁ ଅଧିକ ପିଲା ଜନ୍ମ ପାଇଁ ପ୍ରୋତ୍ସାହିତ କରିଛନ୍ତି। ପ୍ରତି ତୃତୀୟ କନ୍ୟାସନ୍ତାନ ଜନ୍ମ ପାଇଁ ସେ ନିଜ ଦରମାରୁ ୫୦ ହଜାର ଟଙ୍କା ଏବଂ ପୁତ୍ରସନ୍ତାନ ପାଇଁ ଗାଈ ଓ ବାଛୁରୀ ଉପହାର ଦେବେ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି, ନବଜାତ କନ୍ୟାସନ୍ତାନଙ୍କ ନାଁରେ ୫୦ ହଜାର ଟଙ୍କା ଜମା କରିବେ। ଉକ୍ତ କନ୍ୟା ବିବାହ ବୟସରେ ପହଞ୍ଚିବା ବେଳକୁ ଏହି ଜମା ୧୦ ଲକ୍ଷ ଟଙ୍କା ହୋଇପାରିବ। ନାଇଡୁଙ୍କ ଘୋଷଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଟିଡିପି ନେତା ଓ କର୍ମୀମାନେ ଉକ୍ତ ଘୋଷଣାକୁ ସେମାନଙ୍କ ଆକାଉଣ୍ଟରେ ପୁନଃ ପୋଷ୍ଟ କରିଛନ୍ତି। ଏମ୍‌ପିଙ୍କ ଏହି ଘୋଷଣାକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପ୍ରଶଂସା କରିଛନ୍ତି। ମହିଳା କର୍ମଚାରୀମାନଙ୍କୁ ସଂଖ୍ୟା ନିର୍ବିଶେଷରେ ପିଲା ଜନ୍ମ ପାଇଁ ମାତୃତ୍ୱ ଛୁଟି ଯୋଗାଇଦିଆଯିବ ବୋଲି ଚନ୍ଦ୍ରବାବୁ ଶନିବାର କହିଥିଲେ।

## ଧମକ ପାଇ ଅଧାରୁ ଫେରିଲା ବିମାନ




ମୁମ୍ବାଇ,୧୦।୩: ଏୟାର ଇଣ୍ଡିଆର ଏକ ବିମାନ ମୁମ୍ବାଇରୁ ନ୍ୟୁୟର୍କ ଯିବାର ଥିଲା, କିନ୍ତୁ ମଝି ରାସ୍ତାରୁ ବିମାନ ପୁଣି ମୁମ୍ବାଇ ଫେରି ଆସିଛି। କାରଣ ବିମାନରେ ବୋମା ଆତଙ୍କ ଥିବାରୁ ପାଇଲଟଙ୍କୁ ତାଙ୍କର ରୁଟ୍ ପରିବର୍ତ୍ତନ କରିବାକୁ ପଡ଼ିଲା। ଯେତେବେଳେ ଏୟାର ଇଣ୍ଡିଆର ବୋଇଂ ୩୫୦ ବିମାନ ଆଜରବାଇଜାନ ଉପରେ ଉଡୁଥିଲା, ସେତେବେଳେ ବିମାନର କ୍ରୁ ସଦସ୍ୟମାନେ ଏହି ଧମକ ପାଇଥିଲେ। ବିମାନଟି ମୁମ୍ବାଇ ଫେରିବା ପରେ, ବୋମା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତଥାପି ଏପର୍ଯ୍ୟନ୍ତ ତଦନ୍ତରେ କିଛି ବାହାରି ନାହିଁ। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଏହା କେବଳ ଏକ ମିଥ୍ୟା ଧମକ ଥିଲା। ଏହି ବିମାନରେ ମୋଟ୍ ୩୦୩ ଜଣ ଯାତ୍ରୀ ଏବଂ ୧୯ ଜଣ କ୍ରୁ ସଦସ୍ୟ ଉପସ୍ଥିତ ଥିଲେ। ବିମାନଟି ରାତି ୨ଟାରେ ମୁମ୍ବାଇରୁ ଉଡ଼ାଣ ଆରମ୍ଭ କରିଥିଲା ଏବଂ ସକାଳ ୧୦.୨୫ରେ ଫେରିଥିଲା। ଏଆଇ-୧୧୯ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ନ୍ୟୁୟର୍କର ଜନ୍ ଏଫ୍ କେନେଡି ବିମାନବନ୍ଦର ପର୍ଯ୍ୟନ୍ତ ଯାତ୍ରା ସମାପ୍ତ କରିବାକୁ ପ୍ରାୟ ୧୫ ଘଣ୍ଟା ସମୟ ନିଏ। ଏୟାର ଇଣ୍ଡିଆ କହିଛି, ବିମାନଟି ଆସନ୍ତାକାଲି ସକାଳ ୫ଟାରେ ଉଡ଼ାଣ ଆରମ୍ଭ କରିବ। ଏୟାର ଇଣ୍ଡିଆ ଏହା ମଧ କହିଛି ଯେ ଯାତ୍ରୀମାନଙ୍କୁ ବିଶ୍ରାମ ସ୍ଥାନ, ଖାଦ୍ୟ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି। ଏୟାର ଇଣ୍ଡିଆ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ୧୦ ମାର୍ଚ୍ଚ, ୨୦୨୫ରେ ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏଆଇ-୧୧୯ ବିମାନରେ ଏକ ସମ୍ଭାବ୍ୟ ସୁରକ୍ଷା ବିପଦ ଚିହ୍ନଟ ହୋଇଥିଲା।

### ଚୀନ୍‌କୁ ଆମେରିକା ବିଚାରପତିଙ୍କ ନିର୍ଦ୍ଦେଶ

# କୋଭିଡ୍ ଲୁଚାଇଥିଲ, ୨.୦୯ ଲକ୍ଷ କୋଟି ଦିଅ



**ୱାଶିଂଟନ୍,୧୦।୩:** ଆମେରିକା ମିସୌରି ରାଜ୍ୟର ଜଣେ ବିଚାରପତି କୋଭିଡ୍-୧୯ ମହାମାରୀ ତଥ୍ୟକୁ ଚୀନ୍ ଆରମ୍ଭରୁ ଦୁନିଆ ପାଇଁ ଲୁଚାଇଥିଲା ବୋଲି କହିଛନ୍ତି। ସାରା ବିଶ୍ୱକୁ ଭ୍ରମିତ କରିବା ପାଇଁ ଜଜ୍ ଷ୍ଟିଫେନ୍ ଏନ୍ ଲିବାଗ୍ ଚୀନ୍‌କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିଲାଗି ଚୀନ୍ ଉପରେ ସେ ୨୪ ବିଲିୟନ ଡଲାର(ପ୍ରାୟ ୨ ଲକ୍ଷ ୯ ହଜାର ୧୬୦ କୋଟି ଟଙ୍କା) ଟଙ୍କା ଜରିମାନା ଲଗାଇଛନ୍ତି। ୨୦୨୦ରେ ମିସୋରି ଆଟର୍ଣ୍ଣି ଜେନେରାଲଙ୍କ ପକ୍ଷରୁ ଚୀନ୍ ସରକାରଙ୍କ ବିରୋଧରେ ପିଟିସନ ଫାଇଲ ହୋଇଥିଲା। ଚୀନ୍ ସରକାର କୋଭିଡ୍ ଭୂତାଣୁ ବାବଦରେ ତଥ୍ୟ ଲୁଚାଇବା ଏବଂ ଦୁନିଆରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବା ପିପିଇ କିଟ୍ ଯୋଗାଣରେ ବାଧା ଉପୁଜାଇଥିବା ପିଟିସନରେ ଦର୍ଶାଯାଇଥିଲା। ଏଥିସହ ମହାମାରୀ ଯୋଗୁ ଦୁନିଆ ବିପଦରେ ପଡ଼ିଥିବାବେଳେ ଚୀନ୍ ସଭିଁଙ୍କୁ ଭ୍ରମିତ କରିବାରେ ଲାଗିଥିଲା ବୋଲି ଅଭିଯୋଗ ହୋଇଥିଲା। ବିଚାରପତି ଲିମ୍ବାଗ୍ କହିଥିଲେ, ଚୀନ୍ ଦ୍ୱାରା ପିପିଇ କିଟ୍‌ର ବୈଶ୍ୱିକ ଯୋଗାଣରେ ବାଧା ସୃଷ୍ଟି କରାଯାଇଥିଲା। ବିଶ୍ୱକୁ ଏହି ଏସୀୟ ଦେଶ ଭ୍ରମିତ କରିବା ସହ ପିପିଇ କିଟ୍ ରଖିବା ଲାଗି ଏକଚାଟିଆ କାର୍ଯ୍ୟରେ ଲିପ୍ତ ଥିଲା। ଏଥିଯୋଗୁ ଆମେରିକାରେ ମହାମାରୀ ମୁକାବିଲା କରିବା ଲାଗି ପର୍ଯ୍ୟାପ୍ତ ଉପକରଣ କ୍ରୟ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ଏଥିପାଇଁ ଚୀନ୍‌ର ଶାସକ କମ୍ୟୁନିଷ୍ଟ ଦଳ, ସେଠାକାର ସରକାର,ସ୍ୱାସ୍ଥ୍ୟ ଏଜେନ୍ସି ଏବଂ ସେଠାକାର ଲାବ୍ ଦାୟୀ। ଚୀନ୍ ରାଜ୍ୟ ଏବଂ ସଂଘୀୟ ଏକାଧିକାର ବିରୋଧ ଆଇନ ଉଲ୍ଲଂଘନ କରିଥିଲା। ଏହା ଦ୍ୱାରା ମିସୌରୀ ଟିକସ ହରାଇବା ସହ ପିପିଇ କିଟ୍ ବାବଦ ଖର୍ଚ୍ଚ ବୃଦ୍ଧି ଯୋଗୁ ଯଥେଷ୍ଟ କ୍ଷତି ସହିଥିବା ବିଚାରପତି ଲିମ୍ବାଗ କହିଥିଲେ। ମିସୌରୀ ଆଟର୍ଣ୍ଣି ଜେନେରାଲ ଆଣ୍ଡ୍ର୍ୟୁ ବେଲି କହିଛନ୍ତି, ଅଦାଲତ ଐତିହାସିକ ରାୟ ଦେଇଛନ୍ତି। ଚୀନ୍ ଅଦାଲତରେ ହାଜର ହେବାକୁ ମନା କରିଥିଲା।

## କଣ୍ଟେନର-କାର୍ ମୁହାଁମୁହିଁ ; ୫ମୃତ

**ଉତ୍ତରପ୍ରଦେଶ,୧୦।୩:** ବସ୍ତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବସ୍ତି ନଗର ଥାନା ଅନ୍ତର୍ଗତ ଗୋଟଓ୍ୱା ଜାତୀୟ ରାଜପଥ ୨୮ ନିକଟରେ ଦୁର୍ଘଟଣା ଘଟିଛି। କାର୍ ଏବଂ କଣ୍ଟେନର ମୁହାଁମୁହିଁ ଧକ୍କା ହେବାରୁ ୫ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାରେ ୩ ଜଣ ଆହତ ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରିଛି। ସୂଚନା ଅନୁଯାୟୀ, କାରରେ ଥିବା ଯାତ୍ରୀ ଅଯୋଧାରୁ ଗୋରଖପୁର ଯାଇଥିଲେ। ଏହି ସମୟରେ ଭୁଲ ଦିଗରୁ ଆସୁଥିବା ଏକ କଣ୍ଟେନର ସହ କାର୍ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କଣ୍ଟେନର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କଟରରେ କାରକୁ କାଟି ମୃତକଙ୍କୁ ଏବଂ ଗୁରୁତରଙ୍କୁ ବାହାର କରିଥିଲା। ଏହା ସହିତ ଆହତଙ୍କୁ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ଘଟଣାରେ କାରରେ ଥିବା ୮ ଜଣଙ୍କ ମଧ୍ୟରୁ ୫ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୩ ଜଣ ଗୁରୁତର ରହିଛନ୍ତି। ତେବେ ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ସୂଚନା ପରିବାରକୁ ଦିଆଯାଇଛି। ପୋଲିସ ଏହି ମାମଲାରେ ଅଧିକ ଯାଞ୍ଚ କରୁଛି।

## ସ୍କୁଲ ବସରେ ନିଆଁ, ଅଳ୍ପକେ ବର୍ତ୍ତିଲେ ୪୦ ସ୍କୁଲ ପିଲା



**ଉତ୍ତରପ୍ରଦେଶ,୧୦।୩:** କୌଶମ୍ବୀ ଜିଲ୍ଲାରେ ସ୍କୁଲ ବସରେ ନିଆଁ। ପିଲାମାନଙ୍କୁ ଘରକୁ ଛାଡିବାକୁ ଯାଉଥିବା ଏକ ସ୍କୁଲ ବସରେ ହଠାତ୍ ନିଆଁ ଲାଗିଯାଇଥିଲା। ବସରେ ଅତିକମରେ ୪୦ ଜଣ ପିଲାଥିଲେ। ଧୂଆଁ ଦେଖି ତୁରନ୍ତ ଡ୍ରାଇଭର ବସ୍ ରୋକି ପିଲାମାନଙ୍କୁ ବାହାର କରିଥିଲେ। ବସ୍ କଣ୍ଡକ୍ଟର ଏବଂ ସ୍ଥାନୀୟ ଲୋକ ମିଶି ପିଲାମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଦୀର୍ଘ ସମୟ ପରେ ବସରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ତେବେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ପିଲାଙ୍କ ଜୀବନ ବଞ୍ଚିଯାଇଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଘଟଣା ଉତ୍ତରପ୍ରଦେଶ କୌଶମ୍ବୀ ମଝାନପୁରର କୋତୱାଲି ଅଞ୍ଚଳରେ ଘଟିଛି। ମଝାନପୁରରୁ ଏକ ପବ୍ଲିକ ସ୍କୁଲରୁ ପିଲାମାନେ ବସରେ ଘରକୁ ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ବସରେ ଧୂଆଁ ଦେଖି ବସ୍ ଡ୍ରାଇଭର ଗାଡିଟିକୁ ଅଟକାଇ ଥିଲେ। ଏହାପରେ ବସରେ ଥିବା ୪୦ ଜଣ ପିଲାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଦୀର୍ଘ ସମୟ ପରେ ବସରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ବସରେ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକ ପିଲାଙ୍କୁ ଉଦ୍ଧାର କରି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଏହାପରେ ଅଗ୍ନିଶମ ଟିମ୍ ଏବଂ ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ଟିମ୍ ଆସିବା ବେଳେ ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ବସରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ପିଲାଙ୍କ ଜୀବନ ବଞ୍ଚିଯାଇଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ନଚେତ ଏକ ବଡ଼ ଦୁର୍ଘଟଣା ଘଟିଥାଇପାରନ୍ତା। ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶ ବସ୍ତିରେ ନଗର ଥାନା ଅନ୍ତର୍ଗତ ଗୋଟଓ୍ୱା ଜାତୀୟ ରାଜପଥ ୨୮ ନିକଟରେ ଦୁର୍ଘଟଣା ଘଟିଥିଲା। କାର୍ ଏବଂ କଣ୍ଟେନର ମୁହାଁମୁହିଁ ଧକ୍କା ହେବାରୁ ୫ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାରେ ୩ ଜଣ ଆହତ ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରିଛି।

## ଟ୍ରକ ଓ କାର୍ ଧକ୍କା, ୭ ମୃତ, ୧୪ ଆହତ

**ମଧ୍ୟପ୍ରଦେଶ,୧୦।୩:** ସିଧି ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଗାଡ଼ି ସହିତ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧରେ ୯ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଗୁରୁତରଙ୍କୁ ସଞ୍ଜୟ ଗାନ୍ଧି, ରିୱା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସାମାନ୍ୟ ଆହତଙ୍କୁ ଜିଲ୍ଲା ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତେବେ ଦୁର୍ଘଟଣା ସିଧି ବହରି ରାସ୍ତାରେ ଉପନୀ ପେଟ୍ରୋଲ ପମ୍ପ ନିକଟରେ ରାତି ୨.୩୦ରେ ଘଟିଛି।



## ପଶ୍ଚିମବଙ୍ଗ ବିଜେପିକୁ ଝଟକା, ଟିଏମ୍‌ସିରେ ଯୋଗଦେଲେ ହଳଦିଆ ବିଧାୟିକା ତାପସୀ

କୋଲକାତା ୧୦।୩: ପଶ୍ଚିମବଙ୍ଗ ହଳଦିଆରୁ ବିଜେପି ବିଧାୟକ ତାପସୀ ମଣ୍ଡଳ ସୋମବାର ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ରେ ଯୋଗ ଦେଇଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିକଟତମ ସହଯୋଗୀ ଥିଲେ ତାପସୀ। ତେବେ ତାପସୀ ଟିଏମସିରେ ଯୋଗ ଦେବା ନା କେବଳ ପୂର୍ବ ମେଦିନୀପୁରରେ ବିଜେପିକୁ ଝଟକା ଲାଗିଛି ବିଜେପି ବିଧାୟକ ଦଳର ମଧ କ୍ଷତି ହୋଇଛି। ଆସନ୍ତା ବର୍ଷ ପ୍ରାରମ୍ଭରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ତାପସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। ପୂର୍ବ ମେଦିନୀପୁର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଗଡ଼ ମନେକରାଯାଏ। ଏଠାରେ ବନ୍ଦର ନଗରୀ ହଳଦିଆ ରହିଛି। ତାପସୀ ରାଜ୍ୟ ଶକ୍ତିମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ଉପସ୍ଥିତିରେ କୋଲକାତାସ୍ଥିତ ତୃଣମୂଳ କଂଗ୍ରେସ ମୁଖ୍ୟାଳୟରେ ପାର୍ଟିରେ ସାମିଲ ହୋଇଛନ୍ତି। ତେବେ ତାପସୀ ମଣ୍ଡଳ ବାରମ୍ବାର ପାର୍ଟି ବଦଳାଇବା ପାଇଁ ନିଜ ନିଷ୍ପତ୍ତିକୁ ସଠିକ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ରାଜନୀତିର ଅଂଶବିଶେଷ ହେବା ପାଇଁ ଏହି ନିଷ୍ପତ୍ତି ନେଇଛି। ତାପସୀ ମଣ୍ଡଳ ୨୦୧୬ ମସିହାରେ କଂଗ୍ରେସ ସମର୍ଥିତ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିରୁ ହଳଦିଆ ବିଧାନସଭା ଆସନରେ ବିଜୟୀ ହୋଇଥିଲେ।

## ଇଡି ଅଧିକାରୀଙ୍କ ଗାଡ଼ି ଉପରେ ପଥରମାଡ଼

### ପୂର୍ବତନ ସିଏମ୍ ଭୂପେଶ ବାଘେଲଙ୍କ ଘରେ ଚଢଉ ସାରି ଫେରୁଥିଲେ



**ନୂଆଦିଲ୍ଲୀ,୧୦।୩:** ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ଘରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢଉ କରିଥିଲା। ମଦ ଦୁର୍ନୀତି ମାମଲାରେ ଭିଲାଇ ସ୍ଥିତି ପୂର୍ବତନ ସିଏମଙ୍କ ଘରେ ଏହି ଚଢଉ ହୋଇଥିଲା। ତେବେ ଚଢଉ ଶେଷ କରି ଫେରିବା ବେଳେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ସାମନାକୁ ଆସୁଛି। ଏକ ଭିଡିଓ ସାମନାକୁ ଆସିଛି ଯେଉଁଥିରେ ଏକ କାର ଉପରକୁ ପଥର ଫିଙ୍ଗା ଯାଉଥିବା ଦେଖିବାକୁ ମିଳୁଛି। କାର ଭିତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଥିବା କୁହାଯାଉଛି। ତେବେ ଏହି ଭିଡିଓର ସତ୍ୟାସତ ସ୍ପଷ୍ଟ ହୋଇ ନାହିଁ। ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ ଏହି ଘଟଣାରେ ପ୍ରବର୍ତ୍ତନ ଅଧିକାରୀ ଏଫଆଇଆର ଦାଖଲ କରିପାରେ। ଆଜି ସକାଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଛତିଶଗଡ଼ର ଦୁର୍ଗ ଜିଲ୍ଲାର ୧୪ଟି ସ୍ଥାନରେ ଚଢଉ କରିଥିଲା। ଏକ କଥିତ ମଦ ଦୁର୍ନୀତି ମାମଲାରେ ହୋଇଥିବା ଏହି ଚଢଉରେ ଭୂପେଶ ବାଘେଲ ଏବଂ ତାଙ୍କ ପୁଅ ଚୈତନ୍ୟଙ୍କ ବାସଭବନ ମଧ ସାମିଲ ଥିଲା। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଏହା ଉପରେ କହିଥିଲେ ଯେ ଆଜି ସକାଳେ ତାଙ୍କ ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ବିରୋଧୀଙ୍କୁ 'ହଇରାଣ' କରିବା ପାଇଁ ଏକ 'ରାଜନୈତିକ ପ୍ରତିଶୋଧ' ଥିଲା। ବାଘେଲ ଦାବି କରିଛନ୍ତି ଯେ ସକାଳ ୭ଟା ୩୦ରେ ସେ ଚା' ପିଉଥିବା ସମୟରେ ଇଡି ଅଧିକାରୀମାନେ ତାଙ୍କ ଦୁର୍ଗ ବାସଭବନରେ ପହଞ୍ଚିଥିଲେ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଯେତେବେଳେ ସେ ଇସିଆଇଆର ନମ୍ବର ମାଗିଥିଲେ, ସେତେବେଳେ ତାଙ୍କୁ ତାହା ଦିଆଯାଇ ନଥିଲା, ଯାହା ଏକ ଏଫଆଇଆର ସହିତ ସମାନ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଛତିଶଗଡ଼ ବିଧାନସଭାରେ ଯୋଗ ଦେବାକୁ କିମ୍ବା ତାଙ୍କ ଫୋନ୍ ବ୍ୟବହାର କରିବାକୁ ଅନୁମତି ଦିଆଗଲା ନାହିଁ।

## ମରିସସ୍ ପରେଡରେ ଭାଗନେବ ନୌସେନା ଯୁଦ୍ଧ ଜାହାଜ 'ଇମ୍ଫାଲ', ମୁଖ୍ୟ ଅତିଥି ହେବେ ମୋଦି



**ପୋର୍ଟ ଲୁଇସ୍ ୧୦।୩:** ଭାରତୀୟ ନୌସେନା ଯୁଦ୍ଧ ଜାହାଜ 'ଇମ୍ଫାଲ' ସୋମବାର ମରିସସ ରାଜଧାନୀ ପୋର୍ଟ ଲୁଇସ୍ ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ୧୨ ମାର୍ଚ୍ଚ ମରିସସ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ। ଭାରତୀୟ ଯୁଦ୍ଧ ଜାହାଜର ଏହି ଯାତ୍ରା ମରିସସ ଜାତୀୟ ଦିବସ ଉତ୍ସବରେ ଭାଗ ନେଉଥିବା ଭାରତୀୟ ଯୁଦ୍ଧପୋତ ଓ ବିମାନଙ୍କ ପରମ୍ପରାକୁ ଧ୍ୟାନରେ ରଖି ନିର୍ଦ୍ଧାରିତ କରାଯାଇଛି। ଏହି ଜାହାଜରୁ ପରେଡରେ ଫ୍ଲାଇପାଷ୍ଟ ନିମନ୍ତେ ଏକ ମାର୍ଚ୍ଚିଂ ପ୍ଲାଟୁନ ସହିତ ନୌସେନା ବ୍ୟାଣ୍ଡ ଓ ହେଲିକପ୍ଟର ଅବତରଣ କରାଯିବ। ଭରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଉତ୍ସବରେ ମୁଖ୍ୟ ଅତିଥି ହେବେ। ନୌସେନା ଅନୁସାରେ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ପୋର୍ଟ ଲୁଇସ୍ ରେ ଅବସ୍ଥାନ କାଳରେ ଭାରତୀୟ ଜାହାଜ କେତେକ ପ୍ରଶିକ୍ଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ। ଏହା ଛଡା ମରିସସ ଜାହାଜଙ୍କ ସହିତ ଏକ ମିଳିତ ଇଇଜେଡ ନିରୀକ୍ଷଣ ଓ ଅଭ୍ୟାସ ଯୋଜନା ମଧ୍ୟ କରାଯାଇଛି। ଏହି ଅବସରରେ ହେବାକୁ ଥିବା ଆଲୋଚନାରେ ଭାରତର 'ନେବର ଫାଷ୍ଟ' ନୀତି ଓ କ୍ଷେତ୍ରରେ ସମସ୍ତଙ୍କ ଲାଗି ସୁରକ୍ଷା ଏବଂ ବିକାଶ ଦୃଷ୍ଟିକୋଣ ସଂଯୁକ୍ତ ରହିଛି।

# ଆମେରିକା-ଦକ୍ଷିଣ କୋରିଆର ମିଳିତ ସମରାଭ୍ୟାସକୁ ଉତ୍ତର କୋରିଆର ବିରୋଧ



ନିକ୍ଷେପ କଲା ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ,୧୦।୩:** ଉତ୍ତର କୋରିଆ ଏହାର ପଶ୍ଚିମ ଉପକୂଳରୁ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଦକ୍ଷିଣ କୋରିଆର ସେନା ଏହାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ଦକ୍ଷିଣ କୋରିଆ ସେନାର ସୂଚନା ଅନୁସାରେ,ସୋମବାର କ୍ଷେପଣାସ୍ତ୍ର ଗୁଡ଼ିକ ନିକ୍ଷେପ କରାଯାଇଥିଲା। ଉଲ୍ଲେଖନୀୟ ଯେ ଏହି କ୍ଷେପଣାସ୍ତ୍ର ଗୁଡ଼ିକ ଏପରି ସମୟରେ ନିକ୍ଷେପ କରାଯାଇଛି ଯେତେବେଳେ ଆମେରିକା ଏବଂ ଦକ୍ଷିଣ କୋରିଆର ସେନା ମିଳିତ ସାମରିକ ଅଭ୍ୟାସ ଆରମ୍ଭ କରିଛନ୍ତି। ତେବେ ଉତ୍ତର କୋରିଆ ବାରମ୍ବାର ଏପରି କୌଶଳ ଉପରେ ଅସନ୍ତୋଷ ପ୍ରକାଶ କରିଆସିଛି। ଉଲ୍ଲେଖନୀୟ ଯେ ଦକ୍ଷିଣ କୋରିଆ ଏବଂ ଆମେରିକା ସୋମବାର ଠାରୁ ସେମାନଙ୍କର ବାର୍ଷିକ ମିଳିତ ସାମରିକ ଅଭ୍ୟାସ ଆରମ୍ଭ କରିଛନ୍ତି। ତଥାପି, ଦକ୍ଷିଣ କୋରିଆର ଲଢୁଆ ବିମାନ ଗୁଡ଼ିକ ଭୁଲବଶତଃ ନିଜ ନାଗରିକଙ୍କ ଉପରେ ବୋମା ପକାଇବା ପରେ ଆମେରିକା ସହିତ ମିଳିତ ସାମରିକ ଅଭ୍ୟାସରେ ଗୁଳିଚାଳନା ନିଷିଦ୍ଧ କରାଯାଇଛି। ଏହି ଅଭ୍ୟାସରେ, ଉଭୟ ଦେଶ କମ୍ପ୍ୟୁଟର ସିମୁଲେସନ ସହିତ କ୍ଷେତ୍ର ତାଲିମ ଉପରେ ଧ୍ୟାନ ଦେଉଛନ୍ତି। ଏହି ଅଭ୍ୟାସ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭ୍ୟାସ ଉପରେ ଅସନ୍ତୋଷ ପ୍ରକାଶ କରି ଉତ୍ତର କୋରିଆ ଏହାକୁ ଏକ ବିପଜ୍ଜନକ ଉତ୍ତେଜନାମୂଳକ କାର୍ଯ୍ୟ ବୋଲି କହିଛି ଏବଂ କହିଛି ଯେ ଏହା ଅଞ୍ଚଳରେ ସଂଘର୍ଷ ସୃଷ୍ଟି କରିପାରେ। ଘଟଣାର ତଦନ୍ତ ପରେ ହିଁ ଯୁଦ୍ଧ ଅଭ୍ୟାସ ସମୟରେ ଗୁଳି ଚାଳନା ପାଇଁ ଅନୁମତି ଦିଆଯିବ ବୋଲି ଦକ୍ଷିଣ କୋରିଆ ସେନା ଏକ ବିବୃତ୍ତିରେ କହିଛି। ଡୋନାଲ୍ଡ ଟ୍ରମ୍ପ କ୍ଷମତା ଗ୍ରହଣ କରିବା ପରେ ଏହା ଦୁଇ ଦେଶ ମଧ୍ୟରେ ପ୍ରଥମ ବଡ଼ ସାମରିକ ଅଭ୍ୟାସ। ଆଉ ଏହା ଉତ୍ତର କୋରିଆ ସହିତ ଦକ୍ଷିଣ କୋରିଆ ଏବଂ ଆମେରିକା ମଧ୍ୟରେ ମଧ୍ୟ ଉତ୍ତେଜନା ବୃଦ୍ଧି ପାଇଛି। ଏଭଳି ସ୍ଥଳେ ଉତ୍ତର କୋରିଆ ନିରନ୍ତର ଭାବରେ ଏହାର ପରମାଣୁ ଭଣ୍ଡାର ବୃଦ୍ଧି କରୁଛି।

### ପ୍ରଶଂସକଙ୍କ ପାଇଁ ଖୁସି ଖବର

# ଏବେ ଅବସର ନେବେନି: ରୋହିତ




ନୂଆଦିଲ୍ଲୀ,୧୦ /୦୩ : କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ବିଶେଷ କରି ରୋହିତଙ୍କ ଫ୍ୟାନ୍ସଙ୍କ ପାଇଁ ଗୁଡ୍ ନ୍ୟୁଜ। ହିଟମ୍ୟାନ ରୋହିତ ଶର୍ମାଙ୍କ ଅବସର ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଦିନିକିଆ ଫର୍ମାଟରୁ ଏବେ ଅବସର ନେବାର କୌଣସି ଯୋଜନା ନାହିଁ ବୋଲି ନିଜେ କହିଛନ୍ତି କ୍ୟାପ୍ଟେନ ରୋହିତ ଶର୍ମା। ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଚାମ୍ପିଅନ ହେବା ପରେ ପ୍ରେସମିଟରେ ଏହା କହିଛନ୍ତି ରୋହିତ ଶର୍ମା। ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ ହେବା ପରେ ଦିନିକିଆରୁ ଅବସର ନେବା ପ୍ରଶ୍ନରେ ରୋହିତ କହିଛନ୍ତି, '' ଦିନିକିଆରୁ ଏବେ ଅବସର ନେବାର କୌଣସି ଯୋଜନା ନାହିଁ। କେବଳ ଏହା ନିଶ୍ଚିତ କରିବାକୁ ଚାହେଁ କି ଆଗକୁ ଯେମିତି କୌଣସି ଗୁଜବ ପ୍ରସାରିତ ନହେଉ। ଆଗକୁ ସେମିତି କିଛି ଯୋଜନା ନାହିଁ। ଯାହା ଘଟୁଛି ତାହା ଘଟିବାକୁ ଦିଅ।''

୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିବା ପରେ ଉକ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ତେଣୁ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ସେ ହୁଏତ ଦିନିକିଆରୁ ଅବସର ଘୋଷଣା କରି ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ସେମିତି କିଛି ହୋଇନଥିଲା। ଏହି ଗୁଜବ ପ୍ରସାରିତ ହେବା ପରେ ତାଙ୍କ ଫ୍ୟାନ୍ସଙ୍କ ମଧରେ ନିରାଶା ଦେଖିବାକୁ ମିଳିଥିଲା। ମାତ୍ର ଏହା ଗୁଜବ ବୋଲି କହି ଅବସର ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ନିଜେ ରୋହିତ ଶର୍ମା। ରୋହିତଙ୍କ କୀର୍ତ୍ତିମାନ- ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଟିମ୍ ଇଣ୍ଡିଆ ଅଧିନାୟକ ରେହିତ ଶର୍ମା ଧୂଆଁଧାର ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଏହା ସହିତ ଏକ ରେକର୍ଡ ସ୍ଥାପନ କରିଥିଲେ। ଅଧିନାୟକ ଭାବେ ନିନିକିଆରେ ୨,୫୦୦ ରନ ପୂରଣ କରିଛନ୍ତି। ଭାରତର ଷଷ୍ଠ ଅଧିନାୟକ ଭାବେ ଏହି କ୍ଲବରେ ସାମିଲ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମୁକାବିଲାରେ ରୋହିତ ୭୬ରନ ପାଳି ଖେଳିଥିଲେ। ସେଥିରେ ୭ଟି ଚୌକା ଓ ୩ଟି ଛକା ସାମିଲ ରହିଛି।

ସୂଚନାଯୋଗ୍ୟ, ଆଇସିସି ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବାଜି ମାରି ନେଇଛି ଭାରତ। ୧୨ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଚାମ୍ପିଅନ୍ସ ଟ୍ରଫି ଜିତିଛି ଟିମ୍ ଇଣ୍ଡିଆ। ୨୦୦୨ ଓ ୨୦୧୩ ପରେ ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫି ହାତେଇଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ବାଜି ମାରି ବିଜୟ ମୁକୁଟ ପିନ୍ଧିଛି ଭାରତ। କିୱି ଦଳକୁ ୪ ୱିକେଟରେ ହରାଇ ସପ୍ତମ ଆଇସିସି ଟ୍ରଫି ଜିତିଛି। ରୋହିତ ଶର୍ମା ଫାଇନାଲ ମ୍ୟାଚରେ ୭୩ରନର ଦମଦାର ଇନିଂସ ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



## ଛାଡ଼ପତ୍ର ପରେ ଆରଜେଙ୍କ ପ୍ରେମରେ ଚହଲ !

**ମୁମ୍ବାଇ ୧୦।୩:** ଅଭିନେତ୍ରୀ ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ପରସ୍ପରଠାରୁ ଅଲଗା ହୋଇଯାଇଥିବା ନେଇ ଖବର ଆସିସାରିଛି। କିଛି ଦିନ ତଳେ ଚର୍ଚ୍ଚା ହୋଇଥିଲା ଯେ, କୋର୍ଟ ଦୁହିଁଙ୍କ ଛାଡ଼ପତ୍ରକୁ ମଞ୍ଜୁର କରିଛନ୍ତି। ଏହି ଚର୍ଚ୍ଚା ମଧ୍ୟରେ ଏବେ ଯୁଜି ଅନ୍ୟଜଣେ ଯୁବତୀଙ୍କ ସହିତ ସମୟ କଟାଉଥିବାର ନଜର ଆସିଛନ୍ତି। ଯୁବତୀଜଣକ ହେଉଛନ୍ତି ଆରଜେ ମହବଶ। ଯୁଜବେନ୍ଦ୍ର ଚହଲଙ୍କ ସହ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରବିବାର ଦୁବାଇରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ବେଳେ ଏହି ସମୟରେ ଜଣେ ଯୁବତୀଙ୍କ ସହ ଚହଲ ନଜର ଆସିଥିଲେ। ଷ୍ଟାଡିୟମରେ ଲାଗିଥିବା କ୍ୟାମେରାରେ ଦୁହେଁ ହସୁଥିବାର ଭିଡିଓ କଏଦ ହୋଇଥିଲା। ଏହା ସହ ମହବଶ ମଧ୍ୟ ନିଜ ଇନଷ୍ଟାରେ ଚହଲଙ୍କ ସହ କିଛି ଫଟୋ ଓ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ଦୁହେଁ ଭାରତର ବିଜୟକୁ ପାଳନ କରୁଥିବା ଦେଖାଯାଇଛି। ଫଟୋ ସେୟାର କରି ମହବଶ ଲେଖିଛନ୍ତି, 'କହିଥିଲି ନା ଜିତାଇକି ଆସିବି। ମୁଁ ଭାରତୀୟ ଟିମ୍ ପାଇଁ ଶୁଭ।' ତାଙ୍କର ଏହି ପୋଷ୍ଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## ମହମ୍ମଦ ସାମିଙ୍କ ମା'ଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲେ କୋହଲି

**ଦୁବାଇ, ୧୦।୩:** ମଣିଷ ଯେତେ ବଡ ହେଉ, ବିଜୟ ତା ପାଦ ପାଖରେ ଯେତେ ଆସି ଛୁଉଁ କିମ୍ବା ସିଏ ବିଜୟର ଶୀର୍ଷରେ ଯେତେ ପଛେ ପହଞ୍ଚୁ ମାଆ ଆଗରେ ପିଲାଟିଏ ସବୁବେଳେ ପିଲା... ଦେଶ ପାଇଁ ବଡ ହୋଇପାରେ ସତ ସେବେ ମାଆ ଆଗରେ ନଇଁଯାଏ ତାର ମଥା। ମମତାର ସ୍ପର୍ଶ ଟିକେ ପାଇଁ, ମାଆ ହାତର ଆଶୀର୍ବାଦ ପାଇଁ ସେ ଛୁଇଁଦିଏ ମାଆର ପାଦ। ଠିକ୍ ଏମିତି କିଛି ହୋଇଛି ଦୁବାଇ ଷ୍ଟାଡିୟମରେ। ଭାରତ ଯେତେବେଳେ ଚାମ୍ପିୟନ୍ସ ଟ୍ରଫି ଜିତି ବିଜୟର ଧ୍ୱଜା ଉଡାଇ ସେଲିବ୍ରେସନ କରୁଥିଲା ଠିକ୍ ସେତେବେଳେ ବିରାଟ ଦେଖାଇଥିଲେ ତାଙ୍କ ବଡପଣ। ନିଜ ମାଆ ନୁହେଁ ବରଂ ନିଜ ଟିମ୍ ସଦସ୍ୟ ମହମ୍ମଦ ସାମିଙ୍କ ମାଆଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ ବିରାଟ। ଏ ବିଜୟ ସବୁ ମାଆମାନଙ୍କ ଆଶୀର୍ବାଦ ପାଇଁ ତେଣୁ ପାଖରେ ଯେତେବେଳେ ଜଣେ ମାଆଙ୍କୁ ପାଇଛନ୍ତି ସେତେବେଳେ ସଙ୍ଗେ ସଙ୍ଗେ ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଛନ୍ତି କୋହଲି ଆଉ ସାମିଙ୍କ ମାଆଙ୍କ ଠାରୁ ନେଇଛନ୍ତି ଆଶୀର୍ବାଦ। ଜଣେ ମାଆଙ୍କ ପ୍ରତି ବିରାଟଙ୍କ ଏହି ସମ୍ମାନ ତାଙ୍କୁ ପ୍ରଶଂସକଙ୍କ ଗହଣରେ ପୁଣିଥରେ ଚର୍ଚ୍ଚିତ କରେଇଛି। ଯାହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବିଜୟୀ ଟିମର ସଦସ୍ୟ ନିଜ ନିଜ ପରିବାର ସହ ଖୁସି ମନାଇଛନ୍ତି। କୋହଲି ନିଜ ପତ୍ନୀ ଅନୁଷ୍କାଙ୍କ ସହ ନଜର ଆସିଥିବା ବେଳେ ରୋହିତ ନିଜ ସ୍ତ୍ରୀ ଏବଂ ଝିଅଙ୍କ ସହ ନଜର ଆସିଥିଲେ। ଆଉ ସାମି ନିଜ ମାଆଙ୍କ ସହ ବିଜୟ ଉତ୍ସବ ପାଳିଥିବା ଦେଖିବାକୁ ମିଳିଥିଲା।



## ଜାତୀୟ ପାରା ଜୁଡୋ | ବେଦାନ୍ତର ମୋହନଙ୍କୁ ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପାଇଥିବା ରାଜ୍ୟର ଆଦିବାସୀବହୁଳ କଳାହାଣ୍ଡି ଜିଲ୍ଲାର ପାରା ଜୁଡୋ ଆଥଲେଟ୍ ମୋହନ ସାହୁ ତ୍ରୟୋଦଶ ଜାତୀୟ ପାରା ଜୁଡୋ ଚାମ୍ପିଅନସିପ୍‌ରେ ଉତ୍କର୍ଷତା ପ୍ରଦର୍ଶନ ପୂର୍ବକ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଜଣେ ପ୍ରତିଭାବାନ ଆଥଲେଟ୍ ଭାବେ ମୋହନ ଜୁନିୟର (୬୬ କେଜି) ଓ ସିନିୟର (୬୪ କେଜି) ବର୍ଗରେ ଏହି ପଦକ ଜିତିଛନ୍ତି। ଏଥିସହ ସେ ଏବେ ଉଜବେକିସ୍ତାନର ତାସକେଣ୍ଟରେ ଆଗାମୀ ଏସୀୟ ପାରା ଜୁଡୋ ଚାମ୍ପିଅନସିପ୍ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ପଦକ ଜିତିବା ପରେ ସେ କହିଛନ୍ତି ଯେ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମର ସମର୍ଥନ ତାଙ୍କୁ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଆତ୍ମବିଶ୍ୱାସ ଦେଇଛି। ଜଣେ ପାରା ଆଥଲେଟ୍ ଭାବେ ତାଙ୍କ ଯାତ୍ରାରେ ବେଦାନ୍ତର ପ୍ରୋତ୍ସାହନ ଓ ସହାୟତା ଅତୁଳନୀୟ। ସେହିପରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି ଯେ ମୋହନଙ୍କ ଭଳି କ୍ରୀଡ଼ାବିତମାନଙ୍କୁ ସହାୟତା ଦେଇ ସମାବେଶୀ ଏବଂ ଗୋଷ୍ଠୀଗତ ବିକାଶ ପ୍ରତି କମ୍ପାନୀ ଏହାର ବୃହତ୍ତର ପ୍ରତିବଦ୍ଧତା ଦର୍ଶାଇଛି। ମୋହନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନୂତନ ଆହ୍ୱାନର ମୁକାବିଲା କରୁଥିବା ବେଳେ ତାଙ୍କ ସହ ବେଦାନ୍ତ ପ୍ରତି ମୁହୂର୍ତ୍ତରେ ଛିଡ଼ା ହୋଇ ନିଜକୁ ଗର୍ବିତ ମନେ କରୁଛି ବୋଲି ଶ୍ରୀ ଗୁପ୍ତା କହିଛନ୍ତି। ସୂଚନାଯୋଗ୍ୟ ଯେ ବେଦାନ୍ତ ଆଲୁମିନିୟମର ମାଇନ୍ସ ଟିମ୍ ମୋହନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ସହ ନିକଟରେ ଲକ୍ଷ୍ନୌରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ତାଙ୍କ ଭାଗୀଦାରୀକୁ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ଆବଶ୍ୟକ ଉପକରଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।




## ବିଜୟ ପରେ ରୋହିତ-କୋହଲିଙ୍କ ଡାଣ୍ଡିଆ ନାଚ

**ଦୁବାଇ, ୧୦।୩:** ୧୨ ବର୍ଷ ପରେ ପୁଣି ଚାମ୍ପିୟନ୍ସ ଟ୍ରଫି ଜିତିଛି ଭାରତ। ରୋହିତ୍ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଲଗାତାର ଦ୍ୱିତୀୟ ଥର ପାଇଁ ଆଇସିସି ଟାଇଟେଲକୁ ନିଜ ନାଁରେ କରିଛି। ୨୦୧୩ ମସିହାରେ ଭାରତ ମହେନ୍ଦ୍ର ସିଂ ଧୋନୀଙ୍କ ଅଧିନାୟକତ୍ୱରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଆଉ ଏବେ ପୁଣି ଏହି ସ୍ୱାଦ ଚାଖିବାରେ ସଫଳ ହୋଇଛି ରୋହିତ ବାହିନୀ। କେବଳ ୨୦୧୩ ପରେ ଭାରତ ଏହି ଟ୍ରଫି ଜିତିନି, ବରଂ ୨୫ ତଳର ବଦଲା ପୂରଣ କରିଛି। ୨୦୦୦ ମସିହା ଚାମ୍ପିୟନ୍ସ ଟ୍ରଫିରେ ବି ଭାରତ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହୋଇଥିଲେ। ସେତେବେଳେ କିଓ୍ୱି ଦଳ ଚାମ୍ପିୟନ୍ ହୋଇଥିବା ବେଳେ ଏବେ କିନ୍ତୁ ଭାରତ ବାଜି ମାରି ନେଇଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧରେ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ନ୍ୟୁଜିଲାଣ୍ଡ ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା ଏବଂ ଟିମ୍ ଇଣ୍ଡିଆକୁ ୨୫୨ ରନର ଟାର୍ଗେଟ୍ ଦେଇଥିଲା। ଯାହାକୁ ସଫଳତା ପୂର୍ବକ ପାର୍ କରିଛି ବ୍ଲୁ ବାହିନୀ ଏବଂ ନ୍ୟୁଜିଲାଣ୍ଡ ଠାରୁ ଛଡ଼ାଇ ନେଇଛି ଚାମ୍ପିୟନ୍ସ ଟ୍ରଫି। ଖେଳ ଶେଷ ଆଡକୁ ଯେତେବେଳେ କ୍ରିକେଟର୍ ରବିନ୍ଦ୍ର ଜାଡ଼େଜା ଚଉକା ମାରି ଟିମକୁ ଜିତାଇଲେ ସେତେବେଳେ ପୁରା ଷ୍ଟାଡିୟମ୍ ଇଣ୍ଡିଆ .. ଇଣ୍ଡିଆ ନାଁରେ ପଡିଲା ଉଠିଲା। ଫ୍ୟାନ୍ସଙ୍କ ଖୁସି ଆହୁରି ଦ୍ୱିଗୁଣିତ ହେଲା ଯେତେବେଳେ ଟିମ୍ ବ୍ଲୁ ଷ୍ଟାଡିୟମରେ ନାଚିବାକୁ ଲାଗିଲେ। ଇଣ୍ଡିଆନ୍ କ୍ରିକେଟ୍ ଟିମର ଅଧିନାୟକ ରୋହିତ୍ ଶର୍ମା ଏବଂ କିଙ୍ଗ୍ କୋହଲି ଯେତେବେଳେ ଷ୍ଟାଡିୟମରେ ବିଜୟର ଖୁସିକୁ ସେଲିବ୍ରେଟ୍ କଲେ ସେତେବେଳେ ପୁରା ଷ୍ଟାଡିୟମ୍ ମଧ ଖୁସିରେ ଝୁମିଲା। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି। ଇଣ୍ଡିଆର ବିଜୟ ପରେ ରୋକୋ (ରୋହିତ୍-ବିରାଟ୍) ଷ୍ଟମ୍ପକୁ ଉଠାଇ ଡାଣ୍ଡିଆ ଡ୍ୟାନ୍ସ କରିବାକୁ ଲାଗିଲେ ଯାହା ସେଠାରେ ଉପସ୍ଥିତ ଥିବା କ୍ରିକେଟପ୍ରେମୀଙ୍କ ମନ ଜିଣି ନେଇଥିଲା। ତେବେ ଗତ କିଛି ସମୟ ଧରି କ୍ୟାପଟେନ୍ ରୋହିତ୍ ଶର୍ମା ମୈଦାନରେ ଫ୍ଲପ୍ ସାବ୍ୟସ୍ତ ହେଉଥିଲେ କିନ୍ତୁ ଚାମ୍ପିୟନ୍ସ ଟ୍ରଫିରେ ହିଟମ୍ୟାନ୍ ଙ୍କ ବ୍ୟାଟ୍ କଥା କହିବା ଆରମ୍ଭ କରିଥିଲା। ମୈଦାନରେ ଉଚ୍ଚକୋଟିର ପ୍ରଦର୍ଶନ ଦେଇ କ୍ରିକେଟପ୍ରେମୀଙ୍କ ପ୍ରିୟଭାଜନ ହେଲେ ହିଟମ୍ୟାନ୍। ଅନ୍ୟପକ୍ଷରେ ପାକିସ୍ତାନ ବିପକ୍ଷରେ ହୋଇଥିବା ମ୍ୟାଚରେ ଚଉକା , ଛକା ମାରିଥିବା କିଙ୍ଗ୍ କୋହଲି ଫାଇନାଲ ମ୍ୟାଚରେ ସେତେଟା ଆଖିଦୃଶିଆ ପ୍ରଦର୍ଶନ କରିପାରିଲେ ନାହିଁ। ୨ ବଲରେ ୧ ରନ୍ କରି ଫାଇନାଲରେ ଆଉଟ୍ ହୋଇଥିଲେ ବିରାଟ୍।




## ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ରଞ୍ଜିତା

**ଭୁବନେଶ୍ୱର, ୧୦।୩:** ଜାମ୍ମୁ କାଶ୍ମୀରର ଗୁଲମାର୍ଗଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ପଞ୍ଚମ ସଂସ୍କରଣରେ ଲଗାତାର ଚତୁର୍ଥ ଥର ପାଇଁ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ଓଡ଼ିଶାର 'ସ୍ନୋ ଗାର୍ଲ' ଭାବେ ପରିଚିତ ରଞ୍ଜିତା ବେହେରା। ଏକମାତ୍ର ଓଡ଼ିଆ ଭାବେ ଏହି ପ୍ରତିଯୋଗିତାର ଆଲ୍‌ପାଇନ୍ ସ୍କି'ର ସାଲାଲମ ଓ ଜାଏଣ୍ଟ୍ ସାଲାଲାମ ବର୍ଗରେ ରାଜ୍ୟର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାରେ ୧୧ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳ ସମେତ ସେନା, ଇଣ୍ଡୋ ତିବ୍ବତିଆନ୍ ସୀମା ସୁରକ୍ଷାବଳ ଏବଂ ସିଆର୍‌ପିଏଫ୍‌ର ୩୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।ଏହି ପ୍ରତିଯୋଗିତା ପୂର୍ବରୁ ରଞ୍ଜିତା କାଜାଖସ୍ତାନର ଶ୍ୟାମବୁଲାକ୍ ବରଫ ପାହାଡ଼ରେ ତାଲିମ ନେଇଥିବାରୁ ଉନ୍ନତ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିନେଇ ସେ କହିଛନ୍ତି, ଓଡ଼ିଶା ଭଳି ଏକ ବରଫବିହୀନ ରାଜ୍ୟରୁ ଆସି ଅନ୍ତର୍ଜାତୀୟ ତଥା ଅଭିଜ୍ଞ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନିଶ୍ଚିତ ଭାବେ ମୋ ପାଇଁ ଗର୍ବ ଓ ଗୌରବର ବିଷୟ। ଏଥର ମୁଁ ବିନା ଚାପରେ ଖେଳିବି। ଅଯୋଗ୍ୟ ଘୋଷିତ ନହୋଇ କିପରି ଅନାୟସରେ ସବୁ ଫାଟକକୁ ଅତିକ୍ରମ କରି କମ୍ ସମୟରେ ଫିନିସିଂ ପଏଣ୍ଟ୍‌ରେ ପହଞ୍ଚିବାକୁ ଚେଷ୍ଟା କରିବି। ଓଡ଼ିଶାବାସୀଙ୍କ ଭଲ ପାଇବା ଏବଂ ରାଜ୍ୟ ସରକାରଙ୍କ ସମର୍ଥନ ଓ ସହଯୋଗ ପାଇଁ ହୃଦୟର ଗଭୀରତମ କୋଣରୁ କୃତଜ୍ଞତା ଜଣାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି ନେତାଙ୍କୁ...

ଏବେ ତାଙ୍କର ନିଜ ଲୋକଙ୍କୁ ସେଠାକୁ ନେବାକୁ ଯୋଜନା କରିଛନ୍ତି। ଗତ ୨୮ ତାରିଖରେ ଡିଜିପି ୱାଇବି ଖୁରାନିଆଙ୍କୁ କ୍ୟାମ୍ପ ଅଫିସକୁ ସେ ଆସିଥିଲେ ୩ ଜଣ ଇନ୍ସପେକ୍ଟରଙ୍କ ନାଁ ନେଇ। ଖାଲି ସେତିକି ନୁହେଁ ଏସଡିପିଓଙ୍କର ଯେମିତି ବଦଳି ନ ହେବ, ସେନେଇ ମଧ୍ୟ ଡିଜିପିଙ୍କୁ କହିଥିଲେ। କିନ୍ତୁ ଫେରିବା ସମୟରେ ସାମ୍ବାଦିକଙ୍କୁ ଦେଖି ସେ ବାଉଳା ହୋଇଯାଇଥିଲେ। ଲିଫ୍ଟରେ ଯିବେ କି ସିଡ଼ିରେ, ସେ ବି ଜାଣିପାରିନଥିଲେ। ଆଜି ପୁଣି ପ୍ରତାପ ପହଞ୍ଚିଥିଲେ ଡିଜିପିଙ୍କ ଅଫିସରେ। ନିଜେ ସୁପାରିସ୍ କରିଥିବା ଇନ୍ସପେକ୍ଟରଙ୍କ କଥା ପଚାରିବାକୁ ଆସିଥିଲେ ସେ। ପୂର୍ବ ଥର ୪୫ ମିନିଟରୁ ଅଧିକ ସମୟ ଡିଜିପି ଅଫିସରେ ରହିଥିବା ବେଳେ ଆଜି ମାତ୍ର ୧୦/୧୫ ମିନିଟ୍ ଭିତରେ ଫେରିଯାଇଥିଲେ। କିନ୍ତୁ ଫେରିବା ବେଳେ ସାମ୍ବାଦିକଙ୍କୁ ଦେଖି ତଳକୁ ମୁହଁ ମାଡ଼ି ଚାଲିଯାଇଥିଲେ। ତେବେ ପ୍ରତାପ ସୁପାରିସ୍ କରିଥିବା ଇନ୍ସପେକ୍ଟର ଆଳି ଥାନା ଯାଉଛନ୍ତି ନା ଡିଜିପି ତାଙ୍କ ଇଚ୍ଛାରେ ପୋଷ୍ଟିଂ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।

### ୩ ବର୍ଷରେ...

ସମୟରେ ରାଜ୍ୟରେ ନକଲି ମେଡିସିନ କଥା ସାମ୍ନାକୁ ଆସିଥିଲା। ସେତେବେଳେ ଟେଲ୍‌ମା ଏଏମ୍ ଓ ଟେଲ୍‌ମା ୪୦ ଭଳି ବହୁଳବ୍ୟବହୃତ ନକଲି ମେଡିସିନ ଜବତ ହେବା ପରେ ଛାନଭିନ ଆରମ୍ଭ ହୋଇଥିଲା। କଟକରୁ ଜବତ ଏହି ମେଡିସିନ କର୍ଣ୍ଣାଟକ ଏବଂ ବିହାରରୁ ଆସିଥିବା ଜଣାପଡ଼ିବା ପରେ କମିଶନରେଟ ପୁଲିସର ଏକ ଟିମ ରାଜ୍ୟ ବାହାରକୁ ଯାଇ ତଦନ୍ତ କରିଥିଲା। ଏବେ ବିଧାନସଭାର ଏହି ତଥ୍ୟ ସମସ୍ତଙ୍କୁ ଚକିତ କରିଛି। ବିଶେଷକରି ଗାଁଗହଳିରେ ରହୁଥିବା ଏବଂ ଛୋଟ ଛୋଟ ସମସ୍ୟା ପାଇଁ ଡାକ୍ତରଙ୍କ ପାଖକୁ ନ ଯାଇ ମେଡିସିନ ଦୋକାନରୁ ଔଷଧ ଖାଉଥିବା ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏହି ସମସ୍ୟା ପ୍ରତି ନୂଆ ସରକାର କେତେ ଗୁରୁତ୍ୱ ଦେଉଛନ୍ତି ଓ ଆଗକୁ କ'ଣ ପଦକ୍ଷେପ ନେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ବିରୋଧୀଙ୍କୁ...

ନମୂନା- ଏହା ଥିଲା ସେତେବେଳର କଂଗ୍ରେସ ସରକାର ବିରୋଧରେ ନାରା। ଏବେ ସେହି କଂଗ୍ରେସ ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଥିବା ଅଭିଯୋଗ କରି ଗୃହ ମଧ୍ୟରେ ହଙ୍ଗାମା କରୁଛି ବୋଲି ସାରଦା କଟାକ୍ଷ କରିଛନ୍ତି।

### ନେତାଙ୍କ...

ଆଲୋଚନା ହେଉଛି। ନିଜର ସ୍ୱାର୍ଥ ପାଇଁ ଆଗପଛ ନ ବିଚାରି ପ୍ରତାପ ଯେଭଳି ତିଳକୁ ତାଳ କରିଦେଲେ, ତାହା କେବଳ ବିଜେଡିକୁ ବଦନାମ କଲାନାହିଁ, ବରଂ ଦଳ ସଭାପତିଙ୍କ ପାଇଁ ବି ଅକଳିଆ ସ୍ଥିତି ସୃଷ୍ଟି କରିଛି।

ଏହା ପୂର୍ବରୁ ଯାଜପୁର ଜିଲ୍ଲାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଦଳର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଧର୍ମଶାଳାର ସ୍ୱାଧୀନ ବିଧାୟକଙ୍କୁ ଆକ୍ରମଣ କରିଦେଲେ। ଏଥିରେ ବିଜେଡିର ଲାଭ କିଛି ନଥିଲା। ହେଲେ ଏହାପରେ ଧର୍ମଶାଳା ବିଧାୟକ ବିଜେଡି ସହିତ ଏହାର ନେତୃତ୍ୱଙ୍କୁ ବି ଗାଳିଦେବାକୁ ପଛାଇଲେ ନାହିଁ।

କେବଳ ଏହି ଦୁଇଟି ଘଟଣା ନୁହେଁ, ବିଜେଡିର ବହୁ ନେତା ଏବେ ଦଳୀୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଫଳରେ ଦଳ ଅକଳରେ ପଡ଼ିବାରେ ଲାଗିଛି। କୌଣସି କାରଣ ନଥାଇ ବିରୋଧୀଙ୍କ ହାତକୁ ଏହି ନେତାମାନେ ବିଭିନ୍ନ ପ୍ରସଙ୍ଗ ଧରାଇ ଦେଉଛନ୍ତି। ଯାହା ଫଳରେ ବିରୋଧୀ ସଦସ୍ୟମାନେ ଖୋଲାଖୋଲି ଭାବେ ବିଜେଡି ସଭାପତି ଓ ରାଜନୀତି ଛାଡିଥିବା ପାଣ୍ଡିଆନଙ୍କୁ ଗାଳି ଦେବାକୁ ମଉକା ପାଉଛନ୍ତି ଓ ଏହାକୁ ନେଇ ରାଜନୀତିକୁ ସରଗରମ କରୁଛନ୍ତି।

### ଓପିଜିସି...

ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ନୂଆ ଏମଡି ଏ ସଂକ୍ରାନ୍ତରେ ଖୋଳତାଡ଼ କରିବା ସହ ଏହି ଅଧିକାରୀମାନଙ୍କ ପୁରୁଣା ରେକର୍ଡ ଓ କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି। ମାର୍କେଟ୍ ବେସ୍‌ଡ ସାଲାରୀ (ଏମବିଏସ୍) ଫର୍ମୁଲାରେ ଏହି ଅଧିକାରୀମାନେ ଯେଉଁ ପରିମାଣରେ ବେତନ ନେଉଛନ୍ତି, ସେହି ଅନୁପାତରେ ଓପିଜିସି ଏମାନଙ୍କ ଦ୍ୱାରା ଲାଭବାନ ହେଉଛି କି ନାହିଁ ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ନିଗମରେ ଆଲୋଚନା ଜୋର୍ ଧରିଛି।

### ବିଜୁବାବୁଙ୍କ...

ଆରମ୍ଭ ପୂର୍ବରୁ କଂଗ୍ରେସ ବିଧାୟକମାନେ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଛି ଏବଂ ରାଜ୍ୟ ସରକାର ଏଦିଗରେ ନିଷ୍କ୍ରିୟ ଅଭିଯୋଗ କରି ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ପ୍ରଶ୍ନକାଳ ଆରମ୍ଭରୁ ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ପରେ ଆରମ୍ଭ ହୋଇଯାଇଥିଲା କଂଗ୍ରେସ ନେତାଙ୍କ ନାରାବାଜୀ। ଗୃହର ମଧ୍ୟଭାଗକୁ ଆସି ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାରୀ ବିଫଳତା ବିରୋଧରେ ଚାଲିଲା ସ୍ଲୋଗାନବାଜୀ। ବିଜେଡି ବିଜୁବାବୁଙ୍କୁ ଅସମ୍ମାନ କରାଯାଇଥିବା ଘଟଣାରେ ମୁଲତବି ନୋଟିସ ଦେଇ ବି କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଦେଖି ଦଳ ନିଜର ରଣନୀତି ବଦଳାଇଥିଲା। ବିଜୁ ବାବୁଙ୍କୁ ଛାଡି ଜୟନାରାୟଣଙ୍କ ପଛରେ ଲାଗିଲା ବିଜେଡି। କଂଗ୍ରେସ ମାଇଲେଜ ନେଇଯିବା ଭୟରେ ବିଜେଡି ବିଧାୟକମାନେ ଜୟନାରାୟଣଙ୍କ ବିବାଦୀୟ ବୟାନକୁ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ କରିଥିଲେ।

ବିଜେଡି ଓ କଂଗ୍ରେସ ବିଧାୟକଙ୍କ ଏଭଳି ଭିନ୍ନ ଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଓ ନାରାବାଜୀ ମଧ୍ୟରେ ଦିନ ତମାମ ଗୃହ ଚାଲିପାରିଲା ନାହିଁ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡକାଇଲେ ବି ତାହା ଫେଲ ମାରିଥିଲା। କଂଗ୍ରେସ ଓ ବିଜେଡି ନିଜ ନିଜ ଜିଦରେ ଅଟଳ ଥିବା ବେଳେ ପ୍ରଶ୍ନକାଳ, ଶୂନ୍ୟକାଳରେ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉପରେ ଧାଡିଟିଏ ବି ଆଲୋଚନା ହୋଇପାରିଲା ନାହିଁ। ଦୁଇ ବିରୋଧୀ ଦଳର ଏଭଳି ହୋହାଲ୍ଲା ମଧ୍ୟରେ ବାଚସ୍ପତି ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରିଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନିପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢି ତାଙ୍କ ମାଇକ ଭାଙ୍ଗିଦେଇଥିଲେ ଆଉ ତାଙ୍କୁ ଏକ ଟଙ୍କିକିଆ ଚକଲେଟ ଦେଇଥିଲେ। ଜୟନାରାୟଣଙ୍କ ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ବୋଲି ବିଜେପି ବିଧାୟକ ବାବୁ ସିଂ ସ୍ପଷ୍ଟ କରିବା ପରେ ବି ବିଜେଡି ନିଜ ଜିଦରୁ ଓହରି ନଥିଲା।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁ କହିଛନ୍ତି, ବିଜେପିର ଏଜେଣ୍ଡା ଓଡ଼ିଶାକୁ ଭାଗ ଭାଗ କରିବାକୁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଆମେ ଜାଣିବାକୁ ଚାହୁଁଛୁ। ଏକଥାକୁ ଆମେ ଗାଁ ଗାଁରେ ପହଞ୍ଚାଇବୁ। ମୁଖ୍ୟମନ୍ତ୍ରୀ କିଛି ନ କହିଲେ, ଓଡ଼ିଶାକୁ ଭାଙ୍ଗିବାକୁ ଷଡଯନ୍ତ୍ର ଆରମ୍ଭ ହୋଇଛି ବୋଲି କୁହାଯାଇପାରିବ। ଓଡ଼ିଆ ଅସ୍ମିତା କହୁଥିବା ବିଜେପି ନିଜ ସତୀତ୍ୱର ପ୍ରମାଣ କରନ୍ତୁ। ଏଥିସହ ଜୟନାରାୟଣଙ୍କ ବୟାନକୁ ନେଇ ଗୃହ ବାହାରେ ବି ନିନ୍ଦା କରାଯାଇଛି ।

ବିଜେଡି ଅଭିଯୋଗର ଜବାବ ଦେଇଛନ୍ତି ବାବୁ ସିଂ। ସେ ଆକ୍ଷେପ କରିଛନ୍ତି ଯେ, ଯେଉଁମାନେ ଦୀର୍ଘ ୧୦ ବର୍ଷ ଧରି ଜଣେ ଅଣଓଡିଆ ଅଫିସରଙ୍କ ପାଖରେ ନିଜର ଓଡିଆତ୍ୱ ଓ ଓଡିଆ ପରମ୍ପରାକୁ ବିକିଲେ, ସେମାନେ ଆଜି ଓଡିଆ ଅସ୍ମିତା କଥା କହୁଛନ୍ତି। ଅଫିସରଙ୍କ ପାଇଁ କିଛି ନେତାମାନେ ଟେଣ୍ଟ ବାନ୍ଧିଲେ ତ ଆଉ କିଛି ବିଧାୟକ ତାଙ୍କର ଟ୍ରାଫିକ ପୋଲିସ ସାଜିଥିଲେ। ଏଭଳି ନେତାଙ୍କ ମୁହଁରେ ଓଡିଆ ଅସ୍ମିତା କଥା ଶୋଭା ପାଏନି। ବିଗତ ୨୪ ବର୍ଷ ଭିତରେ ଓଡିଆ ଅସ୍ମିତା କେଉଁଠି ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜୁ ବାବୁଙ୍କ ଉପରେ ବିଧାନସଭାରେ ଆଲୋଚନା ହେଉ ବୋଲି ବିଜେପି ଚାହୁଁଛି। କିନ୍ତୁ ବିଜେଡି ଗୃହ ଚଳାଇଦେବାକୁ ପ୍ରସ୍ତୁତ ନୁହେଁ। କାରଣ ସେମାନେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ରାଜି ନୁହଁନ୍ତି। ବିଜୁ ବାବୁଙ୍କ ଉପରେ ଆଲୋଚନା ହେଲେ ବିଜେଡି ସୁପ୍ରିମୋଙ୍କ ବହୁ ଅନାଲୋଚିତ ଦିଗ ଖୋଲିଯିବ ବୋଲି ସେ କହିଛନ୍ତି।

ବିଜୁ ବାବୁଙ୍କ ମୃତ୍ୟୁ ବେଳକୁ ନବୀନ ପଟ୍ଟନାୟକ କେଉଁଠି ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରିକି ବିଜୁ ବାବୁ ତାଙ୍କ ଜୀବନର ଶେଷ କାଳ ଦିଲ୍ଲୀପ ରାୟଙ୍କ ଘରେ ରହୁଥିଲେ। ବିଜୁ ବାବୁଙ୍କ ନାଁରେ ବିଜେଡି ଗଠିତ ହୋଇଥିଲେ ବି ପ୍ରବାଦ ପୁରୁଷଙ୍କୁ ଦଳ ମର୍ଯ୍ୟାଦା ଦେଉନଥିଲା ବୋଲି ସେ କହିଛନ୍ତି।

### ଆଜି ସବୁ...

କରିପାରିବେ, ସେନେଇ ବିସ୍ତୃତ ଆଲୋଚନା କରାଯିବ। ଏହି ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ସରକାରୀ ବିଭାଗଙ୍କ ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବ୍ୟବସାୟ ବୃଦ୍ଧି ଆଦି ଉପରେ ସବିଶେଷ ଦୃଷ୍ଟି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତଦବ୍ୟତୀତ ଯେଉଁ ମହିଳାମାନେ ଅଦ୍ୟାବଧି ଲକ୍ଷପତି ଦିଦି ହୋଇସାରିଛନ୍ତି, ଏହି କାର୍ଯ୍ୟକ୍ରମରେ ସେମାନେ ସେମାନଙ୍କ ପ୍ରେରଣାଦାୟୀ ଅଭିଜ୍ଞତା ଓ ଆଲୋଚନା ମାଧ୍ୟମରେ ଅନ୍ୟ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଉତ୍ସାହିତ କରିବେ ବୋଲି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

### ତମାଖୁରୁ...

ଆଦି ପ୍ରମୁଖ। ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ୨୦୧୩ ଜାନୁଆରୀ ୩ରେ ଗୁଟ୍‌ଖା, ତମାଖୁ ଓ ନିକୋଟିନ୍‌ଯୁକ୍ତ ପାନମସଲା ଉପରେ କଟକଣା ଜାରି କରିଥିଲେ। ତଦନୁଯାୟୀ ସେବେଠାରୁ ରାଜ୍ୟରେ ଏହିସବୁ ସାମଗ୍ରୀର ଉତ୍ପାଦନ, ମହଜୁଦ ଓ ବିକ୍ରି ଉପରେ କଡ଼ା କଟକଣା ରହିଛି।
ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ ଆଇନ୍-୨୦୦୬ ଅନୁଯାୟୀ ଏହା ଲାଗୁ ହୋଇଥିଲା। ଏହି କେନ୍ଦ୍ରୀୟ ଆଇନ୍ ବଳରେ ରାଜ୍ୟରେ ନିକୋଟିନ୍‌ଯୁକ୍ତ ପାନମସଲା, ଗୁଟ୍‌ଖା ଓ ତମାଖୁର ବିକ୍ରି ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ କିଭଳି ଦେଶର ୧୬ଟି ରାଜ୍ୟରୁ ଏହି ସବୁ ସାମଗ୍ରୀ ବେଧଡ଼କ ଭାବେ ଓଡ଼ିଶାରେ ଆସି ବିକ୍ରି ହେଉଛି ଏବଂ ରାଜ୍ୟ ସରକାର ଏହା ଉପରେ ହଜାର ହଜାର କୋଟି ଟଙ୍କାର ଟିକସ ଆଦାୟ କରୁଛନ୍ତି, ତାହା ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି। (ତଥ୍ୟ)

## ବିଜେପିର ନୂଆ ସଭାପତି ଛିଣ୍ଡୁନି ଅଙ୍କ



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଖୁବଶୀଘ୍ର ଘୋଷଣା ହେବ ଭାଜପା ନୂଆ ରାଜ୍ୟ ସଭାପତି ନାଁ। ଏ ନେଇ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ ସୂଚନା ଦେଇଛନ୍ତି। ତେବେ ଏ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ବସିଥିଲା, ଆଲୋଚନା ମଧ୍ୟ ହୋଇଥିଲା । ତେବେ ଖୁବଶୀଘ୍ର ନାଁ ଘୋଷଣା ହେବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ଚୟନରେ କାହିଁକି ହେଉଛି ବିଳମ୍ବ। ପୁଣି ମନମୋହନଙ୍କ ଉପରେ ଆସ୍ଥାପ୍ରକଟ କରିବ କି ଭାଜପା। ପଦ୍ମ ଘୁଞ୍ଚିଘୁଞ୍ଚି ଗଲାପରି ଭାଜପା ସଭାପତି ନା ଘୋଷଣାରେ ବିଳମ୍ବ ହେଉଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଆଉ କାହାକୁ ଦାୟିତ୍ୱ ଦେବେ ନା ପୁଣି ସଭାପତି ହେବେ ମନମୋହନ, ଛିଣ୍ଡୁନି ଅଙ୍କ। ଅନ୍ୟ କାହା ମୁଣ୍ଡରେ ଢ଼ାଳିବେ କି ସୁନା କଳସ। ଏ ରାଜ୍ୟ ସଭାପତି ଚୟନ ନେଇ କେଉଁ ସମୀକରଣ କାମ କରିବ ତାକୁ ନେଇ ରାଜନେତିକ ସମୀକ୍ଷକ ମଧ୍ୟ ଆକଳନ କରି ପାରୁନାହାନ୍ତି। ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତରୁଣ ରାଜ୍ୟ ନେତୃବୃନ୍ଦଙ୍କ ସହ ସଭାପତି ଚୟନ ନେଇ ଆଲୋଚନା କରିସାରିଛନ୍ତି। ସେପଟେ ସଭାପତି ରେସରେ ମନମୋହନଙ୍କ ସହିତ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସାରଦା ଶତପଥୀଙ୍କ ନାଁ ଆଗରେ ରହିଛି। ତେବେ ୧୫ ମାର୍ଚ୍ଚ ପୂର୍ବରୁ ସଭାପତି ନିର୍ବାଚନ ଶେଷ ହେବ ବୋଲି କୁହାଯାଉଛି।

## ହଂସିତାଙ୍କୁ ଗୋଟିଏ ମାମଲାରେ ଜାମିନ୍

● ଅନ୍ୟ ଏକ ମାମଲାରେ ରାୟ ସଂରକ୍ଷିତ

**କଟକ,୧୦।୩(ସଂଚାର ବ୍ୟୁରୋ):** ହାଇପ୍ରୋଫାଇଲ୍ ଠକ ହଂସିତାଙ୍କୁ ଆଜି ହାଇକୋର୍ଟ ଗୋଟିଏ ମାମଲାରେ ଜାମିନ୍ ମଞ୍ଜୁର କରିଛନ୍ତି। ତାଙ୍କ ବିରୋଧରେ ଏକାଧିକ ମାମଲା ବିଚାରାଧୀନ ରହିଥିବା ବେଳେ ଆଜି ହାଇକୋର୍ଟ ଜାଲ ପାସପୋର୍ଟ ମାମଲାରେ ଜାମିନ୍ ପ୍ରଦାନ କରିଛନ୍ତି। ତେବେ ଏହି ଜାମିନ୍ ସର୍ତ୍ତମୂଳକ ରହିଛି। ଜାଲ ପାସପୋର୍ଟ ଅଭିଯୋଗ ନେଇ ଇନଫୋସିଟି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଅନ୍ୟ ଏକ ଠକେଇ ମାମଲାରେ ହାଇକୋର୍ଟ ଜାମିନ ଆବେଦନର ଶୁଣାଣି ଶେଷ କରିଥିଲେ ମଧ୍ୟ ରାୟକୁ ସଂରକ୍ଷିତ ରଖିଛନ୍ତି। ହଂସିତାଙ୍କ ନାଁରେ ଇନଫୋସିଟି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଆଜି ଜାମିନ୍ ମଞ୍ଜୁର କରିବା ସମୟରେ ବିଚାରପତି ହଂସିତା ଅଭିଲିପ୍ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦଙ୍କୁ ୪୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ମାଧ୍ୟମରେ ଜେଲ୍‌ରୁ ମୁକୁଳିପାରିବେ ବୋଲି କହିଛନ୍ତି।

## ମିଥ୍ୟା ସତ୍ୟପାଠ

# ସୁହାଗପୁର ସରପଞ୍ଚ ଅଯୋଗ୍ୟ ଘୋଷିତ



**କାକଟପୁର/ଅସ୍ତରଙ୍ଗ, ୧୦।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ନିମାପଡା ମାନ୍ୟବର ସିଭିଲ ଜଜ (ଜୁନିଅର ଡିଭିଜନ) ମିଥ୍ୟା ସତ୍ୟପାଠ ମାମଲାରେ ଜଣେ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି। ୨୦୨୨ରେ ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶେଖ ଅବତାର ଶିକ୍ଷାଗତ ଯୋଗ୍ୟତାକୁ ନେଇ ନିର୍ବାଚନ ଲଢ଼ିବା ସମୟରେ ମିଥ୍ୟା ସତ୍ୟପାଠ କରିଥିଲେ। ସୋମବାର ଏହା ମିଥ୍ୟା ପ୍ରମାଣିତ ହେବା ପରେ ମାନ୍ୟବର ସିଭିଲ ଜଜ ଜୁନିଅର ଡିଭିଜନ (ନିର୍ବାଚନ) ସୋମ୍ୟ ରାଓ କାକଟପୁର ବ୍ଲକ ସୁହାଗପୁର ସରପଞ୍ଚ ଶେଖ୍ ଅବୁତାର ନୋମିନେଶନ ରଦ କରିବା ସହିତ ପଦବୀକୁ ଅସିଦ୍ଧ ଘୋଷଣା କରିଥିବା ସୂଚନା ଦେଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ, ୨୦୨୨ରେ ସରପଞ୍ଚ ନିର୍ବାଚନ ହୋଇଥିବା ବେଳେ ଏନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ସମର୍ଥିତ ପ୍ରାର୍ଥୀନି ଶାନ୍ତିଲତା ମିଶ୍ର ୩ବର୍ଷ ତଳେ ଏକ ମାମଲା ରୁଜୁ କରିଥିଲେ। କୋର୍ଟରେ ମାମଲା ଚାଲିଥିବା ବେଳେ ସୋମବାର ଏହି ମାମଲା କେସ ନମ୍ବର (୪/୨୦୨୨) ର ଶୁଣାଣି ହୋଇଛି।ଶେଖ୍ ଅବୁତାରଙ୍କ ପଦବୀ କୁ କୋର୍ଟ ଅସିଦ୍ଧ ଘୋଷଣା କରିବା ସହିତ ପୁନର୍ବାର ନିର୍ବାଚନ ପାଇଁ ଆଦେଶ ଦେଇଛନ୍ତି।

## ବାବୁଙ୍କ ମାର୍ଚ୍ଚ କ୍ଲୋଜିଂ ଘଟଣା

# ଗୋଡି ବାଲି ବିଲ୍ ଥାଉ, ବାଉଁଶ ବନ୍ଧା ଆଗ ସରୁ

**କାକଟପୁର/ଅସ୍ତରଙ୍ଗ, ୧୦।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଅସ୍ତରଙ୍ଗ ଅଞ୍ଚଳରେ ଏପ୍ରିଲରେ ବାବୁଙ୍କ ବଦଳି ହେବ କହି କହି ଉପର ଫାଇଲ ତଳ ଏବଂ ତଳ ଫାଇଲ ଉପର କରାଯାଉଛି। ମାର୍ଚ୍ଚ ମାସ ଥିବାରୁ ସଭିଏଁ କେମିତି ଦି 'ପଇସା ପାଇବେ ସେଥିପାଇଁ ସଭିଏଁ ଧାଉଁଛନ୍ତି। ହେଲେ କଣ ମାନୁଛନ୍ତି। ତାଙ୍କ କଥା ନ ଛିଣ୍ଡିଲେ, କାହା ବିଲି ଆଗ ପାସହେବ, କାହାର ଫାଇଲ ପଡ଼ିରହିବ। ସେ ମୁହେଁ ମୁହେଁ କହିଦେଉଛନ୍ତି। ମନ ମିଶିଲା ବାଲାଙ୍କ ଫାଇଲ ପାସ କରାଇବା ପରେ ବାକି ଅଫିସଟା ସାରା କୁଆଡେ ଖାଲି ବାଉଁଶବନ୍ଧା, ଟେଷ୍ଟଭିଡା ଆଦି କାମର ଫାଇଲି ଖୋଜୁଛନ୍ତି। ଆଉ ଧାଇଁ ଦୌଡ଼ି ସେହି ଫାଇଲି ଗୁଡିକର ଆଗ ପାସ କରାଉଥିବା କେତେକ ଅଭିଯୋଗ କରୁଛନ୍ତି। ତେଣୁ ଏବେ କେତେଜଣ ଏ ସମ୍ପର୍କରେ ଅସନ୍ତୁଷ୍ଟ ହୋଇ ଏଠିସେଠି ରୋଷ ଦେଖେଇଲେଣି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ବିଭାଗ ଯନ୍ତ୍ରୀମାନେ କିପରି କାମର '୦' ହୋଇ ଶେଷ ହେବ ସେନେଇ ଲାଗିପଡିଛନ୍ତି। ସେ ସତରେ ବଦଳିରେ ଯାଉଛନ୍ତି କି ମିଛରେ ଯାଉଛନ୍ତି, ତାହା ଜଣାପଡିନି। କିନ୍ତୁ କେତେକ ଯନ୍ତ୍ରୀମାନେ ତରବରିଆ ହୋଇ କାମ ସାରିବାରେ ବ୍ୟସ୍ତ ଅଛନ୍ତି କାରଣ ଜଲ୍‌ଦି ସାରିଲେ ମାର୍ଚ୍ଚ ମାସ ଫାଇଲ କ୍ଲୋଜ ହେବ। ପରେ ଆଉ କିଛି କହିବେ ନାହିଁ ବୋଲି କହୁଥିବା ଅଭିଯୋଗ ହେଉଛି।

# ଟ୍ରାକ୍ଟରରୁ ଖସିପଡ଼ି ଶ୍ରମିକ ମୃତ



**ନବରଙ୍ଗପୁର/ଝରିଗାଁ, ୧୦।୩ (ସଂଚାର ବ୍ୟୁରୋ) :** ରାସ୍ତା କାମରେ ନିୟୋଜିତ ମହିଳା ଶ୍ରମିକଙ୍କ ଟ୍ରାକ୍ଟର ଟ୍ରଲିରୁ ଖସିପଡି ମୃତ୍ୟୁ। କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ରୋକ । ଘଟଣାଟି ଘଟିଯାଇଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଗମିଅଡ଼ା ଗ୍ରାମ ନିକଟରେ । ସୂଚନା ପ୍ରକାରେ ଝରିଗାଁ ଠାରୁ ଡ଼ାବୁଗାଁ କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ର ରାସ୍ତା କାମରେ ପିଚୁ ପକେଇବା ପୂର୍ବରୁ ରାସ୍ତାର ଧୂଳିକୁ ସଫା କରିବା ପାଇଁ ଗମିଅଡ଼ା ଗ୍ରାମ ୧୧ ଜଣ ମହିଳା ଶ୍ରମିକଙ୍କୁ ଏକ ଟ୍ରାକ୍ଟର ଯୋଗେ ନେଉଥିବା ବେଳେ ଟ୍ରାକ୍ଟର ହାଇଡ୍ରୋଲିକ ଆପେ ଆପେ ଉଠିପଡିବାରୁ ଟ୍ରଲି ରେ ବସି ଥିବା ୧୧ ଜଣ ମହିଳା ଶ୍ରମିକ ରାସ୍ତା ଉପରେ କଚାଡି ପଡ଼ିଥିଲେ ଏହି ସେଇ ଭିତରକୁ ଗମା ଗୌଡ଼କୁ ଗୁରୁତର ଅବସ୍ଥାରେ ଝରିଗାଁ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଉତ୍ତେଜିତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଝରିଗାଁ- ଡ଼ାବୁଗାଁକୁ ସଂଯୋଗ କରୁଥିବା ରାସ୍ତା କୁ ଅବରୋଧ କରି ଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଂଚି ରାସ୍ତା ରୋକ କରିଥିବା ଗ୍ରାମବାସୀ ଙ୍କୁ ବୁଝା ସୁଝା କରି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତା ରୋକ ରୁ ଅହରି ଥିଲେ । ପ୍ରକାଶ ଥାଉକି ଦୁର୍ଘଟଣା ଘଟିଥିବା ଟ୍ରାକ୍ଟର ର ନମ୍ବର ପ୍ଲେଟ ନଥିବା ବେଳେ ପଛପାଖ ଡାଲା ମଧ୍ୟ ନଥିଲା ହୁଏତ ଡାଲା ଥିଲେ ଏଭଳି ଅଘଟଣ ଘଟି ନଥାନ୍ତା ।

# ଖୁଲମ୍‌ଖୁଲା ଚାଲିଛି ବେଆଇନ ରନ୍ଧନ ଗ୍ୟାସ ବିକ୍ରି

**ନାଉଗାଁ, ୧୦।୩ (ସଂଚାର ବ୍ୟୁରୋ) :** ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ରନ୍ଧନ ଗ୍ୟାସ ଯୋଗାଇ ଦେବା ପାଇଁ ସରକାରଙ୍କ ଦ୍ୱାରା ପ୍ରତି ବ୍ଲକରେ ରନ୍ଧନ ଗ୍ୟାସ ବିତରକ କେନ୍ଦ୍ରମାନ ଖୋଲାଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକର ତେଂଟୋଇ ଠାରେ ଇଣ୍ଡେନ ଗ୍ୟାସ ଓ ମୁଣ୍ଡାଲୋ ଠାରେ ଏଚପି ଗ୍ୟାସ ବିତରକ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରୁ ଜନସାଧାରଣମାନେ ଘରୋଇ ସିଲିଣ୍ଡର ଓ ବ୍ୟବସାୟୀ ସିଲିଣ୍ଡର ସଂଯୋଗ ନେଇପାରିବେ। ସେହିପରି ବାଲିକୁଦା ବ୍ଲକର କାଳିଓ ଠାରେ ଏଚପି ଗ୍ୟାସ ବିତରକ କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ର ପକ୍ଷରୁ ଏହି ବ୍ଲକର ଜନସାଧାରଣଙ୍କୁ ଗ୍ୟାସ ଯୋଗାଇ ଦିଆଯାଉଛି। ଏପରିକି ବିତରକ କେନ୍ଦ୍ରର ଗୋଦାମ ଗୃହରେ ଗଛିତ ଥିବା ଗ୍ୟାସ ସିଲିଣ୍ଡକୁ କେନ୍ଦ୍ର ପକ୍ଷରୁ ଗାଡି ମାଧ୍ୟମରେ ହିତାଧିକାରୀମାନଙ୍କୁ ତାଙ୍କ ଘର ନିକଟରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ବିତରକ କେନ୍ଦ୍ରକୁ ଛାଡି ଦେଲେ ଉକ୍ତ ବ୍ଲକର ଅନେକ ସ୍ଥାନରେ ଖୁଲମଖୁଲା ଭାବେ ଗ୍ୟାସ ସିଲିଣ୍ଡର ବିକ୍ରି କରାଯାଉଥିବାର ଦେଖିବାକୁ ମିଳିଛି।

ବ୍ଲକର କଣ୍ଟୁଣିଆହାଟ, ଗଙ୍ଗଦାହାଟ, ନାଉଗାଁହାଟ, ଅଲଣାହାଟ, ଗଜରାଜପୁର, ବଛାଲୋ, ଡେରିକି, ଦେବୀଦୋଳ ଆଦି ସ୍ଥାନରେ ଏହି ଗ୍ୟାସ ସିଲିଣ୍ଡର ଗଛିତ ରଖାଯାଇ ବିକ୍ରି ହେଉଛି। ବିତରକ

**ଯୋଗାଣ ବିଭାଗର ନିଘା ନାହିଁ**

**ଅଘଟଣ ଘଟିଲେ ଉତ୍ତରଦାୟୀ କିଏ ?**

କେନ୍ଦ୍ରର ଗୋଦାମ ଗୃହ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖାଯିବାର ସରକାରୀ ନିୟମ ନାହିଁ। ଯଦି ଯେଉଁ ସ୍ଥାନରେ ଉକ୍ତ ଗ୍ୟାସ ସିଲିଣ୍ଡର ଗଚ୍ଛିତ ରଖାଯିବ, ସେହିସ୍ଥାନ ଜନବସତି ଠାରୁ ଦୁରରେ ହୋଇଥିବ। ଏହା ସହିତ ଉକ୍ତ ଗୃହକୁ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ମିଳିବାର ଆବଶ୍ୟକ ରହିଥିବ। କିନ୍ତୁ ଉକ୍ତ ବ୍ଲକର



ବିଭିନ୍ନ ବଜାର ଓ ଦୋକାନ ଗୃହରେ ଗ୍ୟାସ ସିଲିଣ୍ଡର ଗଛିତ ରହୁଥିବା ବେଳେ ଉକ୍ତ ଦୋକାନୀ କୌଣସି

ନିୟମକୁ ମାନୁ ନଥିବା ଜଣାଯାଉଛି। ଯଦି ଗ୍ୟାସ ସିଲିଣ୍ଡରୁ ଗ୍ୟାସ ଲିକ୍ ହୋଇ କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟରେ ଏହି ଦୋକାନୀମାନଙ୍କୁ ଗ୍ୟାସ ବିତରକ କେନ୍ଦ୍ର ପକ୍ଷରୁ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳୁଛି। ଏହି ଦୋକାନୀମାନେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଦୋକାନରେ ଗଚ୍ଛିତ ରଖୁଥିଲେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଦୋକାନୀମାନେ ଚଢ଼ା ଦରରେ ଗ୍ୟାସ ବିକ୍ରି କରୁଥିବା ଦେଖାଯାଉଛି। ଖୋଲାସ୍ଥାନରେ ଦୀର୍ଘ ଦିନ ଧରି ଖୁଲମଖୁଲା ଗ୍ୟାସ ବିକ୍ରି ଚାଲୁଥିଲେ ମଧ୍ୟ ଯୋଗାଣ ବିଭାଗ କିପରି ଜାଣିପାରୁନାହିଁ ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

# ସରକାରୀ ନଳକୂପ ଖନନକୁ ନେଇ ଉତ୍ତେଜନା

**ବାଲିଅନ୍ତା, ୧୦।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ଅଧୀନ ୩ ନମ୍ବର ୱାର୍ଡରେ ସରକାରୀ ନଳକୂପ ଖନନକୁ ନେଇ ଆଜି ପୂର୍ବାହ୍ନରେ ଘୋର ଉତ୍ତେଜନା ଦେଖାଦେଇଛି । ଏହାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବାଲିଅନ୍ତା ଥାନା ପୁଲିସ ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ସୂଚନା ଅନୁସାରେ ଆଜି ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଜଣେ ସମିତି ସଭ୍ୟ ପ୍ରତିନିଧିଙ୍କ ଘର ନିକଟରେ ଏକ ନଳକୂପ ଖନନ କରାଯାଉଥିଲା । ବେସରକାରୀ ଜମିରି ଜନ ପ୍ରତିନିଧିଙ୍କ ଘର ନିକଟରେ ସ୍ଥିତିବାନ ସମ୍ମତିରେ ନଳକୂପ ଖନନ ଚାଲିଥିବା ଅଭିଯୋଗ କରି ଶତାଧିକ ଲୋକ ପହଞ୍ଚି ବିରୋଧ କରିଥିଲେ । କୌଣସି ପରିସ୍ଥିତିରେ ବି ସେମାନେ ୫ ପରିବାର ସ୍ୱାର୍ଥ ପାଇଁ ସେଠାରେ ନଳକୂପ ଖନନ କରାଇ ଦେବେ ନାହିଁ କହି ହୋ ହଲ୍ଲା କରିଥିଲେ । ଏମିତିକି ହାତାହାତି ଯାଏ କଥା ଯାଇଥିଲା। ଠିକ ସମୟରେ ବାଲିଅନ୍ତା ଥାନା ପୁଲିସ ପହଞ୍ଚି ଯିବାରୁ ପରିସ୍ଥିତି ନିୟନ୍ତ୍ରଣ ହୋଇପାରିଥିଲା । ଏସଂପର୍କରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟଙ୍କୁ ପଚାରିବାରେ ବିଧାୟକ ହାତପାଣ୍ଠି ଅର୍ଥରେ ପଞ୍ଚାୟତରେ ୫ଟି ନଳକୂପ



ଖୋଳାଯିବା ନେଇ ପ୍ରସ୍ତାବ ରହିଛି । ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନଳକୂପ ଖୋଲୁଥିଲା । ତେବେ ଅଭିଯୋଗ ଆସିବା ପରେ ଖନନ କାର୍ଯ୍ୟ ବନ୍ଦ କରିଦିଆଯାଇଛି । ଅନ୍ୟପକ୍ଷରେ ଏନେଇ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ ମଲ୍ଲଙ୍କୁ ଯୋଗାଯୋଗ କରାଯିବରେ ନଳକୂପ ସରକାରୀ ଜମିରେ ଖନନ କରାଯାଇଛି । କିନ୍ତୁ ୪୦ ପରିବାର ଭଗବତୀ ମନ୍ଦିର ନିକଟରେ ନଳକୂପ ବସାଇବା ସପକ୍ଷରେ ଥିବାରୁ ଗୋଷ୍ଠୀ ବିବାଦ ଉପୁଜିଥିଲା । ବିବାଦ ନେଇ ଖନନ କାର୍ଯ୍ୟ ବନ୍ଦ କରାଯାଇଛି ।

## ମନ୍ଦିର ଚୋରି ଉପରେ ପଡ଼ିଲା ଜବନିକା

# ଚୋରି ସାମଗ୍ରୀ ସହ ୪ ଲୁଟେରା ଗିରଫ

**ନୟାଗଡ଼, ୧୦।୩ (ସଂଚାର ବ୍ୟୁରୋ):** ନୟାଗଡ଼ ପୋଲିସର ବଡ଼ ସଫଳତା । ବିଭିନ୍ନ ସ୍ଥାନରେ ଚଢ଼ାଉ କରି, ମନ୍ଦିର ଲୁଟେରାଙ୍କୁ କାବୁ କଲା ପୁଲିସ । ଚାରି ଶହ ସିସି କ୍ୟାମେରା ଦେଖିଲା ପରେ ମନ୍ଦିର ଲୁଟେରାଙ୍କୁ କାବୁ କରିଛି ନୟାଗଡ଼ ପୁଲିସ । ଏହାକୁ ନେଇ ନୟାଗଡ଼ ଏସପି ଏସ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନାନୁସାରେ, ନୟାଗଡ଼ ସହରରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଏବଂ ଗୋପୀନାଥ ମନ୍ଦିର ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ଅଁଳାଚୁଆଁ ଗ୍ରାମର ସୁକାନ୍ତ କର୍ମୀ ଏବଂ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଗଡ଼ଭିତର ଗ୍ରାମର ଲକ୍ଷ୍ମୀନାରାୟଣ ନାୟକ, ନୟାଗଡ଼ର ଗୌରହରୀ ମହାନ୍ତି, ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ନୂଆପଡ଼ା ଛକର ସାହିଲ ପାତ୍ର ପ୍ରମୁଖ ରହିଛନ୍ତି । ସୁକାନ୍ତ ବିଭିନ୍ନ ମନ୍ଦିରରୁ ଚୋରୀ କରିବା ପରେ ଅନ୍ୟ ତିନି ଜଣ ଅଭିଯୁକ୍ତ ତାଙ୍କଠାରୁ ଚୋରୀ ସାମଗ୍ରୀ କିଣୁଥିଲେ ବୋଲି ଏସପି ଏସ୍ ସୁଶ୍ରୀ ସୂଚନା ଦେଇଛନ୍ତି ।




ଉଭୟ ଚୋରୀ ଘଟଣା ସମ୍ପର୍କରେ ଦେବୋତ୍ତର ବିଭାଗ ସୁପରଭାଇଜର ସୁବାଷ ଚନ୍ଦ୍ର ବରାଡ଼ଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ନୟାଗଡ଼ ପୁଲିସ ପାଇଁ ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ସିସିଟିଭି ଫୁଟେଜକୁ ଆଧାର କରିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଲାହିଥିବା ଏଆଇ କ୍ୟାମେରା ଫଟୋ ସହ ତାହାକୁ ମିଶାଇ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା ନୟାଗଡ଼ ଏଏସପି ସନାତନ କାଲୋ, ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଟାଉନଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ଏହି ଘଟଣାର ତଦନ୍ତ କରିଥିଲେ । ଅଭିଯୁକ୍ତଙ୍କୁ ଗିରଫ ପରେ ତା ସୂଚନା ଆଧାରରେ ଚୋରୀ ସାମଗ୍ରୀକୁ ଉଦ୍ଧାର କରାଯାଇଛି । ଚୋରୀ ସାମଗ୍ରୀ ମଧ୍ୟରେ ୩୨ ଗ୍ରାମ ଓଜନର ୮ଟି ସୁନା ଚିତା, ୧୫ ଶହ ଗ୍ରାମ ଓଜନର ରୂପା ମୁକୁଟ, ନାଗ ମୂର୍ତ୍ତୀ, ନାକଚଣା ଏବଂ ୩୪ କେଜି ଓଜନର ପିତଳ ରହିଛି। ଏହା ସହିତ ଏକ ମୋବାଇଲ ଫୋନ୍, ଚୋରୀରେ ବ୍ୟବହୃତ ଆଇରନ ରଡ଼, ଦୁଇଟି ବ୍ୟାଗ ଏବଂ ନଗଦ ୪୦ ହଜାର ଟଙ୍କା ଜବତ ହୋଇଛି ।

# ବଳରାମପୁର ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

● ମୋଟ ୮୬ ଅଭିଯୋଗ ମଧ୍ୟରୁ ୧୮ଟି ସାମୂହିକ ଓ ୬୮ଟି ବ୍ୟକ୍ତିଗତ

**କେନ୍ଦ୍ରାପଡ଼ା, ୧୦।୩ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମ ପଂଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଶ୍ରୀ ଅଜାମ୍ବର ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ରାଜକନିକା ବିଡିଓ, ରାଜକନିକା ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୮୬ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୮ ଗୋଟି ସାମୁହିକ ଏବଂ ୬୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୬୦୦୦ ଟଙ୍କା ୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍‌କାର୍ଡ଼, ଭିନ୍ନକ୍ଷମ ପ୍ରମାଣପତ୍ର, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଜମି ସମସ୍ୟା, ମତ୍ସ୍ୟଚାଷ ପାଇଁ ଋଣ, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି, ବିଦ୍ୟାଳୟ ଓ ଅଙ୍ଗନବାଡିକୁ ବିଦ୍ୟୁତ ସଂଯୋଗୀକରଣ, ପାନୀୟ ଜଳ ସମସ୍ୟା, ପ୍ୟାକ୍ସରେ ଟୋକନ ସଂଖ୍ୟା ବୃଦ୍ଧି, ନୂତନ ଟ୍ରାନ୍ସଫରମର ସ୍ଥାପନ, ରାସ୍ତା ଜବରଦଖଲ ଉଚ୍ଛେଦ, ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା।

# ଦୁର୍ଘଟଣାରେ ୨ ଗୁରୁତର

**ବୈଶିଙ୍ଗା, ୧୦।୩ (ସଂଚାର ବ୍ୟୁରୋ):** ସୋମବାର ସକାଳ ୬.୩୦ ମିନିଟ ସମୟରେ ୧୮ ନଂ ଜାତୀୟ ରାଜପଥ ବୈଶିଙ୍ଗା ଅଟାକଳର ସନ୍ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ ଏବଂ ପୁଅ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ହାତିପତୁକା ଗ୍ରାମର ସୁନିଲ ହାଁସଦା ନିଜ ପୁଅ ନିତିଶକୁ ନେଇ ସାଇକେଲ ଯୋଗେ ବିଦ୍ୟାଳୟକୁ ନେଉଥିବା ବେଳେ ଏହି ଅଘଟଣ ଘଟିଥିଲା।

# ମହିଳାଙ୍କ ସୁରକ୍ଷା ନେଇ କଂଗ୍ରେସର ବିକ୍ଷୋଭ

## ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର



**ନୟାଗଡ଼, ୧୦।୩ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାଶଙ୍କ ଆହ୍ୱାନ କ୍ରମେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ନେତୃତ୍ୱରେ ବିକ୍ଷୋଭ ସଭା କରାଯାଇ ସଭାସ୍ଥଳରୁ ଏକ ଦଳୀୟ ଶୋଭାଯାତ୍ରାରେ ଶହଶହ କଂଗ୍ରେସ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଧସେଇ ପଶି, ମୋହନ ସରକାରର ବରଖାସ୍ତ ଦାବିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି ରାଜ୍ୟରେ ୯ମାସ ଧରି ବିଜେପି ସରକାର ଆସିବା ଦିନଠାରୁ ୫୫ଜଣ ମହିଳାଙ୍କୁ ଗଣଦୁଷ୍କର୍ମର ଶିକାର, ୧୬୦୦ ଯୁବତୀ, ନାବାଳିକା ନିଖୋଜ ସହିତ ଦୁଷ୍କର୍ମର ପିଡିତାକୁ ନ୍ୟାୟ ଦାବିରେ ରାଜ୍ୟର ଡବଲ ଇଂଜିନ୍ ସରକାରର ବିଫଳତା, ରାଜ୍ୟରେ ଖାଦ୍ୟ ସାମଗ୍ରୀ ଅହେତୁକ ଦରବୃଦ୍ଧି ରୋକିବାରେ ବିଫଳତା, ଚାଷୀଙ୍କ ଧାନ କଟନଛଟନୀ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇ ମଧ୍ୟ କ୍ୱିଣ୍ଟାଲ ପିଛା ୧୦କେଜି ଧାନ କଟିବା ଏବଂ ସର୍ବୋପରି ମା'ମାନଙ୍କୁ ସୁଭଦ୍ରା ନାଁରେ ଲଲିପପ ଦେଖେଇବା ଇତ୍ୟାଦିର ପ୍ରତିବାଦ କରି ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ କରାଯାଇଥିଲା। ବରିଷ୍ଠ ନେତା ହୁସେନ ଖାଁ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ, ଖଣ୍ଡପଡ଼ା ପ୍ରାର୍ଥୀ ବୈଜୟନ୍ତମାଳା ମହାନ୍ତି, ରଣପୁର ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ପାଇକରା, ଓଡ଼ଗାଁ ବ୍ଲକ କଂଗ୍ରେସ ଉପସଭାପତି ବିଭୂତି ରାଉତ, ରାଜୀବ ଗାନ୍ଧି ପଂଚାୟତିରାଜ ସଂଗଠନ ଜିଲ୍ଲା ସଂଯୋଜକ ସୁକାନ୍ତ ଶତପଥୀ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ଫକୀର ମଲ୍ଲ, ଜିଲ୍ଲା ଛାତ୍ର କଂଗ୍ରେସ ନେତା ଦିଲ୍ଲୀପ୍ କୁମାର ବିଶୋଇ, ରାଜ୍ୟଯୁବ କଂଗ୍ରେସ ସଂପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ଦାଶ, ପ୍ରତୀମା ଜେନା, ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ଅଶୋକ ନାୟକ, ରଣପୁର କଂଗ୍ରେସ ନେତା ଭରତ ପ୍ରଧାନ, ଆଇନଜୀବୀ ପ୍ରଭାତ ପୃଷ୍ଟି ଏବଂ ଶତାଧିକ ଦଳୀୟ କର୍ତ୍ତା କର୍ମୀ ଯୋଗଦେଇଥିଲେ। ନିର୍ବାଚନ ଜିତିବାର ୧୦୦ଦିନ ଭିତରେ ଚିନିକଳ ଚଲେଇବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଠାରୁ ଭୋଟ୍ ନେଇଥିବା ପୁରୀ ସାଂସଦ ସମ୍ବିତ ପାତ୍ର ବିଶ୍ୱାସଘାତକ କରିଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି।

# ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା



**ବୋରିଗୁମ୍ମା, ୧୦।୩ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବଣ୍ଡାଗୁଡା ଠାରେ ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ବିଜାପୁର ଓ ବଣ୍ଡାଗୁଡା ମନ୍ଦିର ପରିଚାଳନା କମିଟି ତରଫରୁ ଆୟୋଜିତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ପଦ୍ମନାଭ ରାଇ ଓ ପ୍ରୀୟଦର୍ଶନୀ ରାଜୁ ଯୋଗ ଦେଇଥିଲେ। ଗତ ୦୭ ତାରିଖରୁ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଫାଲଗୁନ ଶୁକ୍ଳ ଅଷ୍ଟମୀରେ ଜଳ ଯାତ୍ରା, ବନଯୋଗ ପର ଦିନ ସୂର୍ଯ୍ୟ ପୂଜା, କର୍ମ ଆରମ୍ଭ, ପରେ ହୋମ ଓ ସଂସ୍କାର କର୍ମ କରାଯାଇଥିଲା। ଶେଷ ଦିନ ରତ୍ନମୁଦ, ଶିଖର ପ୍ରତିଷ୍ଠା କରାଯାଇଥିଲା। ପୁରୋହିତ ଭାବେ ସଦାଶିବ ମହାପାତ୍ର, କାହ୍ନୁ ଚରଣ ପାଢ଼ୀ, ସନ୍ତୋଷ କୁମାର, ଅନୁପମ ମହାପାତ୍ର, ରାଧାକାନ୍ତ ସାହୁ,ଅନଙ୍ଗ ତ୍ରିପାଠୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଆଖପାଖ ଅଞ୍ଚଳର ଶହ ଶହ ଭକ୍ତ ଯୋଗ ଦେଇ ଠାକୁରାଣୀଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ।

# ନୂଆଗାଁ ଜିଲ୍ଲାପାଳଙ୍କ ଜନଶୁଣାଣି




**ନୟାଗଡ଼, ୧୦।୩ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ ବ୍ଲକରେ ଆଜି ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଜନ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଆଜି ମୋଟ ୫୦ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୨୬ ଗୋଟି ମାମଲା ରହିଥିବା ବେଳେ ଗ୍ରାମ୍ୟ ମାମଲା ୧୩ ଗୋଟି ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଗୋଟିଏ ମାମଲା ରହିଥିବା ବେଳେ ୧୦ ଗୋଟି ମାମଲାକୁ ତୁରନ୍ତ ସମାଧାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ରାଇଘରରେ ଯୁଗ୍ମ ଜନଶୁଣାଣି ଶିବିର

**ନବରଙ୍ଗପୁର/ରାଇଘର, ୧୦।୩ (ସଂଚାର ବ୍ୟୁରୋ) :** ଆଜି ରାଇଘର ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ର,ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବିଡିଓ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ରୀତୁ ସିଂଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୨୭ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।




ଏହାପରେ ଜିଲ୍ଲାପାଳ ଡ଼ା ମହାପାତ୍ର ହାଟ ଭରଣ୍ଡି ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ର ଛାତ୍ରୀ ଙ୍କୁ ପାଠ ପଢ଼ାଇବା ସହ ବାର୍ତ୍ତାଳାପ କରିଥିଲେ। ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ କରି ରୋଗୀ ଓ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। କୁଣ୍ଡେଇ ସ୍ଥିତ ନିର୍ମାଣ ଧିନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ର କାର୍ଯ୍ୟ ନିରୀକ୍ଷଣ କରିଥିଲେ।ରାଇଘର ବ୍ଲକ ସ୍ଥିତ ରାଇସ ମିଲ କୁ ପରିଦର୍ଶନ କରି ଷ୍ଟକ୍, ଉତ୍ପାଦ ଗୁଣବତ୍ତା ଉପରେ ମିଲ କର୍ତୃପକ୍ଷଙ୍କୁ ପଚାରିଥିଲେ। ଯୋଡ଼ିଙ୍ଗା ସ୍ଥିତ ଏସ ଏସ ଡି(ମଙ୍ଗଳ ବିଭାଗ) ବିଦ୍ୟାଳୟ ଗସ୍ତ କରି ଛାତ୍ର ଛାତ୍ରୀ ଙ୍କୁ ପାଠ ପଢ଼ାଇବା ସହ ବାର୍ତ୍ତାଳାପ କରିଥିଲେ।

# ମହିଳାଙ୍କ ସୁରକ୍ଷା ଦାବିରେ ଜିଲ୍ଲା କଂଗ୍ରେସର ପ୍ରତିବାଦ ସଭା

**ଖୋର୍ଦ୍ଧା, ୧୦।୩ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସର ଜାତୀୟ ପ୍ରଭାରୀ ଅଜୟ କୁମାର ଲଲ୍ଲଙ୍କ ଆନ୍ଦୋଳନ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ସମ୍ପ୍ରତି ବଢ଼ିଚାଲିଥିବା ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଶିଶୁ ବଳତ୍କାର ପ୍ରତିବାଦରେ ଖୋରଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଖୋରଧା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଖୋରଧା ବେଗୁନିଆ, ବୋଲଗଡ଼, ଚିଲିକା, ଜଟଣୀ, ବାଲିଅନ୍ତା, ବାଲିପାଟଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ଓ ମହିଳା ବହୁ ସଂଖ୍ୟାରେ ଯୋଗଦେଇ ସରକାର ବିରୋଧ ନାରାବାଜି ଓ ମହିଳା ସୁରକ୍ଷାର ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ




ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବେଗୁନିଆ ବୋଲଗଡ଼ର ବିଧାୟକ ପ୍ରାର୍ଥୀ ପୃଥିବୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସ୍ୱାଗତିକା ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ଉପସଭାପତି ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ତପନ ଚକ୍ରବର୍ତ୍ତୀ ଚିଲିକା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ସୌମ୍ୟ ରଂଜନ ବରାଳ, ଅମିତ୍ ମହାନ୍ତି, ଡଃ ବିଶ୍ୱରଂଜନ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ, ବରିଷ୍ଠ ଅଧିବକ୍ତା ତଥା ଖୋରଧା ବାର କାଉନସିଲର ପୂର୍ବତନ ସଭାପତି ଶିଶିର ପରିଡ଼ା, ପ୍ଲାବନ ପଟ୍ଟନାୟକ ଓ କାର୍ଯ୍ୟକ୍ରମର ପ୍ରଭାରୀ ଜୟଶ୍ରୀ ପାତ୍ର ପ୍ରମୁଖ ନିଜ ନିଜ ଅଭିଭାଷଣରେ ବିଜେପି ସରକାର ଅମଳରେ ଆବାସିକ୍ ବିଦ୍ୟାଳୟରେ ବୃଦ୍ଧି ପାଉଥିବା କୁମାରୀ ମାତୃତ୍ୱ, ଦୁଷ୍କର୍ମ ଓ ପ୍ରତ୍ୟେକ ଦିନ ଘଟିଚାଲିଥିବା ନାରୀ ନିର୍ଯ୍ୟାତନାର ପ୍ରତିବାଦ କରିବା ସହ ଅପରାଧିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେବା ସହ ସରକାରଙ୍କୁ ଚେତାବନୀ ଦେଇଥିଲେ । ନଚେତ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ଜନ ଆନ୍ଦୋଳନ କରି ସରକାରଙ୍କୁ ଅକାମୀ କରିଦେବାକୁ ଚେତାବନୀ ଦେଇଥିଲେ । ପ୍ରତିବାଦ ସଭା ପରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

### କୃଷି ଓ କୃଷକ ସଶକ୍ତିକରଣ ବିଭାଗ କାର୍ଯ୍ୟର ସମୀକ୍ଷା

# ୪୫ ଲକ୍ଷ ଚାଷୀଙ୍କୁ ମିଳୁଛି ସିଏମ୍-କିଷାନ୍ ଫାଇଦା



- ସିଏମ୍-କିଷାନ ହିତାଧିକାରୀଙ୍କୁ ଇ-କେୱାଇସି ପାଇଁ ପରାମର୍ଶ
- ଖିଲାପୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଦୁଇଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେ ଓ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କରିଛନ୍ତି। ସେହିପରି ଦ୍ୱିତୀୟ ବୈଠକରେ ସିଏମ୍-କିଷାନ, ପିଏମ୍-କିଷାନ ଓ ମାଣ୍ଡିଆର ସରକାରୀ ସ୍ତରରେ କ୍ରୟ ଆଦିର ସମୀକ୍ଷା ହୋଇଛି।

କୃଷି ବିଭାଗ ଅଧୀନରେ ଚାଲିଥିବା ଇମେଜର ଭିତ୍ତିଭୂମି ବିକାଶ, କୃଷି ଉଦ୍ୟୋଗ ଭବନ ନିର୍ମାଣ, ମିଲେଟ ଫାକ୍ଟ୍ରି, ମିଲେଟ କାଫେ, ଫୁଡ୍ କୋର୍ଟ ନିର୍ମାଣ ଆଦି ଅଗ୍ରଗତି ନେଇ ଉପମୁଖ୍ୟମନ୍ତ୍ରୀ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ପ୍ରତିଟି ନିର୍ମାଣ କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରଙ୍କ ପ୍ରମୁଖ କୃଷକ କଲ୍ୟାଣକାରୀ ସିଏମ୍-କିଷାନ ଯୋଜନାରେ ଏବେ ୪୫ ଲକ୍ଷ ୬୦ ହଜାର ଚାଷୀ ସାମିଲ୍ ହୋଇଛି। ସେମାନଙ୍କୁ ପ୍ରତିବର୍ଷ ୨ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରଦାନ କରାଯାଉଛି। ଚଳିତ ବର୍ଷ ଆଉ ୬ ଲକ୍ଷ ୬୧ ହଜାର ନୂତନ ଚାଷୀ ପଞ୍ଜିକୃତ ହେବାକୁ ଆବେଦନ କରିଛନ୍ତି। ସେହିଭଳି, ପିଏମ୍-କିଷାନ ଯୋଜନା ଅଧିନରେ ପ୍ରାୟ ୩୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ସିଏମ୍-କିଷାନ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ନିଜର ଇ-କେୱାଇସି ଓ ଆଧାର ତଥା ଜମି ସମ୍ବନ୍ଧୀୟ ସୂଚନା ଅପଡେଟ୍ ପରାମର୍ଶ ଦିଆଯାଇଛି। ଏହି ଅପଡେଟ୍ ପ୍ରକ୍ରିୟା ଭିଏଡବ୍ଲ୍ୟୁ, ବିଏଓ ଏବଂ କୃଷି ବିଭାଗ ଅଧିକାରୀଙ୍କ ଦ୍ୱାରା କରାଯାଉଥିବା ବେଳେ ଭେରିଫିକେସନ ପ୍ରକ୍ରିୟା ୨୪ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କରିଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଆବଶ୍ୟକ ସ୍ଥଳେ ଦରମା ବନ୍ଦ କରିବାକୁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର ଅନୁନ୍ନତ ଜନଜାତି ଚାଷୀ ସଂଖ୍ୟା ୭୮ହଜାର ୮୬୯ ଥିବାବେଳେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସିଏମ୍-କିଷାନ ଓ ପିଏମ୍-କିଷାନ ଭଳି କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ରାଜ୍ୟରେ ଶ୍ରୀ ଅନ୍ନର ଉତ୍ପାଦନ କ୍ଷମତା ବଢ଼ିଛି ଓ ସରକାର ଏଫପିଓ ସହାୟତାରେ ମଣ୍ଡି ମାଧ୍ୟମରେ ମାଣ୍ଡିଆ କିଣୁଛନ୍ତି। ସମ୍ପ୍ରତି କୁଇଣ୍ଟାଲ ପିଛା ଶ୍ରୀ ଅନ୍ନର ସର୍ବନିମ୍ନ ମୂଲ୍ୟ ୪୨୯୦ ଟଙ୍କା ଥିବାବେଳେ ସରକାର ଅଧିକ ୨୧୦ ଟଙ୍କା ଦେଉଛନ୍ତି। ଆଜି ସୁଦ୍ଧା ୫.୫୧ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗୃହୀତ ହୋଇସାରିଛି। ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ ମଣ୍ଡିରେ ଶସ୍ୟ ସଫା ପାଇଁ ମେସିନ ଦିଆଯାଇଛି ଓ ଚାଷୀ ଏଫଏକ୍ୟୁ ମାନର ମାଣ୍ଡିଆ ବିକ୍ରି କରି ଉପଯୁକ୍ତ ରାଶି ପାଇପାରୁଛି। ଚାଷୀମାନେ ଆସନ୍ତା ୩୧ ତାରିଖ ମଧ୍ୟରେ ମଣ୍ଡିରେ ମାଣ୍ଡିଆ ବିକ୍ରି କରିପାରିବେ। ଅଦ୍ୟାବଧି ୫୦ ହଜାର ୬୨୦ ଚାଷୀ ମଣ୍ଡିରେ ଶ୍ରୀ ଅନ୍ନ ବିକ୍ରି କରିସାରିଛନ୍ତି।

ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।

## ୪୮ ଲକ୍ଷ ଟଙ୍କାର ଲୁଟ୍ ସୁନା ଜବତ, ଜଣେ ଗିରଫ

**କଟକ,୧୦।୩(ସଂଚାର ବ୍ୟୁରୋ):** କଟକର ଏକ ଜୁଏଲାରୀ ଦୋକାନରେ କାମ କରୁଥିବା ବେଳେ ପ୍ରତିଦିନ ଅଳ୍ପ ଅଳ୍ପ ସୁନା ଚୋରି କରୁଥିବା ଜଣେ କର୍ମଚାରୀଙ୍କୁ ପୁଲିସ୍ ଗିରଫ କରିଛି। ଦୋକାନ ମାଲିକ ଏହା ଜାଣିବା ପରେ କଟକ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। କଟକ ପୁରୀଘାଟ ଥାନା ପୁଲିସ ତାଙ୍କୁ ଆଜି ଗିରଫ କରିବା ସହ ତାଙ୍କ ନିକଟରୁ ୪୮ ଲକ୍ଷ ଟଙ୍କାର ସୁନା ଜବତ କରିଛି। ଉକ୍ତ କର୍ମଚାରୀ ଜଣଙ୍କ ଲାଲବାଗ ଅଞ୍ଚଳର ସତ୍ୟନାରାୟଣ ସାହୁ ବୋଲି ଜଣାପଡ଼ିଛି। ସତ୍ୟନାରାୟଣ ଦୀର୍ଘ ବର୍ଷ ଧରି ନୟାସଡ଼କ ଅଞ୍ଚଳରେ ଥିବା ସୁରଜ୍ ଜୁଏଲାରୀରେ କାର୍ଯ୍ୟ କରୁଥିଲେ। ତେବେ ସେ ପ୍ରତିଦିନ ଦୋକାନରୁ ଅଳ୍ପ ଅଳ୍ପ ସୁନା ଚୋରି କରୁଥିଲେ। ଦୋକାନ ମାଲିକ ସୁକୁମାର ବୋଇତାଳ ଏହା ଜାଣିବା ପରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ସତ୍ୟନାରାୟଣଙ୍କଠାରୁ ୪୮ ଲକ୍ଷ ଟଙ୍କା ସୁନା ଜବତ କରିଛି। ସତ୍ୟନାରାୟଣ ବିଭିନ୍ନ ସମୟରେ ଦୋକାନରୁ ଏହି ସୁନା ଚୋରି କରି ବିଭିନ୍ନ ସ୍ଥାନରେ ରଖିଥିଲା। ସତ୍ୟନାରାୟଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଦାନଦେଓ ଖିଲରୀ କହିଛନ୍ତି।

## ଲାଲ୍ ଜାନୁଆରୀ: ମାସକରେ ୧୧୧ ହତ୍ୟା

### ପୁଲିସ୍‌କୁ ମିଳିବ ସ୍ପିଡ୍ ବାଇକ ଓ ବୋଲେରୋ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଏଥର ଅପରାଧୀଙ୍କୁ ଧରିବା ପୁଲିସ୍ ପାଇଁ ସହଜ ହେବ। କାରଣ ପ୍ରତି ଥାନାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଅପରାଧୀମାନଙ୍କୁ ଗୋଡ଼ାଇ ଧରିବା ସକାଶେ ପୁଲିସକୁ ସ୍ପିଡ ବାଇକ ଓ ବୋଲେରୋ ମିଳିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଅପରାଧ ନିୟନ୍ତ୍ରଣ ପାଇଁ ସ୍ପିଡ ବାଇକ୍ ଓ ବୋଲେରୋ ଯୋଗାଇ ଦିଆଯିବ। ଏନେଇ ଆଜି ବିଧାନଭାରେ ମୁଖ୍ୟମନ୍ତ୍ରୀ ଉତ୍ତର ଦେବା ସମୟରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ରାଜ୍ୟରେ ଘଟିଥିବା ଅପରାଧ ସଂକ୍ରାନ୍ତରେ ମଧ୍ୟ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଚଳିତ ବର୍ଷର ଜାନୁଆରୀ ମାସରେ ୧୧୧ଟି ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଥିବା ବେଳେ ଏହି ମାସରେ ୧୫୦୯ଟି ଚୋରି ମାମଲା ଦରଜ ହୋଇଛି। ଏହାଛଡ଼ା ୨୦ଟି ଡକାୟତି, ୧୦୧ଟି ଦଙ୍ଗା, ୧୯୪ଟି ସାଇବର ଅପରାଧ, ୬୫୫ଟି ଅସଦାଚରଣ, ୭୯ଟି ଯୌନ ନିର୍ଯାତନା, ୧୪୯ଟି ସର୍ବସାଧାରଣରେ ମହିଳାଙ୍କୁ ଅସଦାଚରଣ, ୧୧ଟି ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୧ଟି ମହିଳାଙ୍କୁ ହଇରାଣ ହରକତ କରିବା ନେଇ ମାମଲା ରୁଜୁ ହୋଇଛି। ସେହିପରି ଗତ ବର୍ଷ ରାଜ୍ୟରେ ୧୨୫୮ଟି ହତ୍ୟାକାଣ୍ଡ ନେଇ ରିପୋର୍ଟ ଦରଜ ହୋଇଛି। ଏହାଛଡ଼ା ୨୦୨୪ରେ ୩୫୬ଟି ଡକାୟତି, ୧୭୮୦୫ଟି ଚୋରି, ୧୪୭୧ଟି ଦଙ୍ଗା, ୨୫୦୧ଟି ସାଇବର ଅପରାଧ, ୭୨୯୯ଟି ଅସଦାଚରଣ, ୧୦୮୨ ଯୌନ ନିର୍ଯାତନା, ୧୮୩୯ ସର୍ବସାଧାରଣରେ ମହିଳାଙ୍କୁ ଅସଦାଚରଣ, ୧୧୧ଟି ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୬୫ଟି ମହିଳାଙ୍କୁ ହଇରାଣହରକତ କରିବା ମାମଲା ରୁଜୁ ହୋଇଛି। ଆଜି ବିଧାନସଭା ଅଧିବେଶନର ପ୍ରଶ୍ନୋତ୍ତର କାଳରେ ବିଧାୟକ ରମେଶ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଥିବା ଲିଖିତ ଉତ୍ତରରେ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

### ଅଜାଣତରେ ଖାଇଥିଲେ ଗୋ-ମାଂସ

## ଲଣ୍ଡା ହୋଇ ପ୍ରାୟଶ୍ଚିତ୍ତ କଲେ ଦୁଇ ଯୁବକ

**ପୁରୀ,୧୦।୩ (ସଂଚାର ବ୍ୟୁରୋ):** ଅଜାଣତରେ ଗୋମାଂସ ଖାଇଦେଇଥିଲେ। ଏବେ ସତ୍ୟତା ଜାଣିବା ପରେ ପ୍ରାୟଶ୍ଚିତ୍ତ କରିଛନ୍ତି ଦୁଇ ଯୁବକ। ସାକ୍ଷୀଗୋପାଳସ୍ଥିତ ବିବାଦୀୟ ଜୟା ହୋଟେଲରେ ଏହି ଦୁଇ ଯୁବକ ଅଜାଣତରେ ଗୋମାଂସ ଖାଇଥିଲେ। ଉକ୍ତ ହୋଟେଲରେ ମଟନ ନାଁରେ ଗୋମାଂସ ବିକ୍ରି କରାଯାଉଥିବା ନେଇ ଜାଣିବାକୁ ପାଇବା ପରେ ସେମାନେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କଠାରୁ ପ୍ରାୟଶ୍ଚିତ୍ତ ହେବା ନିମନ୍ତେ ବିଧି ମୁତାବକ ଲଣ୍ଡା ହୋଇଛନ୍ତି। ଏହି ଦୁଇ ଯୁବକ ହେଲେ ପୁରୀ ମାଳତିପାଟପୁରର କୈଳାଶ ଚନ୍ଦ୍ର ପରିଡ଼ା ଓ ଯୋଗେନ୍ଦ୍ର ମଲ୍ଲିକ। ଏଥିସହ ସେମାନେ ଗୋବର ପାଣି ପିଇ ପବିତ୍ର ହେବା ସହ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିଛନ୍ତି। ତା'ଛଡ଼ା ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀଲୋକନାଥଙ୍କ ଦର୍ଶନ କରି ମୁକ୍ତିମଣ୍ଡପରେ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି। ଉକ୍ତ ହୋଟେଲ୍‌ରେ ଗ୍ରାହକ ମଟନ୍ ଭାବି ବେଶ୍ ଖୁସିରେ ଖାଉଥିଲେ ମଧ୍ୟ ହୋଟେଲ୍ ମାଲିକ ସେମାନଙ୍କ ବିଶ୍ୱାସରେ ବିଷ ଦେଇ ଗୋମାଂସ ଦେଉଥିଲେ। ପୁରୀ ସତ୍ୟବାଦୀର ଜୟା ହୋଟେଲକୁ ନେଇ ଏଭଳି ଆରମ୍ଭ ହୋଇଛି ଚର୍ଚ୍ଚା। ସତ୍ୟବାଦୀ ଅଞ୍ଚଳର ଜଣେ ଗୋ-ଚାଲାଣକାରୀଙ୍କ ବୟାନ ଜୟା ହୋଟେଲ୍‌ର ସମସ୍ତ ଗୁମର ପଦାରେ ପକାଇଦେଇଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଭିତରେ କୋକୁଆ ଭୟ ଖେଳିଯାଇଥିଲା। ଏନେଇ ଏକ ଭିଡିଓ ଭାଇରାଲ୍ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଉକ୍ତ ହୋଟେଲ୍‌କୁ ସିଲ୍ କରିଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ସେଠାରେ ପୁଲିସ ମଧ୍ୟ ମୁତୟନ କରାଯାଇଥିଲା। ଅଭିଯୋଗର ସତ୍ୟତା ପରଖିବା ସକାଶେ ସେଠାରେ ମିଳୁଥିବା ମାଂସର ନମୁନା ରାଜ୍ୟ ପରୀକ୍ଷାଗାରକୁ ପଠାଯାଇଛି। ଅପରପକ୍ଷରେ ଭିଡିଓରେ ସତ୍ୟବାଦୀ ଥାନାର ଯେଉଁ ମହିଳା ସବ୍‌ଇନ୍ସପେକ୍ଟରଙ୍କ କଥା ଉଠିଥିଲା, ତାଙ୍କୁ ରାତାରାତି ଜିଲ୍ଲା ହେଡ୍‌କ୍ୱାର୍ଟର୍ସକୁ ବଦଳି କରି ଦିଆଯିବା ସହ ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଏଥିସହ ସମ୍ପୃକ୍ତ ଗୋମାଂସ ଚାଲାଣକାରୀ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ସେହିପରି ମାଂସ ରିପୋର୍ଟ ଆସିବା ପରେ ଜୟା ହୋଟେଲ୍ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

- ସାଂସଦଙ୍କ ସମ୍ପର୍କୀୟଙ୍କୁ ମାଡ଼

## ଗୋଡ଼ ଧରି ଭୁଲ୍ ମାଗିଲା ଅଭିଯୁକ୍ତ

**ବାଲେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ପ୍ରଥମେ ସାଂସଦଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ କଲେ। ଆଉ ତା' ପରେ ଧରାପଡ଼ିବାରୁ ଗୋଡ଼ ଧରି ଭୁଲ ମାଗିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଭଉଣୀ ଓ ଭଣଜାଙ୍କୁ ଜନୈକ ମଦମାଫିଆ ଆକ୍ରମଣ କରିଥିଲେ। ପରେ ଏନେଇ ସେ ସାଂସଦ ନୀଳଗିରି ଥାନାକୁ ଖବର ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଉକ୍ତ ମାଫିଆ ଜଣଙ୍କ ସାଂସଦଙ୍କ ଘରେ ପହଞ୍ଚି ଭୁଲ ମାଗିଥିବା ଜଣାପଡ଼ିଛି। ଦୁଇ ଦିନ ତଳେ ଗାଁରେ ମଦ ବେପାରକୁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଭଉଣୀ ଓ ଭଣଜା ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମଦ ମାଫିଆ ସେମାନଙ୍କୁ ଆକ୍ରମଣ କରିଥିଲେ। ଏନେଇ ସାଂସଦ ଜାଣିବା ପରେ ଘଟଣା ଥାନାକୁ ଯାଇଥିଲା। ଆଉ ଏବେ ମଦ ମାଫିଆ ସାଂସଦଙ୍କ ଘରକୁ ଆସି ତାଙ୍କୁ ଓ ତାଙ୍କ ଭଉଣୀଙ୍କ ଗୋଡ଼ ଧରି ଭୁଲ ମାଗିଛନ୍ତି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି।

## ଆମ୍ବୁଲାନ୍ସକୁ ଧକ୍କାଦେଲା ମାଲବାହୀ ଟ୍ରେନ୍

- ଅଳ୍ପକେ ବର୍ତ୍ତିଲେ ରୋଗୀଙ୍କ ସମେତ ୮

**ରାୟଗଡ଼ା,୧୦।୩(ସଂଚାର ବ୍ୟୁରୋ):** ଆଜି ରାୟଗଡା ଜିଲ୍ଲା କାଣିପାଇ ନିକଟରେ ରେଳଧାରଣା ପାର୍ ହେଉଥିବା ସମୟରେ ଏକ ମାଲବାହୀ ଟ୍ରେନ୍ ଆମ୍ବୁଲାନ୍ସକୁ ଧକ୍କା ଦେଇଛି। ଉକ୍ତ ଆମ୍ବୁଲାନ୍ସଟି ରାୟଗଡ଼ାର କଲ୍ୟାଣସିଂହପୁର ବ୍ଲକ୍‌ରୁ ଆଖି ଅସ୍ତ୍ରୋପଚାର ପାଇଁ ଅନନ୍ତ ଚକ୍ଷୁ ହସ୍ପିଟାଲକୁ କେତେକ ରୋଗୀଙ୍କୁ ନେଇ ଯାଉଥିବା ସମୟରେ ଏପରି ଅଘଟଣର ସମ୍ମୁଖୀନ ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଟ୍ରେନ୍‌ଟି ଆମ୍ବୁଲାନ୍ସକୁ ଧକ୍କା ଦେବା ପରେ ପ୍ରାୟ ୧୦୦ ମିଟର ଦୂରକୁ ଟାଣିନେଇଥିଲା। ଫଳରେ ସେଥିରେ ଥିବା ଯାତ୍ରୀମାନେ ଭୟରେ ଚିତ୍କାର କରିଉଠିଥିଲେ। କିନ୍ତୁ କିଛି ବାଟ ଯିବା ପରେ ଟ୍ରେନ୍‌ଟି ଅଟକିଯିବା ଫଳରେ ଆମ୍ବୁଲାନ୍ସ ଚାଳକ ଓ ଆଶା କର୍ମୀଙ୍କ ସେଥିରେ ଥିବା ଅନ୍ୟ ୬ ଜଣଙ୍କ ଜୀବନ ବଞ୍ଚିଯାଇଥିଲା। ଦୂରରୁ ଆମ୍ବୁଲାନ୍ସଟି ରେଳ ଧାରଣା ଅତିକ୍ରମ କରୁଥିବା ଦେଖିବା ପରେ ଉକ୍ତ ଟ୍ରେନ୍‌ର ଚାଳକ ବ୍ରେକ କଷିବାରୁ ୮ ଜଣଙ୍କ ଜୀବନ ବଞ୍ଚିଯାଇଥିଲା। ଟ୍ରେନ୍ ଚାଳକଙ୍କ ଏପରି ଉଦ୍ୟମ ପାଇଁ ସ୍ଥାନୀୟ ଲୋକେ ତାଙ୍କର ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ଚାଳକଙ୍କ ଦାୟିତ୍ୱହୀନତାକୁ ସେମାନେ ସମାଲୋଚନା କରିଛନ୍ତି।

- ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ

## ଆତ୍ମହତ୍ୟା କଲେ ଦୁଇ ପୁଅ

**ନୟାଗଡ଼,୧୦।୩(ସଂଚାର ବ୍ୟୁରୋ):** ମା' ଯିବାର ୩ ବର୍ଷ ହେଲା ପରେ ବି ଦୁଇ ପୁଅ ସବୁବେଳେ ଝୁରୁଥିଲେ। ଏପରି ସ୍ଥିତିରେ ବାପା ଘରକୁ ସାବତମା' ଆଣିବା ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ପୁଅ ଦୁଇ ଜଣ ଏହାକୁ ବିରୋଧ କରିଥିଲେ। ତେବେ ଦ୍ୱିତୀୟ ବିବାହ ପାଇଁ ବାପା ଅଡ଼ି ବସିବାରୁ ଶେଷରେ ଦୁଇ ପୁଅ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗଡ଼ା ଗ୍ରାମରେ। ନିଜେ ବାପା ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ପୁଲିସ ବାପା ପ୍ରକାଶ ମହାନ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି।

> ଗ୍ରାମବାସୀ ଆଣିଲେ ହତ୍ୟା ଅଭିଯୋଗ

ପ୍ରକାଶ ୧୫ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କ ଦୁଇଟି ପୁଅ ଥିବା ବେଳେ ବଡ଼ପୁଅକୁ ୧୪ ବର୍ଷ ଓ ସାନପୁଅକୁ ୧୧ ବର୍ଷ। ତେବେ ୩ ବର୍ଷ ତଳେ ପ୍ରକାଶଙ୍କ ପତ୍ନୀ ମୃତ୍ୟୁବରଣ କରିବା ପରେ ଏବେ ସେ ଦ୍ୱିତୀୟ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଗତକାଲି ପ୍ରକାଶଙ୍କ ଦ୍ୱିତୀୟ ବିବାହ ପାଇଁ ଗୋଟିଏ ପ୍ରସ୍ତାବ ଆସିଥିଲା। ଏହା ଜାଣିପାରି ୨ ପୁଅ ସହିପାରିନଥିଲେ। ଏଥିସହ ସେମାନେ ବାପାଙ୍କୁ ଦ୍ୱିତୀୟ ବିବାହ ପାଇଁ ମନା କରିଥିଲେ। କିନ୍ତୁ ପ୍ରକାଶ ପୁଅମାନଙ୍କ କଥା ଶୁଣି ନଥିଲେ। ତେବେ ଆଜି ସକାଳେ ୨ ପୁଅଙ୍କ ମୃତଦେହ ଘରୁ ଉଦ୍ଧାର କରାଯାଇଛି। ଏନେଇ ଗ୍ରାମବସୀ ପ୍ରକାଶଙ୍କ ନାଁରେ ଅଭିଯୋଗ କରିଛନ୍ତି। ପ୍ରକାଶ ଦ୍ୱିତୀୟ ବିବାହ ପାଇଁ ତାଙ୍କ ୨ ପୁଅଙ୍କୁ ରାତିରେ ହତ୍ୟା କରିଥିବା ଗ୍ରାମବାସୀ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଭରତପୁର ହାଜତ ନିର୍ଯାତନା ମାମଲା

## ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ କମିଶନ୍

> ୫୨୫ ସତ୍ୟପାଠ ଯାଞ୍ଚ, ୫ ଜଣଙ୍କୁ ପଚରାଉଚରା

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଭରତରପୁର ଥାନାରେ ସେନାଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ହାଜତରେ ପୁଲିସ୍ ନିର୍ଯାତନା ନେଇ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିବା ବେଳେ ଆଜି ଏ ସଂକ୍ରାନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। କମିଶନ୍ ଆଜି ଗୃହ ବିଭାଗ ସଚିବଙ୍କୁ ୨୮୨ ପୃଷ୍ଠାବିଶିଷ୍ଟ ରିପୋର୍ଟ ପ୍ରଦାନ କରିଛନ୍ତି। ଗତବର୍ଷ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିବା ତଦନ୍ତ ସମୟରେ କମିଶନ ୫୨୫ଟି ସତ୍ୟପାଠ ଯାଞ୍ଚ କରିବା ସହ ଅତି କମରେ ୫ ଜଣଙ୍କୁ ପଚରାଉଚରା କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତବର୍ଷ ସେପ୍ଟେମ୍ବର ୧୫ ବିଳମ୍ବିତ ରାତିରେ ସେନାଧିକାରୀ ଓ ତାଙ୍କ ବାନ୍ଧବୀ ରେଷ୍ଟୁରାଣ୍ଟ ବନ୍ଦ କରି ଘରକୁ ଫେରିବା ସମୟରେ ୩ଟି କାରରେ ଯାଉଥିବା ପାଖାପାଖି ୧୨ ଜଣ ଯୁବକ ପଥରଗାଡ଼ିଆ ନିକଟରେ ସେମାନଙ୍କ ଗାଡ଼ିକୁ ଅଟକାଇବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ସେନାଧିକାରୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ମୋବାଇଲ୍‌ରେ କଏଦ କରିବାକୁ ଉଦ୍ୟମ କରୁଥିବା ସେନାଧିକାରୀଙ୍କୁ ଉକ୍ତ ଦୁର୍ବୃତ୍ତମାନେ ଭୟଙ୍କର ପରିଣାମ ହେବ ବୋଲି ଧମକାଇଥିଲେ। ତେବେ ଉଭୟ ସେନାଧିକାରୀ ଓ ତାଙ୍କ ବାନ୍ଧବୀ କୌଣସି ପ୍ରକାରେ ସେଠାରୁ ଖସିଆସି ସ୍ଥାନୀୟ ଭରତପୁର ଥାନାରେ ପହଞ୍ଚିବା ସହ ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ସକାଶେ ପିସିଆଇ ଭ୍ୟାନ୍ ପଠାଇବାକୁ ନିବେଦନ କରିଥିଲେ। କିନ୍ତୁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ତାଙ୍କ ବାନ୍ଧବୀଙ୍କୁ ହେପାଜତରେ ରଖି ନିର୍ଯାତନା ଦେଇଥିବା ସେନାଧିକାରୀ ଅଭିଯୋଗ କରିଥିଲେ। ତେବେ ସେତେବେଳେ ଏହି ଘଟଣାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ରାଜ୍ୟ ସରକାର ଭରତପୁର ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୫ ଜଣଙ୍କୁ ନିଲମ୍ବିତ କରିଥିଲେ। ଏଥିସହ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ।

## ଚିନ୍ତା ବଢ଼ାଉଛି ବାଂଲାଦେଶୀ ଅନୁପ୍ରବେଶ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ରାଜ୍ୟର ଉପକୂଳ ଜିଲ୍ଲା ଓ ପଶ୍ଚିମବଙ୍ଗ ରାସ୍ତା ଦେଇ ବହୁ ସଂଖ୍ୟାରେ ବାଂଲାଦେଶୀ ପଶିଆସୁଛନ୍ତି। ଗତକାଲି ଭୁବନେଶ୍ୱର ରେଳଷ୍ଟେସନରୁ ୧୦ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ କ୍ରାଇମବ୍ରାଞ୍ଚ୍ ଏସଟିଫ ହାତରେ ଧରାପଡ଼ିବା ପରେ ବଢୁଛି ଏଭଳି ଆଶଙ୍କା। ଖୋଦ୍ ଶାସକ ଦଳ ବିଧାୟକ ମାନସ ଦତ୍ତଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ଏବେ ସୁଦ୍ଧା ମୋଟ ୩୭୩୮ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଛନ୍ତି ସର୍ବାଧିକ ୧୬୪୯ ଜଣ। ସେହିଭଳି ଜଗତସିଂପୁରରେ ୧୧୧୨, ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬ ଓ ଭୁବନେଶ୍ୱରରେ ୧୭ ଜଣ ଚିହ୍ନଟ ହୋଇଛନ୍ତି। ସରକାର ପ୍ରତି ଜିଲ୍ଲାରେ ତହସିଲ, ବ୍ଲକ୍ ଓ ପୁଲିସ୍ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରି ଓଡ଼ିଶାରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୪୧ ଜଣ ବଙ୍ଗଳାଦେଶୀ ନାଗରିକଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି।

### ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପିଏସପି ପ୍ରକଳ୍ପ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ସବୁଜ ଶକ୍ତିର ବ୍ୟବହାର ଓ ଉତ୍ପାଦନ ଉପରେ ଗୁରୁତ୍ୱ



**ଭୁବନେଶ୍ୱର:୧୦।୩(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏହି ପ୍ରାକୃତିକ ସମ୍ପଦର ସଦୁପଯୋଗ କରି ରାଜ୍ୟରେ ଅକ୍ଷୟ ଶକ୍ତିର ଉତ୍ସକୁ ବିକଶିତ କରାଯାଉଛି। ଅକ୍ଷୟ ଶକ୍ତିରେ ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସ୍‌ପି)ର ଗୁରୁତ୍ୱ ସ୍ୱତନ୍ତ୍ର।

- ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ହୋଇଥିଲା ଚୁକ୍ତି
- ୪୫ ସ୍ଥାନ ଚିହ୍ନଟ, ପିଏସ୍‌ୟୁ ଦ୍ୱାରା ହେବ ୧୦ ପ୍ରକଳ୍ପ
- ସୁଙ୍କି ପ୍ରକଳ୍ପ ପାଇଁ ଡିପିଆଇ ପ୍ରସ୍ତୁତ

ସମ୍ପ୍ରତି ଓଡ଼ିଶାର ୪୫ଟି ସ୍ଥାନକୁ ପିଏସ୍‌ପି ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୧୦ଟି ପ୍ରକଳ୍ପ ସରକାରୀ ସ୍ତରରେ ବିଭିନ୍ନ ପିଏସ୍‌ୟୁମାନଙ୍କ ଦ୍ୱାରା କରାଯିବା ଯୋଜନା ରହିଛି। ଏହାଛଡ଼ା କିଛି କମ୍ପାନୀ କେତେକ ସ୍ଥାନକୁ ନିଜସ୍ୱ ଭାବେ ଚିହ୍ନଟ କରିଛନ୍ତି। ଏସବୁର ବିକାଶ କାର୍ଯ୍ୟ ପ୍ରଥମେ ଆବେଦନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଏଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ କହିଛନ୍ତି।

ଗତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ତେଲେଙ୍ଗାନାର ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ପିଏସ୍‌ପି ନେଇ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ଏଥିରେ ସ୍ୱଚ୍ଛ ଇନ୍ଧନ, ସବୁଜ ଶକ୍ତିର ବ୍ୟବହାର ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ମଧ୍ୟ ସବୁଜ ଶକ୍ତିର ଉତ୍ପାଦନ ତଥା ବ୍ୟବହାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। କୋରାପୁଟ ଜିଲ୍ଲାର ସୁଙ୍କିଠାରେ ପିଏସ୍‌ପି ନିମନ୍ତେ ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ କାର୍ଯ୍ୟସାରଣୀ ବା ଡିପିଆର୍ ପ୍ରସ୍ତୁତ କରିଛି। ଏକ ହଜାର ମେଗାୱାଟ୍ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦିନକୁ ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ କରିପାରିବ। ପ୍ରକଳ୍ପ ଆରମ୍ଭ ନିମନ୍ତେ ରାଜ୍ୟ ସରକାର ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ଯୋଗାଇଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ସଙ୍ଗମମ ପାୱାରର ଡାଇରେକ୍ଟର ଦୀପକ ମାଥୁର, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର୍ ଦୁର୍ଘଟଣାଗ୍ରସ୍ତ: ମହିଳା ଶ୍ରମିକ ମୃତ

**ଝରିଗାଁ,୧୦।୩(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୋମିଆଡ଼ା ଗ୍ରାମଠାରୁ କିଛି ଦୂରରେ ଆଜି ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସେଥିରେ ଯାଉଥିବା ୧୨ ଜଣ ଯାତ୍ରୀଙ୍କ ମଧ୍ୟରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଘମା ଗୌଡ଼ (୪୫) ବୋଲି ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି କରିଥିଲେ। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ସବୁଦିନ ଭଳି ଆଜି ଟ୍ରାକ୍ଟର ଚାଳକ ପୂର୍ଣ୍ଣ ଭତ୍ରା ଝରିଗାଁ ବ୍ଲକ ବାଣୁଆଗଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋମିଆଡ଼ା ଗ୍ରାମର ଘମାଙ୍କ ସମେତ ୧୨ ଜଣ ମହିଳା ଶ୍ରମିକଙ୍କୁ ଡାଲାରେ ବସାଇ ରାସ୍ତା କାମରେ ନିୟୋଜିତ କରିବା ସକାଶେ ନେଉଥିଲେ। କିନ୍ତୁ ଗୋମିଆଡ଼ା ଗାଁଠାରୁ କିଛି ଦୂର ଆସିବା ପରେ ହଠାତ ଟ୍ରାକ୍ଟରର ହାଇଡ୍ରୋଲିକ ଡାଲା ଉପରକୁ ଉଠିଯାଇଥିଲା। ଫଳରେ ଡାଲାରେ ବସିଥିବା ସମସ୍ତ ମହିଳା ଶ୍ରମିକ ତଳକୁ ଖସିପଡ଼ିଥିଲେ। ଏଥିରେ ଘମା ଗୁରୁତର ଭାବେ ଆହତ ହୋଇଥିଲେ ଓ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଝରିଗାଁ ପୁଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଗ୍ରାମବାସୀମାନେ କ୍ଷତିପୂରଣ ଦାବି କରି ଝରିଗାଁ-ଡାବୁଗାଁ ରାସ୍ତା ଅବରୋଧ କରିଥିଲେ। ତେବେ ପୁଲିସ୍ ତୁରନ୍ତ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୋକରୁ ଓହରିଥିଲେ। ଏଥିସହ ପୁଲିସ୍ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଘମାଙ୍କ ମୃତଦେହ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କମିଶନ ପରେ କମିଶନ, କିନ୍ତୁ ଫଳ ଶୂନ



**ଭୁବନେଶ୍ୱର,୧୦।୩:** ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରସଂଗରେ ସରକାର ବସାଉଥିବା କମିଶନଗୁଡ଼ିକ ମଧ୍ୟରୁ ଅଧିକାଂଶର ରିପୋର୍ଟ ସାର୍ବଜନୀନ ହେଉନାହିଁ କିମ୍ବା ଏହି ରିପୋର୍ଟ ଉପରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ହେଉଛି ସେ ସମ୍ପର୍କରେ ବି କିଛି ସୂଚନା ଲୋକେ ପାଉନାହାନ୍ତି। ଏହି ପରିପ୍ରେକ୍ଷୀରେ କମିଶନ ଗଠନର ଯଥାର୍ଥତା ଉପରେ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଉଛନ୍ତି।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମାନ ବିକାଶ ହେଉନଥିବାରୁ ବିଷମତା ଲାଗି ରହିଥିବା ପରିପ୍ରେକ୍ଷୀରେ ୨୦୦୪ ମସିହାରେ ରାଜ୍ୟ ସରକାର ଆଞ୍ଚଳିକ ବୈଷମ୍ୟ କମିଶନ ଗଠନ କରିଥିଲେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଶୁଭ୍ରାଂଶୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ । ଏହି କମିଶନରେ ୮ଜଣ ସଦସ୍ୟ ଥିଲେ। କମିଶନ ବ୍ୟାପକ ଅନୁଧ୍ୟାନ କରି ୨୦୦୮ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ବେଳେ ଏଯାବତ୍ ଏହି ରିପୋର୍ଟରେ କ'ଣ ଅଛି ଓ ତାହା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ କେହି କିଛି ବି କହିପାରୁନାହାନ୍ତି।

ସେହିଭଳି କୃଷକମାନଙ୍କ ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରି କୃଷିର ବିକାଶ ପାଇଁ ସୁପାରିସ କରିବାକୁ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବହୁ ସଦସ୍ୟ ବିଶିଷ୍ଟ କୃଷକ କମିଶନ ଗଢ଼ାଯାଇଥିଲା ୨୦୧୦ ମସିହାରେ । କମିଶନ ତାଙ୍କ ରିପୋର୍ଟ ୨୦୧୨ ମସିହାରୁ ସରକାରଙ୍କୁ ପ୍ରଦାନ କରିଥିବାବେଳେ ଏଯାବତ୍ ଏହି ରିପୋର୍ଟରେ କ'ଣ ଅଛି ଓ ତାହା ଉପରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ସେ ସଂକ୍ରାନ୍ତରେ ବି କେହି କିଛି କହିପାରୁ ନାହାନ୍ତି ।

ଶ୍ରୀମନ୍ଦିରରେ ଦଳାଚକଟା ଓ ତାହାର ପ୍ରତିକାର ନିମନ୍ତେ ୧୯୯୩ ମସିହାରେ ରାଜ୍ୟ ସରକାର ଅବସରପ୍ରାପ୍ତ ବିଚାରପତି ଜୀବନ ମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କମିଶନ ବସାଇଥିଲେ। ଏହି କମିଶନ ୧୯୯୫ରେ ତାଙ୍କ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିବାବେଳେ ଉପସ୍ଥାପନ ଓ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ଏହି ରିପୋର୍ଟ କୁଆଡ଼େ ହଜିଗଲା। ଏହାପରେ ୨୦୦୬ ମସିହାରେ ଶ୍ରୀମନ୍ଦିରରେ ଘଟିଥିବା ଅନ୍ୟ ଏକ ଦଳାଚକଟା ଦୁର୍ଘଟଣା ପରିପ୍ରେକ୍ଷୀରେ ଜଷ୍ଟିସ ମହାପାତ୍ର କମିଶନଙ୍କ ରିପୋର୍ଟ ଖୋଜାଗଲା। ଏହା ନମିଳିବାରୁ ଜଷ୍ଟିସ୍ ପି.କେ. ମହାନ୍ତି କମିଶନଙ୍କୁ ରିପୋର୍ଟ ହଜିବାର ପ୍ରସଂଗ ଖୋଜିବା ପାଇଁ କୁହାଯାଇଥିଲା। ଏହାଛଡ଼ା ଶ୍ରୀଜଗନ୍ନାଥ ମନ୍ଦିର ବିଭ୍ରାନ୍ତ ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଯେଉଁ ସଂସ୍କାର କମିଶନ ଗଠନ କରିଥିଲେ ତା'ର ଫଳାଫଳ କ'ଣ ହେଲା ଜାଣିବା ପୂର୍ବରୁ ଅଧାରୁ ସରକାର କମିଶନକୁ ଅଚଳ କରିଦେଲେ। ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ତଦନ୍ତ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସ କରିବା ସହ ରିପୋର୍ଟ ଦେଇଥିଲେ ବି ତାହା ଅଦ୍ୟାବଧି ସାର୍ବଜନୀନ ହୋଇନାହିଁ।

ଆହୁରି ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ପାଇଁ ସରକାର ଜଷ୍ଟିସ୍ ଆର.କେ. ପାତ୍ର କମିଶନ ବସାଇଥିଲେ। ଜଷ୍ଟିସ୍ ପାତ୍ରଙ୍କ ମୃତ୍ୟୁ ପରେ ଜଷ୍ଟିସ୍ ଏମ.ଏମ. ଦାସଙ୍କୁ ଏହି କମିଶନ ଦାୟିତ୍ୱ ଦିଆଯାଇଥିଲା। ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିବା ପୂର୍ବରୁ ସରକାର ଏହି କମିଶନକୁ ଅଚଳ କରିଦେଲେ। ରାଜ୍ୟରେ ନୂଆ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପାଇଁ ଜଷ୍ଟିସ ସି.ଆର. ପାଲ୍ କମିଶନ ବସିଥିଲା। ଏହି କମିଶନଙ୍କ ରିପୋର୍ଟ ସାର୍ବନନୀନ ହେଉନାହିଁ କିମ୍ବା ହାଇକୋର୍ଟର ନୂଆ ବେଞ୍ଚ ମଧ୍ୟ ପ୍ରତିଷ୍ଠା ହେଉନାହିଁ।

ଖଣି ଦୁର୍ନୀତିର ତଦନ୍ତ ପାଇଁ ବସାଯାଇଥିବା ଜଷ୍ଟିସ ଶାହା କମିଶନ ତାଙ୍କ ରିପୋର୍ଟରେ ଯେତେ ଜରିମାନା ଅର୍ଥ ଆଦାୟ ପାଇଁ ସୁପାରିସ କରିଥିଲେ, ତାହା ଏଯାବତ୍ ସମ୍ପୂର୍ଣ୍ଣ ଆଦାୟ ହୋଇପାରିନାହିଁ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ପରବର୍ତ୍ତୀ ଦଙ୍ଗା, ପିପିଲିର ଅର୍ଜୁନଗଦାରେ ଜଣେ ନାବାଳିକାଙ୍କ ପ୍ରତି ଦୁଷ୍କର୍ମ, କନ୍ଧମାଳର ଗୁମୁଡୁମାରେ ହୋଇଥିବା ପୋଲିସ ଗୁଳି ଚାଳନା ଆଦି ଘଟଣା ସଂକ୍ରାନ୍ତରେ ଯେତେସବୁ କମିଶନ ବସାଯାଇଥିଲା ସେ ସବୁର ଫଳାଫଳ କ'ଣ ହେଲା ତାହା ଏବେ ବି ଅନେକଙ୍କୁ ଅଜଣା। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲେକ୍ସସ୍ ଏଲଏକ୍ସ ୫୦୦ଡି କାର୍‌ର ବଜାର ପ୍ରବେଶ

**ନୂଆଦିଲ୍ଲୀ, ୧୦।୩:** ଲଗଜୁରୀ କାର ନିର୍ମାତା ଲେକ୍ସସ ଭାରତରେ ଏହାର ପ୍ରିମିୟମ୍ ଏସୟୁପି ଏଲଏକ୍ସ ୫୦୦ଡିର ଅପଡେଟେଡ୍ ମଡେଲ୍ ଲଞ୍ଚ କରିଛି। ଲେକ୍ସସ ଏଲଏକ୍ସ ୫୦୦ଡି ଦୁଇଟି ଭିନ୍ନ ଭିନ୍ନ ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ଏହାର ପ୍ରଥମ ଭାରିଆଣ୍ଟର ନାମ ଅର୍ବାନ ଏବଂ ଦ୍ୱିତୀୟ ଭାରିଆଣ୍ଟର ନାମ ଓଭରଟେଲ୍ ରଖାଯାଇଛି। ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଇଣ୍ଡିଆ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ଲେକ୍ସସ୍ ଏହି ଦମଦାର ଏସୟୁଭି ଶୋକେସ୍ କରିଥିଲା।

ଲେକ୍ସସ୍ ହେଉଛି ଜାପାନର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ଟୟୋଟାର ଏକ ସବସିଡାରି କମ୍ପାନୀ, ଯାହା ପ୍ରିମିୟମ୍ ସେଗମେଣ୍ଟରେ ଲଗଜୁରୀ କାର ତିଆରି କରେ। ଲେକ୍ସସ ଏଲଏକ୍ସ ୫୦୦ଡିର ଅର୍ବାନ ଭାରିଆଣ୍ଟର ପ୍ରାରମ୍ଭିକ ମୂଲ୍ୟ ୩ କୋଟି ଟଙ୍କା ସ୍ଥିର କରାଯାଇଛି। ଯେତେବେଳେ କି ଏହାର ଓଭରଟେଲ୍ ଭାରିଆଣ୍ଟର ପ୍ରାରମ୍ଭିକ ମୂଲ୍ୟ ୩.୧୨ କୋଟି ଟଙ୍କା ସ୍ଥିର କରାଯାଇଛି। ଅପଡେଟ୍ ପୂର୍ବରୁ, ଲେକ୍ସସ ଏଲଏକ୍ସ ୫୦୦ଡିର ପ୍ରାରମ୍ଭିକ ମୂଲ୍ୟ ୨.୮୩ କୋଟି ଟଙ୍କା ଥିଲା। କିନ୍ତୁ ଅପଡେଟ୍ ପରେ ଏହାର ମୂଲ୍ୟ ସିଧାସଳଖ



୧୭ ଲକ୍ଷ ଟଙ୍କା ବୃଦ୍ଧି ପାଇଛି। ଅର୍ବାନ୍ ଭାରିଆଣ୍ଟଟି ସ୍ୱତନ୍ତ୍ର ଭାବରେ ସହରରେ ଡ୍ରାଇଭ ପାଇଁ ଡିଜାଇନ୍ ହୋଇଥିବା ବେଳେ, ଓଭରଟେଲ୍ ଭାରିଆଣ୍ଟଟି ଆଡଭେଞ୍ଚର ଅଫ୍-ରୋଡିଂ ପାଇଁ ଡିଜାଇନ୍ କରାଯାଇଛି। ଲେକ୍ସସ ଏଲଏକ୍ସ ୫୦୦ଡି ର ଉଭୟ ଭାରିଆଣ୍ଟ ବାହାରକୁ ପ୍ରାୟ ସମାନ ଦେଖାଯାଏ। ଉଭୟ ଭାରିଆଣ୍ଟକୁ ଭିନ୍ନ ଗ୍ରୀଲ୍, ଆଲୟ ଏବଂ ଟାୟାର ଭଳି ବିଭିନ୍ନ ପାର୍ଟ୍ସ ଦ୍ୱାରା ଚିହ୍ନଟ କରାଯାଇପାରିବ। ଲେକ୍ସସର ଅପଡେଟ୍ ହୋଇଥିବା ଏଲଏକ୍ସ ୫୦୦ଡି ଏକ ୩. ୩-ଲିଟର ଭି୬ ଡିଜେଲ ଇଞ୍ଜିନ ସହିତ ସଜ୍ଜିତ, ଯାହା ବହୁତ ପାୱାରଫୁଲ୍। ଏହି ପାୱାରଫୁଲ୍ ଏସୟୁଭି ମାତ୍ର ୮ ସେକେଣ୍ଡରେ ୦ ରୁ ୧୦୦ କିଲୋମିଟର ପ୍ରତି ଘଣ୍ଟା ସ୍ପିଡ୍ ବୃଦ୍ଧି କରିପାରିବ। ଏହାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୨୧୦ କିଲୋମିଟର। ନୂଆ ଏଲଏକ୍ସ ୫୦୦ଡି ପୂର୍ବ ଅପେକ୍ଷା ବହୁତ ସୁରକ୍ଷିତ ହେବ। ଲେକ୍ସସର ଏହି ଏସୟୁଭି 'ସେଫ୍ଟି ସିଷ୍ଟମ ୩.୦' ସହିତ ଆସିବ। ଯେଉଁଥିରେ ପ୍ରି-କଲିଜନ ସିଷ୍ଟମ, ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ବ୍ଲାଇଣ୍ଡ ସ୍ପଟ୍ ମନିଟରିଂ, ସେଫ୍ଟି ଏଗଜିଟ୍ ଆସିଷ୍ଟ, ଲେନ୍ ଡିପାର୍ଚର ଆସିଷ୍ଟ, ଅଟୋ ହାଇ ବିମ୍ ଏବଂ ଆଡାପ୍ଟିଭ୍ ହାଇ ବିମ୍ ସିଷ୍ଟମ ଭଳି ସମସ୍ତ ଲାଟେଷ୍ଟ ସେଫ୍ଟି ଫିଚର୍ସ ରହିଛି। କମ୍ପାନୀ ଏହି କାରରେ ସିଟ୍ ମସାଜରକୁ ମଧ ଅପଗ୍ରେଡ୍ କରିଛି, ଯାହା ଦୀର୍ଘ ଯାତ୍ରା ସମୟରେ ବହୁତ ଶାନ୍ତି ଏବଂ ଆରାମ ପ୍ରଦାନ କରିବ।



## ଆଜିର ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୮୨୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୫୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୫୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୮୨୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୫୦୦ ଟଙ୍କା ଓ ୮୭,୮୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୬୫୦ ଟଙ୍କା ଓ ୮୭, ୯୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୮୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୫୦୦ ଓ ୮୭,୮୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୦ ୦୦ ଟଙ୍କା ହୋଇଛି।

## 'ପାଣ୍ଡା କବ୍ସ'ର ଦ୍ୱିତୀୟ ଶାଖା ଉଦ୍‌ଘାଟିତ




**ଭୁବନେଶ୍ୱର, ୧୦।୩,** ପଟିଆ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ତା -୯/୩/୨୦୨୫ ରିଖ ରବିବାର ଦିନ 'ପାଣ୍ଡା କବ୍'ସ ଦ୍ୱିତୀୟ ଶାଖା ଉଦ୍ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୂଖ୍ୟ ଅତିଥି ରୂପେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ତଥା ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇ 'ପାଣ୍ଡା କବସ୍'ର ଉଦ୍ଘାଟନ କରିଥିଲେ। ଛୋଟ ଛୋଟ ପିଲା ମାନଙ୍କର ଅନ୍ତର୍ନିହିତ ଗୁଣାବଳି ର ବିକାଶ, କୌଶଳଭିତ୍ତିକ ପାଠ୍ୟକ୍ରମ ଏବଂ ଆଧୁନିକ ପାଠ୍ୟ ଖସଡ଼ା ପଦ୍ଧତିରେ ଶିକ୍ଷାଦାନ ଆଦି 'ପାଣ୍ଡା କବସ'ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରୋତ୍ସାହକ ଜନ୍ମେଜୟ ଜେନା, ଅଜନ୍ତା କଳା ମିଶ୍ର, ଅମିତ୍ ଖୁଣ୍ଟିଆ, ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲ ର ନିର୍ଦ୍ଦେଶକ ଡ଼ା. ପ୍ରଭୁଚରଣ ମହାନ୍ତି, ମେନେଜିଂ ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି, ଡମ୍ବରୁ ପାଠଶାଳାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସମ୍ୟକ ମହାନ୍ତି, 'ପାଣ୍ଡାକବ୍ସ'ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସମର୍ଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପି.ଏସ. ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ଥିଲା।

## ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍‌କୁ ୧୫୩ ଏକର ଜମି



**ଭୁବନେଶ୍ୱର, ୧୦।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ରହିଥିବା ଏକ ବଡ଼ ପ୍ରତିବନ୍ଧକ ହେଉଛି ଜମି ଅଧିଗ୍ରହଣ। ବୃହତ୍ ଶିଳ୍ପ ଲାଗି ଠିକ୍ ସମୟରେ ଜମି ଯୋଗାଇବା କଷ୍ଟକର ବ୍ୟାପାର ହୋଇରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାଠାରେ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ (ଏଏମ୍ଏନ୍ଏସ୍) ପକ୍ଷରୁ ଏକ ବାର୍ଷିକ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ବୃହତ୍ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଉଦ୍ୟମ କରାଯାଉଛି। ଏହି ପ୍ରକଳ୍ପ ପାଇଁ ୭୮୧୮ ଏକର ଜମି ଆବଶ୍ୟକ ଥିବା ଇପିକଲ୍ ସୁପାରିସ କରିଛି। ସେଥିରୁ ୫୧୩.୬୪ ଏକର ସରକାରୀ, ୧୩୩୭.୩୬ ଏକର ଘରୋଇ ଏବଂ ୨୮୫୯.୯୦ ଏକର ହେଉଛି ଜଙ୍ଗଲ ଜମି। ଏଏମ୍ଏନ୍ଏସ୍‌ର କେନ୍ଦ୍ରାପଡ଼ା ପ୍ରକଳ୍ପରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଦେଇଥିବା ସୂଚନା ମୁତାବକ କମ୍ପାନିକୁ ୧୫୩.୬୫ ଏକର ଜମି ହସ୍ତାନ୍ତର କରାଯାଇଛି। ଏନେଇ ଇଡ୍‌କୋ ଓ କମ୍ପାନି ମଧ୍ୟରେ ଲିଜ୍ ଚୁକ୍ତି ହୋଇଛି। ଅବଶିଷ୍ଟ ୩୫୯.୯୯ ଏକର ଜମିର ଲିଜ୍ ଅନୁମୋଦନ ଜିଲ୍ଲା ସ୍ତରରେ ଅଟକି ରହିଛି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଏଏମ୍ଏନ୍ଏସ୍ ପକ୍ଷରୁ କେନ୍ଦ୍ରାପଡ଼ା ପ୍ରକଳ୍ପ ପାଇଁ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦାଖଲ କରାଯାଇଛି। ୧୧୦.୨୪ ଏକର ଘରୋଇ ଜଙ୍ଗଲ ଜମି ପାଇଁ ଏଫ୍‌ଡିପି ପ୍ରସ୍ତାବ ମଞ୍ଜୁରି ପାଇଁ ଦାଖଲ କରାଯାଇଛି। ମହାକାଳପଡ଼ା ତହସିଲ ଅନ୍ତର୍ଗତ ୬ଟି ଗାଁର ୧୨୮୧.୩୪ ଏକର ଜମି ଅଧିଗ୍ରହଣ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଅଟକି ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଆଉ ୫ଟି ଗାଁରେ ୫୬.୦୨ ଏକର ଘରୋଇ ଜମି ଅଧିଗ୍ରହଣ କରିବା ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ତାହା ଜିଲ୍ଲା ସ୍ତରରେ ଅଟକି ରହିଛି।

କମ୍ପାନି ପକ୍ଷରୁ କେନ୍ଦ୍ରାପଡ଼ା ପ୍ରକଳ୍ପରେ ୧,୦୨,୨୭୫ କୋଟି ଟଙ୍କା ବିନିଯୋଗ କରାଯିବ। ପ୍ରକଳ୍ପରେ ୧୬ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୨୦୨୧ ଡିସେମ୍ବର ୧୭ରେ ୨୭ତମ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ସିଏଲ୍ଏ) ବୈଠକରେ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏହି ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୭ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୭ ନିୟୁତ ଟନ୍ କ୍ଷମତା ଯୋଡ଼ାଯିବ। ପ୍ରକଳ୍ପ ଲାଗି ପରିବେଶ ଓ ଜଙ୍ଗଲ ମଞ୍ଜୁରି ତଥା ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ କମ୍ପାନି ପକ୍ଷରୁ ଆବେଦନ କରାଯାଇଛି। ପ୍ରକଳ୍ପକୁ ଲୁଣା ନଦୀରୁ ପାଣି ଆବଣ୍ଟନ କରାଯାଇଛି। କମ୍ପାନିକୁ ପ୍ରଦାନ କରାଯିବାକୁ ଥିବା ରେଳ ସଂଯୋଗର ଡିପିଆର୍ ରାଇଟ୍‌ସ ଦ୍ୱାରା ପ୍ରସ୍ତୁତ କରାଯାଉଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଲଳିତ ମୋଦିଙ୍କ ପାସପୋର୍ଟ ରଦ୍ଧ ପାଇଁ ଭାନୁଆଟୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୩:** ନିଜ ଦେଶ କବଳରୁ ରକ୍ଷା ପାଇବା ପାଇଁ, ପଳାତକ ବ୍ୟବସାୟୀ ଲଳିତ ମୋଦି ଭାନୁଆଟୁ ନାଗରିକତା ହାସଲ କରିଥିଲେ। ଏବେ କିନ୍ତୁ ଲଳିତ ମୋଦିଙ୍କୁ ଏକ ବଡ଼ ଝଟକା ଲାଗିଛି। ସେଠାକାର ପ୍ରଧାନମନ୍ତ୍ରୀ ଜୋଥାମ ନାପାଟ ଲଳିତ ମୋଦିଙ୍କୁ ଦିଆଯାଇଥିବା ପାସପୋର୍ଟ ବାତିଲ କରିବାକୁ ନାଗରିକତା କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୈନିକ ଖବରକାଗଜ ଭାନୁଆଟୁ ଡେଲି ପୋଷ୍ଟ ଏହାର ଫେସବୁକ ପୋଷ୍ଟରେ ଏ ସମ୍ପର୍କିତ ସୂଚନା ଦେଇଛି। ରିପୋର୍ଟ ଅନୁଯାୟୀ, ଲଳିତ ମୋଦିଙ୍କ ଭାନୁଆଟୁ ପାସପୋର୍ଟ ବାତିଲ କରିବାରେ ନ୍ୟୁଜିଲ୍ୟାଣ୍ଡରେ ଭାରତର ହାଇକମିଶନର ନୀତା ଭୂଷଣ, ଅନ୍ୟ କିଛି ଦ୍ୱୀପ ଦେଶ ସହିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଭାନୁଆଟୁ ଡେଲି ପୋଷ୍ଟ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଆନ୍ତର୍ଜାତୀୟ ଗଣମାଧମରେ ସମ୍ପ୍ରତି ପ୍ରକାଶିତ ଖବର ପରେ ଏହି ନିଷ୍ପତ୍ତି ନିଆଯାଇଛି।' ବାକି ସୂଚନା ମୁଁ ଆସନ୍ତାକାଲିର ଖବରକାଗଜରେ ଦେବି।' ଏଥର ସେ ଅଧିକ ସୂଚନା ଦେଇନାହାଁନ୍ତି। ଦାବି କରାଯାଇଥିଲା ଯେ ଭାନୁଆଟୁ ପରେ ଜାଣିବାକୁ ପାଇଲା ଯେ ଲଳିତ ମୋଦି ଜଣେ ପଳାତକ ଭାରତୀୟ ବ୍ୟବସାୟୀ, ଯାହା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିଲା।



ଲଳିତ ମୋଦି ମାର୍ଚ୍ଚ ୭ ତାରିଖରେ ତାଙ୍କର ଭାରତୀୟ ପାସପୋର୍ଟ ଫେରାଇବା ପାଇଁ ଆବେଦନ କରିଥିଲେ ଏବଂ ପରେ ବୈଦେଶିକ ମନ୍ତ୍ରଣାଳୟ ମଧ ଏହାକୁ ନିଶ୍ଚିତ କରିଥିଲା। ଲଳିତ ମୋଦି ୨୦୧୦ ମସିହାରେ ଭାରତ ଛାଡି ଲଣ୍ଡନରେ ରହୁଛନ୍ତି। ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ, 'ସେ ଲଣ୍ଡନରେ ଭାରତୀୟ ହାଇକମିଶନରେ ତାଙ୍କର ପାସପୋର୍ଟ ଜମା କରିବାକୁ ଆବେଦନ କରିଛନ୍ତି।' ସେ ଆହୁରି ମଧ କହିଛନ୍ତି, 'ଏହାର ତଦନ୍ତ ବିଦ୍ୟମାନ ନିୟମ ଅନୁଯାୟୀ କରାଯିବ।' ଆମକୁ ଏହା ମଧ କୁହାଯାଇଛି ଯେ ସେ ଭାନୁଆଟୁ ନାଗରିକତା ହାସଲ କରିଛନ୍ତି।

## ୧୯ରୁ ଲାଗୁହେବ ୟୁଟ୍ୟୁବ୍‌ର ନୂଆ ନିୟମ

**ନୂଆଦିଲ୍ଲୀ,୧୦।୩:** ୟୁଟ୍ୟୁବ୍ ଅନଲାଇନ ଜୁଆ ବିଷୟବସ୍ତୁ ବିରୋଧରେ ନିୟମ କଠୋର କରିଛି। କମ୍ପାନୀର ନୂତନ ନିୟମ ୧୯ ମାର୍ଚ୍ଚରୁ ଲାଗୁ ହେବାକୁ ଯାଉଛି। ଏହା ପରେ, ଯେଉଁ କ୍ରିଏଟରମାନେ ଅଣପ୍ରମାଣିତ ଜୁଆ ଆପ ଏବଂ ୱେବସାଇଟ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବେ, ସେମାନଙ୍କ ଆକାଉଣ୍ଟଗୁଡ଼ିକୁ ବ୍ଲକ କରାଯିବ। ଏହା ସହିତ, ସେହି କ୍ରିଏଟର୍‌ମାନଙ୍କ ବିରୋଧରେ ମଧ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ଯେଉଁମାନେ ସେମାନଙ୍କ ବିଷୟବସ୍ତୁରେ ଏପରି ଜୁଆ ସେବା କିମ୍ବା ଆପ୍ସର ଲୋଗୋ ଦେଖାନ୍ତି, ଯାହାକୁ ଗୁଗଲ ଦ୍ୱାରା ଅନୁମୋଦନ କରାଯାଇ ନାହିଁ। ଏହି ନିୟମଗୁଡ଼ିକ ଆସନ୍ତା ସପ୍ତାହରୁ କାର୍ଯ୍ୟକାରୀ ହେବ। ଏହି ନିଷ୍ପତ୍ତି ପଛର କାରଣ ବ୍ୟାଖ୍ୟା କରି କମ୍ପାନୀ କହିଛି ଯେ, ଏହା କାସିନୋ ଗେମ୍ସ ଏବଂ ଆପ୍ସ ସମେତ ଜୁଆ ବିଷୟବସ୍ତୁର ନିର୍ମାତାଙ୍କୁ ପ୍ରଭାବିତ କରିବ, କିନ୍ତୁ ଯୁବ ଦର୍ଶକଙ୍କୁ ସୁରକ୍ଷା ଦେବା ପାଇଁ ଏହା କରିବା ଜରୁରୀ ହୋଇଯାଇଛି। ଏବେ ମଧ, ୟୁଟ୍ୟୁବ୍ ରେ ଦର୍ଶକଙ୍କୁ ଜୁଆ ସାଇଟ ଏବଂ ଆପ୍ସକୁ ପୁନଃନିର୍ଦ୍ଦେଶିତ କରିବା ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ, କିନ୍ତୁ ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, ଯଦି କୌଣସି କ୍ରିଏଟର୍ ଏପରି କୌଣସି ସାଇଟ କିମ୍ବା ଆପରୁ ନିଶ୍ଚିତ ରିଟର୍ଣ୍ଣ ଦାବି କରନ୍ତି, ତେବେ ତାଙ୍କର ବିଷୟବସ୍ତୁ ମଧ ଡିଲିଟ ହୋଇଯିବ।

## ହୋଲିରେ ୨୦୦୦ କୋଟି ବ୍ୟବସାୟ ସମ୍ଭାବନା



**ଭୁବନେଶ୍ୱର, ୧୦।୩:** ଚଳିତ ବର୍ଷ ହୋଲିରେ ରାଜ୍ୟରେ ୨୦୦୦ କୋଟି ଟଙ୍କାର ବେପାର ହେବ ବୋଲି ଆକଳନ କରାଯାଇଛି। ଗତବର୍ଷ ହୋଇଥିବା ବେପାର ତୁଳନାରେ ୧୦-୧୫ ପ୍ରତିଶତ ଅଧିକ ବ୍ୟବସାୟ ହେବ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ, ଓଡ଼ିଶା ଶାଖାର ମହାସଚିବ ସୁଧାକର ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ ଏଥର ବେପାର ବଢ଼ିବାର ଏକ ବଡ଼ କାରଣ ହେଉଛି, ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଏବର୍ଷ ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ଅନ୍ୟପକ୍ଷରେ ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ପାଖକୁ ବିପୁଳ ଟଙ୍କା ପଠାଯାଇଛି। ତେଣୁ ଲୋକମାନେ ଉତ୍ସବ ପାଳନ କରିବାକୁ ଚାହୁଛନ୍ତି। ଆଗକୁ ଆସୁଥିବା ଦୋଳ ପୂର୍ଣ୍ଣିମା ଓ ହୋଲିରେ ସେମାନେ ଖର୍ଚ୍ଚ କରିବେ ବୋଲି ଆଶା କରାଯାଉଛି। ବିଭିନ୍ନ ସ୍ଥାନରେ ହେଉଥିବା ଦୋଳ ଉତ୍ସବ ଦେଖିଯିବା, ମେଳା ବୁଲିବା, ହୋଲି ପାଇଁ ରଙ୍ଗ ଓ ପିଚ୍‌କାରୀ ଆଦି କିଣାକିଣି କରିବାରେ ଲୋକମାନେ ଖର୍ଚ୍ଚ କରିବେ। ତାହାର ପ୍ରଭାବରେ ସ୍ଥାନୀୟ ଅର୍ଥନୀତି ଉପକୃତ ହେବ ବୋଲି ସେ କହିଛନ୍ତି। ମହାସଂଘ ପକ୍ଷରୁ ଆକଳନ କରାଯାଇଛି ଯେ ଏଥର ହୋଲିରେ ସାରା ଦେଶରେ ୬୦ହଜାର କୋଟି ଟଙ୍କାର ବେପାର ହେବ। ଗତବର୍ଷ ହୋଲିରେ ୫୦ହଜାର କୋଟିର ବେପାର ହୋଇଥିଲା। ଏଥର ତା'ଠାରୁ ୨୦ ପ୍ରତିଶତ ଅଧିକ ବେପାର ହେବ ବୋଲି ଆକଳନ କରାଯାଇଛି। ମହାସଂଘର ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ ହୋଲିରେ ଅର୍ଥନୈତିକ କାର୍ଯ୍ୟକଳାପ ବଢ଼ିବ।

**ଦେଶରେ ୬୦ହଜାର କୋଟି ଟପିବ ନେଇ ମହାସଂଘର ଆକଳନ**

## ଦୀପକଙ୍କୁ ଉଦୀୟମାନ ସାଇବର ସୁରକ୍ଷା ଉଦ୍ୟୋଗୀ ସମ୍ମାନ




**ନୂଆଦିଲ୍ଲୀ,୧୦।୩:** ଦେଶର ପ୍ରମୁଖ ଷ୍ଟାର୍ଟଅପ ତଥା ସାଇବର ସୁରକ୍ଷା ସମାଧାନ ସଂସ୍ଥା ଥ୍ରେଟସିସ୍ ଟେକ୍ନୋଲୋଜିଜର ପ୍ରତିଷ୍ଠାତା ତଥା ସିଇଓ ଦୀପକ କୁମାର ନାଥଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ମିଳିଛି। ଏପରିକି ସାଇବର ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସହ ଆଇଟିଏନଓ ବିଜ୍‌ନେସ କନ୍‌କ୍ଲେଭ-୨୦୨୫ରେ ଦୀପକ କୁମାର ନାଥଙ୍କୁ ସାଇବର ସୁରକ୍ଷାରେ ଉଦୀୟମାନ ଉଦ୍ୟୋଗୀ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ତାଜ ପ୍ୟାଲେସଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଦୀପକ କୁମାର ନାଥଙ୍କୁ 'ସାଇବର ସୁରକ୍ଷା କ୍ଷେତ୍ରରେ ଉଦୀୟମାନ ଉଦ୍ୟୋଗୀ ସମ୍ମାନ' ପ୍ରଦାନ କରାଯାଇଛି। ଏହି ଅବସରରେ ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେ. ଟି. ପରନାୟକ, ପିଭିଏସଏମ୍, ୟୁୱାଇଏସ୍ଏମ୍, ୱାଇଏସଏମର ସଭାପତି ଏବଂ ସିଓଓ ରୋହିତ ଚଡ୍ଢା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୀପକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭାରତ ସମେତ ଆମେରିକା, ୟୁକେ, ଜାପାନ, କେନିଆ, ନାଇଜେରିଆ ଏବଂ ଗଲ୍ଫ ଅଞ୍ଚଳରେ କାର୍ଯ୍ୟ କରୁଥିବା 'ଥ୍ରେଟସିସ୍' ବିଶ୍ୱବ୍ୟାପୀ ଫର୍ଚ୍ୟୁନ୍ ୫ଶହ କମ୍ପାନୀ, ସରକାରୀ ଏଜେନ୍ସି ଏବଂ ଉଦ୍ୟୋଗଗୁଡ଼ିକୁ ଅତ୍ୟାଧୁନିକ ସାଇବର ସୁରକ୍ଷା ସେବା ପ୍ରଦାନ କରିଥାଏ।

## ଭାରତୀୟ ବଜାରରେ ବିଏମଡବ୍ଲ୍ୟୁ ସି ୪୦୦ଜିଟି ସ୍କୁଟର

**ମୁମ୍ବାଇ, ୧୦।୩:** ବିଏମଡବ୍ଲ୍ୟୁ ଭାରତରେ ନୂଆ ସ୍କୁଟର ସି ୪୦୦ ଜିଟିକୁ ଲଞ୍ଚ କରିଛି। ଏହି ସ୍କୁଟରର ମୂଲ୍ୟ ଏତେ ଅଧିକ ଯେ ଆପଣ ଏହି ସ୍କୁଟରର ମୂଲ୍ୟରେ ମାରୁତି ବ୍ରିଜା ଏବଂ ଟାଟା ନେକ୍ସନ ଭଳି କାରକୁ କିଣିପାରିବେ। ବିଏମଡବ୍ଲ୍ୟୁ ଏହି ସ୍କୁଟରକୁ ଏକ ଅପହେଟ୍ ସହିତ ଆଣିଛି, ଯେଉଁଥିରେ ଅନେକ ନୂଆ ଫିଚର ଆଡ୍ କରାଯାଇଛି ଏବଂ ନୂଆ ଭାରିଆଣ୍ଟ ମଧ ଉପସ୍ଥାପନା କରାଯାଇଛି। ବିଏମଡବ୍ଲ୍ୟୁ ସି ୪୦୦ଜିଟିରେ ୟୁରୋ ୫+ କମ୍ପ୍ଲିଆନ୍ସ ବ୍ୟତୀତ, ଏହି ସ୍କୁଟରର ଡିଜାଇନରେ ମଧ ପରିବର୍ତ୍ତନ କରାଯାଇଛି। ଏହି ନୂଆ ମଡେଲରେ ଆଇଏମୟୁ ଆସିଷ୍ଟ କର୍ଣ୍ଣରିଂ ଏବିଏସ, ଟ୍ରାକ୍ସନ୍ କଣ୍ଟ୍ରୋଲ୍ ଏବଂ ଇଞ୍ଜିନ୍ ବ୍ରେକିଂ କଣ୍ଟ୍ରୋଲ୍ ଭଳି ଫିଚର୍ସ ଆଡ୍ କରାଯାଇଛି। ଏହା ସହିତ ଇଞ୍ଜିନ୍ ଡ୍ରାଗ୍ ଟର୍କ କଣ୍ଟ୍ରୋଲ୍ ର ଫିଚରକୁ ମଧ ସାମିଲ କରାଯାଇଛି, ଯାହା ଆବଶ୍ୟକ ହେଲେ ରିୟର ହୁଇଲକୁ ଆଡିସ୍ନାଲ୍ ଟର୍କ ଦେଇଥାଏ। ଏହା ସହିତ ସ୍କୁଟରକୁ ଷ୍ଟେବଲ୍ କରିବାରେ ସାହାଯ୍ୟ ମଧ କରିବ। ବିଏମଡବ୍ଲ୍ୟୁ ସ୍କୁଟରରେ ୭.୧ ଲିଟର



ଅଣ୍ଡରସିଟ୍ ଷ୍ଟୋରେଜ୍ ବଢ଼ାଯାଇଛି, ଯାହା ଫଳରେ ଟୁ-ହୁଇଲର ର ଟୋଟାଲ୍ ଷ୍ଟୋରେଜ୍ମ କାପାସିଟି ୩୭.୬ ଲିଟର ହୋଇଯାଇଛି। ଏହା ଏକ୍ସଟ୍ରା ସ୍ପେସ୍ ପ୍ରଦାନ କରିବା ପାଇଁ ସ୍କୁଟରର ସିଟ୍ ଟବକୁ ରି-ଡିଜାଇନ୍ କରାଯାଇଛି। ଏହି ବିଏମଡବ୍ଲ୍ୟୁ ସ୍କୁଟରରେ ନୂଆ ଟୁ-ଷ୍ଟେଜ୍ ମାନୁଆଲୀ ଆଡଜଷ୍ଟେବଲ ୱିଣ୍ଡସ୍କ୍ରିନ୍ ମଧ ଲଗାଯାଇଛି।

ବିଏମଡବ୍ଲ୍ୟୁ ସ୍କୁଟରର ଇଞ୍ଜିନରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହା ସହିତ ଏହି ସ୍କୁଟରରେ ୩୫୦ସିସି, ଲିକ୍ୱିଡ୍-କୁଲ୍ଡ, ସିଙ୍ଗଲ-ସିଲିଣ୍ଡର ଇଞ୍ଜିନ୍ ସହିତ ଲେସ୍ ହୋଇଛି, ଯାହା ୩୪ ଏଚପିର ପାୱାର ମିଳିଥାଏ ଏବଂ ୩୫ ଏନଏମର ଟର୍କ ଜେନେରେଟ୍ ମଧ କରେ। ବିଏମଡବ୍ଲ୍ୟୁ ସି ୪୦୦ଜିଟି ର ନୂଆ ମଡେଲର ମୂଲ୍ୟ ୧୧.୫୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ହେଲେ ଏହି ସ୍କୁଟରର ପୂର୍ବ ମଡେଲର ପ୍ରାଇସ୍ ପୂର୍ବରୁ ୨୫ ହଜାର ଟଙ୍କା ଥିଲା।

## ସ୍ରଷ୍ଟାଙ୍କ ସୃଷ୍ଟି ପାଇଁ ଦିନଟିଏ

କଳାହାଣ୍ଡି, ୧୦।୩(ସଂଚାର ବ୍ୟୁରୋ): ନାରୀ ଈଶ୍ୱରଙ୍କର ଏକ ଅନବଦ୍ୟ ସୃଷ୍ଟି। ନାରୀ ବିନା ସୃଷ୍ଟିର ପ୍ରତିଟି ଦିଗ ଯେପରି ଅସମ୍ପୂର୍ଣ୍ଣ। ଭୂମିରୁ ଭୂମାଯାଏଁ ପ୍ରତିଟି କ୍ଷେତ୍ରରେ ସେ ତାର ସଫଳ ଯାତ୍ରା ଅବ୍ୟାହତ ରଖିଛି।ସେ ମା' ହୋଇ ଭବିଷ୍ୟତ ଗଢ଼ିପାରେ ଓ ଭଉଣୀ ହୋଇ ସ୍ନେହ ଅଜାଡ଼ି ଦେଇପାରେ। ସ୍ତ୍ରୀ ହୋଇ ସ୍ୱାମୀର ସୁଖ ଦୁଃଖରେ ଭାଗୀ ହୋଇଥାଏ। ଏମିତି କେଉଁ କ୍ଷେତ୍ର ନାହିଁ ଯେଉଁଠି ସେ ନିଜର ଶକ୍ତି, ସାମର୍ଥ୍ୟ ପ୍ରଦର୍ଶନ କରିନାହିଁ। ଖେଳ ପଡ଼ିଆରୁ ଆରମ୍ଭ କରି ଯୁଦ୍ଧକ୍ଷେତ୍ର ଯାଏ ସବୁଠି ମହନୀୟା ହୋଇପାରିଛି ନାରୀ। ମହିଳାମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କର ତ୍ୟାଗ ଏବଂ ପରି ଶ୍ରମକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖକୁ 'ଅନ୍ତର୍ଜାତୀୟ ମହିଳା ଦିବସ' ଭାବେ ସାରା ବିଶ୍ୱରେ ପାଳନ କରାଯାଏ ଓ ସମାଜରେ ମହିଳାଙ୍କୁ ସମାନ ଅଧିକାର ଓ ନ୍ୟାୟ ପ୍ରଦାନ ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା ପାଳିତ ହୁଏ। ଏହା ବ୍ୟତୀତ ଅନ୍ତର୍ଜାତୀୟ ମହିଳାଦିବସ ମହିଳାମାନଙ୍କ ଆର୍ଥିକ, ରାଜନୈତିକ ଏବଂ ସାମାଜିକ ସଫଳତାର ଉତ୍ସବ ଭାବରେ ପାଳନ କରାଯାଏ ଓ ତେବେ ଧୀରେ ଧୀରେ ସମାଜର ଚିତ୍ର ବଦଳିଲାଣି।ଏବେ ଉଚ୍ଚଶିକ୍ଷିତା ଏବଂ ସ୍ୱାବଲମ୍ବୀ ହେବା ସହ ସଫଳତାର ସୋପାନ ଚଢ଼ିଲେଣି ଏବଂ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ନିଜର ସ୍ଥିତି ସୁଦୃଢ଼ କରିବା ସହ ସେମାନେ ସଜାଡ଼ି ପାରୁଛନ୍ତି ପରିବାରର ଆର୍ଥିକ ସ୍ଥିତି, ଏବଂ ସମାଜରେ ଆଣି ପାରୁଛନ୍ତି ପରିବର୍ତ୍ତନ। ତେବେ ୧୯୦୯ ମାର୍ଚ୍ଚ ୮ରେ ଆମେରିକା ପ୍ରଥମଥର ପାଇଁ ମହିଳାଙ୍କ ଅଧିକାର ପ୍ରଦାନ ଲାଗି ସ୍ୱର ଉତ୍ତୋଳନ କରାଯାଇଥିଲା। ପାଖାପାଖି ୧୫ ହଜାର ମହିଳା ନିଜ ଅଧିକାର ଲାଗି ରାଜ ରାସ୍ତାକୁ ଓହ୍ଲାଇ ଥିଲେ। ୧୯୧୦ରେ କ୍ଲାରା ଜେଟ୍‌କିନ୍ ନାମକ ଜଣେ ମହିଳା ନାରୀ ଅଧିକାର ପାଇଁ ମହିଳା ଦିବସ ପାଳନର ପରିକଳ୍ପନା କରିଥିଲେ ଓ ତେବେ ୧୯୭୫ରେ ଜାତିସଂଘ ଏହାକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କଲା।

### ରେଳରୋକ ଆନ୍ଦୋଳନ ଭଣ୍ଡୁର କରିବା ପ୍ରୟାସ

## ରାତି ଅଧରେ ଚାଷୀ ନେତାଙ୍କୁ ଉଠେଇନେଲା ପୁଲିସ

ଭେଡେନ,୧୦।୩ (ସଂଚାର ବ୍ୟୁରୋ): ଭେଡେନ କୃଷକ ସଙ୍ଗଠନ ର ଅନେକ ଚାଷୀଙ୍କୁ ରାତାରାତି ଗିରଫ କରି ବରଗଡ଼ ରିଜର୍ଭ ପଡ଼ିଆରେ ଅଟକ ରଖିଲା ଭେଡେନ ପୋଲିସ। ଇନସୁରେନ୍ସ ଏବଂ ଇନପୁଟ ସବସିଡି ଦାବିକୁ ନେଇ ଜିଲ୍ଲା ପ୍ରଶାସନ ସହିତ ବାରମ୍ବାର ଆଲୋଚନା ପରେ ମଧ୍ୟ ଜିଲ୍ଲାପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଫେଲ ମାରିବା ପରେ ଆଜି ୧୦ ତାରିଖରେ ଭେଡେନ କୃଷକ ସଂଗଠନ ରେଳରୋକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିବା ବେଳେ ଭେଡେନ ଅଞ୍ଚଳର ଅନେକ ଚାଷୀଙ୍କୁ ପୋଲିସ ରାତିଅଧିଆ ଘରୁ ଉଠାଇ ଆଣି ଅଟକ ରଖିଲା। ସୂଚନା ଅନୁଯାୟୀ ଗତ ୨୦୨୩ ମସିହାରେ ମେକଜୋମ ବାତ୍ୟାରେ ହଜାର ହଜାର ଚାଷୀଙ୍କ ଫସଲ ଉଜୁଡି ଯାଇଥିଲା। ତେବେ ସରକାରୀ ଆକଳନ ହିସାବରେ ୫୬୦୦୦ ଚାଷୀଙ୍କୁ ରିଲାଏନ୍ସ କ୍ରପ ଇନ୍ସୁରେନ୍ସ କମ୍ପାନୀ ୧୨୮ କୋଟି ଟଙ୍କା କ୍ଷତିପୂରଣ ଦେବାର ଥିଲା। ମାତ୍ର କମ୍ପାନୀ ପକ୍ଷରୁ ୩୦ ହଜାର ଚାଷୀଙ୍କୁ କେବଳ ୨୩ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଯାହା ଫଳରେ ଭେଡେନ ଅଞ୍ଚଳର ଅନେକ ଚାଷୀ ଫସଲ ବୀମା ପାଇପାରିନଥିଲେ। ସେହିପରି ଇନପୁଟ ସବସିଡି ପାଇବାରେ ମଧ୍ୟ ବଞ୍ଚିତ



ରହିଯାଇଥିଲେ ଭେଡେନ ଅଞ୍ଚଳର ଚାଷୀ। ଜିଲ୍ଲାପାଳ ନିଜେ ୪୪ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ୫୮ କୋଟି ଟଙ୍କା ଦିଆଯିବାର ଆକଳନ ରିପୋର୍ଟ ଦେଇଥିବା ବେଳେ ୫୮ କୋଟିରୁ ମାତ୍ର ୪୪ ଲକ୍ଷ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। ତେବେ ଉଭୟ ଇନସୁରେନ୍ସ ଏବଂ ଇନପୁଟ ସବସିଡି ପ୍ରଦାନ ଦାବିରେ ଭେଡେନ ଅଞ୍ଚଳର ଚାଷୀ ମାନେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସହିତ ଅନେକ ଥର ଆଲୋଚନା କରିଥିଲେ। ଗତ ୨ ତାରିଖରେ ଭେଡେନ ଠାରେ ପ୍ରଶାସନ ସହିତ ଆଲୋଚନା ହୋଇଥିଲା, ପରେ ଗତ ୫ ତାରିଖରେ ବରଗଡ଼ ରେ ଉପଜିଲ୍ଲାପାଳ, ବିଧାୟକ, ଏସପି ଏବଂ ଅନେକ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା ଏବଂ ୯ ତାରିଖ ସୁଦ୍ଧା ଚାଷୀଙ୍କ ଏହି ସମସ୍ୟାର ସମାଧାନ କରିଦିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା ଏବଂ ଚାଷୀ ମାନେ ମଧ୍ୟ ପ୍ରଶାସନକୁ ଚେତାବନୀ ଦେଇଥିଲେ ଯେ ଯଦି ୯ ତାରିଖ ସୁଦ୍ଧା ପ୍ରତିଶ୍ରୁତି ପୂରଣ କରାନଯାଉଛି ତେବେ ୧୦ ତାରିଖରେ ରେଳରୋକ ଆନ୍ଦୋଳନ କରାଯିବ। ଗତକାଲି ୯ ତାରିଖ ସୁଦ୍ଧା ପ୍ରଶାସନ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବାରୁ ଆଜି ୧୦ ତାରିଖରେ ଚାଷୀ ରେଳ ରୋକ ଆନ୍ଦୋଳନ କରିବାକୁ ସଜବାଜ ହେବାରୁ ଗତକାଲି ରାତି ଅଧିଆ ଭେଡେନ ଅଞ୍ଚଳର ଅନେକ ଚାଷୀ ନେତାଙ୍କୁ ପୋଲିସ ରାତିଅଧିଆ ଘରୁ ଉଠାଇ ଆଣି ରେଳ ରୋକ ଆନ୍ଦୋଳନକୁ ଭଣ୍ଡୁର କରିଛି। ଚାଷୀ ନେତା ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ବିଜୟ ଲହରିଆ, ଲୁକେଶ୍ୱର ଦାସ ଙ୍କ ସମେତ ଅନେକ ଚାଷୀଙ୍କୁ ପୋଲିସ ଘରୁ ଉଠାଇ ନେଇଥିବା ବେଳେ ବରଗଡ଼ ରେଲୱେ ଷ୍ଟେସନ ରୁ ଭେଡେନ ପର୍ଯ୍ୟନ୍ତ ପୋଲିସ ର ଚାଉଣୀ ଲାଗିରହିଛି। ରେଳ ରୋକ ଆନ୍ଦୋଳନ ଯେପରି ନହେବ ସେନେଇ ଜିଲ୍ଲା ପୋଲିସ ବିଭାଗ ପୁରା ବଳ ଲଗେଇଦେଇଛି। ତେବେ ଚାଷୀଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ କର୍ପୋରେଟ ସେକ୍ଟର କୁ ଅନୁକମ୍ପା ଦେଖାଇ ଚାଷୀଙ୍କୁ ରାତିଅଧିଆ ଘରୁ ଗିରଫ କରି ଆଣି ଅଟକ ରଖିବା ଘଟଣା କୁ ଚାଷୀ ସଙ୍ଗଠନ ମାନେ ଦୃଢ଼ ନିନ୍ଦା କରିବା ସହିତ ଆଗକୁ ଏହା ଏକ ବିରାଟ ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ।

## ଟାଙ୍ଗରପାଲି ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




ସୁନ୍ଦରଗଡ,୧୦।୩(ସଂଚାର ବ୍ୟୁରୋ): ଆଜି ଟାଙ୍ଗରପାଲି ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୧ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା। ସେଥି ମଧ୍ୟରୁ ୩୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୧୮ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ଓ ରେଡକ୍ରସ ପାଣ୍ଠିରୁ ଜଣେ କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଂଜନ ସାହୁ, ସଦର ଉପ ଜିଲ୍ଲାପାଳ ଦାଶରଥି ଶରାବୁ, ଟାଙ୍ଗରପାଲି ଗୋଷ୍ଠି ଉନ୍ନୟନ ଅଧିକାରୀ ବୀରସେନ ବେହେରା, ତହସିଲଦାର ସ୍ମୃତି ସୌମ୍ୟା ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନି ମାଝୀ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜନଶୁଣାଣୀ ପରେ ଜିଲ୍ଲାପାଳ ଅଲେଇକେରା ଗ୍ରାମ ଏବଂ ରତନପୁର ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରି ଅଗ୍ରଗତି ସମୀକ୍ଷା କରିଥିଲେ।

## ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ




ଖଲ୍ଲିକୋଟ,୧୦।୩(ସଂଚାର ବ୍ୟୁରୋ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଗଣେଶ କନଫରେନ୍ସ ହଲରେ ଏହି ଉପଲକ୍ଷେ ଏକ ଭବ୍ୟ ସମାରୋହ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବୃକ୍ଷରେ ଜଳ ସିଞ୍ଚନ କରି ଆନୁଷ୍ଠାନିକ ଭାବେ ସଭା ଉଦଘାଟନ କରିଥିଲେ। ଅଧ୍ୟାପିକା ଡ. ପ୍ରଣତି କୁମାରୀ ରଥ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ବକ୍ତା ଡେପୁଟି କମିଶନର ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ନାରୀମାନଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଦାୟିତ୍ୱ ସ୍ୱୟଂ ନାରୀର ଏବଂ ନାରୀ ମାନଙ୍କ କଥନ, ଦକ୍ଷତା ଓ ଏକତା ରହିଲେ ନାରୀ ସଶକ୍ତିକରଣ ଯେ ପ୍ରକୃତରେ ହେବ ଏହି ମତ ଦେବା ସହିତ ନାରୀ ଦୁର୍ଗା ପୂଜା ପକ୍ଷକୁ ନୁହେଁ ବରଂ ନିଜେ ନିଜକୁ ଦୁର୍ଗା ରୂପରେ ଅଭିମନ୍ତ୍ରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀ ସୂର୍ଯ୍ୟନାରାୟଣ ଧର ମାଆ ଭାବରେ ନାରୀର ମହତ୍ତ୍ୱ ବିଷୟରେ ସଦୃଷ୍ଟାନ୍ତ ଅବତାରଣା କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଭାରତୀ ମିଶ୍ର କିଶୋର ଓ ତରୁଣୀ ମାନଙ୍କର ସ୍ୱାସ୍ଥ୍ୟରକ୍ଷା ସମ୍ପର୍କିତ ବିଭିନ୍ନ ତଥ୍ୟକୁ ପାୱାରପଏଣ୍ଟ ମାଧ୍ୟମରେ ଅବତାରଣା କରିଥିଲେ। ତଥା ବିଭିନ୍ନ ସ୍ତ୍ରୀରୋଗର ନିରାକରଣ ଜନିତ ସଚେତନତା ସୃଷ୍ଟି କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଅନ୍ତର୍ଜାତୀୟ ମହିଳା ଦିବସର ଚଳିତ ବର୍ଷର ଶୀର୍ଷକ ଉପସ୍ଥାପନ କରିବା ସହ ତାହାକୁ ବିଶ୍ଳେଷଣ ପୂର୍ବକ ଏହାର ମହତ୍ତ୍ୱ ଦର୍ଶାଇଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ନିଜର ସଭାପତି ଅଭିଭାଷଣରେ ନାରୀ ସ୍ୱଶକ୍ତି ସମ୍ପର୍କରେ ସଚେତନ ହେବା, ମହିଳା ବିରୋଧୀ କାର୍ଯ୍ୟକୁ ସାହସର ସହ ପ୍ରତିରୋଧ କରିବା ତଥା ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେବା ସହ ନାରୀକୁ ଉପଯୁକ୍ତ ସମ୍ମାନ ଦେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମହିଳା ଦିବସ ଉପଲକ୍ଷେ ହୋଇଥବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଖଲ୍ଲିକୋଟ କଲେଜ ଓ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ତରଫରୁ ପୁରସ୍କୃତ କରାଯାଇ ଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ ଅଧ୍ୟାପିକା ଡ. ସସ୍ମିତା କୁମାରୀ ବେହୁରା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସାହୁ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ସୁବର୍ଣ୍ଣପୁର,୧୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ଅତ୍ୟାଚାର, ବଳାତ୍କାର, ନିର୍ଯାତନା ପ୍ରତିବାଦରେ ଏବଂ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରିଲା ସୁବର୍ଣ୍ଣପୁର କଂଗ୍ରେସ। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଜିଲ୍ଲାପାଳ ଙ୍କ ଅଫିସ ସାମ୍ନାରେ ଆୟୋଜିତ ହୋଇଥିବା ଏହି ବିକ୍ଷୋଭ ସମାବେଶ ପରିପ୍ରେକ୍ଷୀରେ ଆଜି ରାଜ୍ୟ ପର୍ଯ୍ୟବେକ୍ଷକ ଭାବରେ ଗଣେଶ କୁମାର ସାହୁ ଯୋଗ ଦେଇଥିବାବେଳେ ଏହି ସମାବେଶରେ ଶତାଧିକ କଂଗ୍ରେସ ନେତା ଓ କର୍ମୀଙ୍କ ସମାଗମ ହେଇଥିଲା। ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ପ୍ରିୟବ୍ରତ ସାହୁ,ସୁଧିର କୁମାର ପଣ୍ଡା, ଗୌରୀଶ୍ୟାମ ପଣ୍ଡା, ରାଜେନ୍ଦ୍ର ଝାଙ୍କର,ଜିଲୁ ନାୟକ, ମା ରାଧାକାନ୍ତ ମହାକୁଡ଼, ମାଧବ କୁମ୍ଭାର, ରଞ୍ଜିତ ରୟ,ରବିନ୍ଦ୍ର ହୋତା ମହିଳା ନେତ୍ରୀ ଭବାନୀ ଦୀପ୍ , ପ୍ରମୋଦ ଗୁରୁ, କାହ୍ନୁ ହାତୀ,ରାଜେଶ ମିଶ୍ର, ଦୟାନିଧି ସାହୁ, ପ୍ରମୋଦ ଗୁରୁ, ରାଜେନ୍ଦ୍ର ଝାଙ୍କର, କାହ୍ନୁ ହାତୀ, ରାଜେଶ ମିଶ୍ର, ଦୟାନିଧି ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ଉପରେ ଢେର୍ ବର୍ଷିଥିଲେ। ଏହି ବିକ୍ଷୋଭ ସମାବେଶରେ ଜିଲ୍ଲାର ସମସ୍ତ ୬ଗୋଟି ବ୍ଲକରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବଳାଙ୍ଗୀ ମହୋତ୍ସବ ସାଂସ୍କୃତିକ ଜାଗରଣ ଯାତ୍ରାକୁ ସ୍ୱାଗତ

ବେତନଟୀ,୧୦।୩(ସଂଚାର ବ୍ୟୁରୋ): ବେତନଟୀ ବ୍ଲକର ପାଟଳିପୁରାରେ ବଳାଙ୍ଗୀ ମହୋତ୍ସବ ସାଂସ୍କୃତିକ ଜାଗରଣ ଯାତ୍ରା, ଜ୍ୟୋତି ରଥ ଓ ବାଇକ ରାଲିକୁ ରାଜ ଯୋଗ ସେବା ଟ୍ରଷ୍ଟ, ପାଟଳିପୁରାରେ ସ୍ୱାଗତ କରାଯାଇଥିଲା। ରାଜଯୋଗ ସେବା ଟ୍ରଷ୍ଟର ସଭାପତି ଭାସ୍କରଚନ୍ଦ୍ର ଦୁର୍ଗାଙ୍କ ସଭାପତିତ୍ୱରେ ଏବଂ ଶିକ୍ଷକ ଡ଼କ୍ଟର ମହାନ୍ତଙ୍କର ପରିଚାଳନା ରେ ଅନୁଷ୍ଠିତ ଏହି ସ୍ୱାଗତ ସମାରୋହରେ ବିକେ ମମତା ପୁଷ୍ପ ଚନ୍ଦନ ତିଳକ ଦେଇ ସ୍ୱାଗତ କରିଥିଲେ। ଏଥିରେ ବଳାଙ୍ଗୀ ଉତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ସମ୍ପାଦକ ଏଡ଼ଭୋକେଟ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ଗୋଲକ ବିହାରୀ ମହାନ୍ତି, ଇନ୍ଦୁମତୀ ମହାନ୍ତି ବାସୁଦେବ ବାରିକ ପ୍ରମୁଖ ଯୋଗଦାନ କାରି ବଳାଙ୍ଗୀ ମହୋତ୍ସବ ସାଂସ୍କୃତିକ ଜାଗରଣ ଯାତ୍ରାକୁ ସ୍ୱାଗତ କରିଥିଲେ। ଅତିଥି ମାନଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ ସାମ୍ବାଦିକ ଦୀପକ କୁମାର ମହାନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ରାଜ ଯୋଗୀ ବିକେ ମନୋରଞ୍ଜନ ଦୁର୍ଗା। ଏଥିରେ ଶିକ୍ଷୟିତ୍ରୀ ବିକେ ପୁଷ୍ପାଞ୍ଜଳି,ସନ୍ଧ୍ୟା, ଭାରତୀ ପ୍ରମୁଖ ସହଯୋଗ କରିଥିଲେ।




## ନବୀନ ଜିନ୍ଦଲଙ୍କ ଜନ୍ମଦିନରେ ଜିନ୍ଦଲ ଷ୍ଟିଲ୍‌ର 'ଫିଟାଥନ'



ଯୋଡ଼ା/ବଡ଼ବିଲ,୧୦।୩(ସଂଚାର ବ୍ୟୁରୋ): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ ଜେଏସପିର ଅଧ୍ୟକ୍ଷ ତଥା ମାନ୍ୟବର କୁରୁକ୍ଷେତ୍ର ସାଂସଦ ଶ୍ରୀ ନବୀନ ଜିନ୍ଦଲଙ୍କ ଜନ୍ମ ଦିବସକୁ ଏହାର ସମସ୍ତ କାର୍ଯ୍ୟସ୍ଥଳରେ ଫିଟନେସ ଡେ ଭାବେ ପାଳନ କରାଯାଇଛି। ଏହି ଅବସରରେ କ୍ରୀଡ଼ା ଓ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଏସପିର ବଡ଼ବିଲ ପେଲେଟ ପ୍ଲାଣ୍ଟ ଏବଂ କାଶିଆ ଓ ଟେନ୍ସା ଖଣି ଅଞ୍ଚଳରେ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଫିଟନେସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ମିନି ମାରାଥନ 'ଫିଟାଥନ' ଆୟୋଜିତ ହୋଇଥିଲା। ଏଥିରେ ୫୦୦ରୁ ଅଧିକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ମହିଳା କ୍ଲବ ପକ୍ଷରୁ ଜିନ୍ଦଲନଗରରେ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ କାଶିଆ ଖଣି ଅଞ୍ଚଳରେ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ କର୍ମଚାରୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ। ଶ୍ରୀ ଜିନ୍ଦଲଙ୍କ ମଙ୍ଗଳ ଓ ସଫଳତା କାମନା କରି କଲୋନି ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଟେନ୍ସା ମାଇନ୍ସରେ ସକାଳୁ ଯୋଗ ଅଧିବେଶନ ସହ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଧ୍ୟ ଶ୍ରୀ ଜିନ୍ଦଲଙ୍କ ଜନ୍ମଦିନ ଓ ଫିଟନେସ ଡେ ବଡ଼ ଉତ୍ସାହର ସହ ପାଳିତ ହୋଇଛି। ବଡବିଲ ୟୁନିଟ ପକ୍ଷରୁ ସ୍ପୋର୍ଟସ ହଷ୍ଟେଲର ଅନ୍ତେବାସୀ ଓ ସ୍ଥାନୀୟ ଗ୍ରାମର ଶିଶୁମାନଙ୍କ ଗହଣରେ ଜନ୍ମଦିନ ପାଳନ କରାଯାଇଛି। କାଶିଆ ୟୁନିଟ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଓ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଟେନ୍ସା ଖଣି ପାରିପାର୍ଶ୍ୱିକ ଅଞ୍ଚଳର ହକି ଟିମଙ୍କୁ ନେଇ ଏକ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

## ଭଙ୍ଗାଘରେ ବିତୁଛି କୁଷ୍ଠ ରୋଗୀଙ୍କ ଜୀବନ, ପ୍ରଶାସନ ଦୃଷ୍ଟି ପଡୁନି

ସୁବର୍ଣ୍ଣପୁର,୧୦।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ଥିବା କୁଷ୍ଠାଶ୍ରମ ତେଲ ନଦୀ କୂଳରେ ଅବସ୍ଥିତ। ଅନନ୍ତ ନାରାୟଣ କୁଷ୍ଠା ଆଶ୍ରମ ର ୧୫ ଜଣ ଅନ୍ତେବାସୀ ଆଜି ସକାଳ ୧୧ ଟାରେ ପୌରପରିଷଦ ଆସି ପୌର ଅଧିକାରୀ ଙ୍କୁ ଭେଟି ତାଙ୍କର ଘର ଭାଙ୍ଗି ଯାଇଥିବା , ଶୌଚ ହେବା ପାଇଁ ଏକ ଶୌଚାଳୟ ଟିଏ ମଧ୍ୟ ନ ଥିବା କଥା ଜଣେଇଛନ୍ତି। ଗ୍ରୀଷ୍ମ ଋତୁରେ ଆଗକୁ ପ୍ରଚଣ୍ଡ ଖରା ସାଙ୍ଗକୁ ପ୍ରବଳ ଗରମ ହେତୁ ଭଲ ଛାତର ବ୍ୟବସ୍ଥା କରନ୍ତୁ ବୋଲି ପୌର ଅଧିକାରୀ ଙ୍କୁ ଦୁଃଖ ଜଣାଇଥିଲେ।ସମାଜସେବୀ ମୋନାଜ୍ କର୍ମୀ, ବିଜେପି ଯୁବମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର ଙ୍କ ସହ ଅନ୍ତେବାସୀ ପଞ୍ଚବାସି ମହଲା, କୁଳମଣି ଖମାରୀ, ଖଗେଶ୍ୱର ପ୍ରଧାନ, ବାହାଦୁଲ ବେହେରା, ଧ୍ରୁବା ପାଣ୍ଡେ, ଚୈତନ୍ୟ ସାହୁ, ସୁନା ପୋଡ଼, ମେଘା ବାରିକ, ପୂର୍ଣ୍ଣାବାସି ମହଲା, ମାଳତୀ ସା, କେଶବ କଲତା, ସୁପାର କଲତା, ଲତା ଭୋଇ ପୌର ଅଧିକାରୀ ଙ୍କୁ ଭେଟି ତାଙ୍କ ଅସୁବିଧା ଜଣେଇଥିଲେ। ସମାଜସେବୀ ମୋନଜ କର୍ମୀ ଙ୍କ କହିବା ଅନୁଯାୟୀ



ଗତ ବର୍ଷ ଟେଣ୍ଡର ବାହାରି ସୁରୁବାବୁ ମିଶ୍ର ନାମକ ଏକ ଠିକାଦାର କାମ ପାଇଥିଲେ ମଧ୍ୟ ଉକ୍ତ ଫଣ୍ଡ ରେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ କାମ ଆରମ୍ଭ ହୋଇ ପାରି ନ ଥିଲା।ଜିଲ୍ଲା ସୋସିଆଲ ସିକୁରିଟୀ ଅଫିସର ଙ୍କ ଜରିଆରେ ଅନ୍ତେବାସୀ ଙ୍କ ନୂତନ ବିଲ୍ଡିଂ କାମ ହେବାକୁ ଥିବା କହିଛନ୍ତି ପୌର ଅଧିକାରୀ ଋଷି ମାଝୀ। ମାର୍ଚ୍ଚ ପରେ କୌଣସି ମତେ ମରାମତି କାମ କରିବା ନେଇ ଅନ୍ତେବାସୀଙ୍କୁ ଆଶ୍ୱାସନା ଦେଇଥିଲେ ଶ୍ରୀ ମାଝୀ।

## ନୂଆ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

କଟକ,୧୦।୩(ସଂଚାର ବ୍ୟୁରୋ): ଜିଲ୍ଲା ର ସମସ୍ତ ଏ ପି ପି, ଅତିରିକ୍ତ ପି ପି, ସ୍ୱତନ୍ତ୍ର ପି ପି ମାନଙ୍କୁ ନେଇ ତିନୋଟି ନୂତନ ଅପରାଧିକ ଆଇନ ସମ୍ପର୍କରେ ଏକ କର୍ମଶାଳା କଟକ ଜିଲ୍ଲାପାଳଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୭୦ ଜଣ ଏ ପି ପି, ଅତିରିକ୍ତ ପି ପି, ସ୍ୱତନ୍ତ୍ର ପି ପି ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ଭିଡିଓ ମାଧ୍ୟମରେ ଆଠଗଡ଼, ବାଙ୍କୀ, ସାଲେପୁର, ନିଆଳି, ବଡ଼ମ୍ବା, ନରସିଂହପୁର, ତିଗିରିଆ, ମାହାଙ୍ଗା ରୁ ଅନ୍ୟ ଏ ପି ପି, ଅତିରିକ୍ତ ପି ପି, ସ୍ୱତନ୍ତ୍ର ପି ପି ମାନେ ଯୋଗ ଦେଇଥିଲେ। କଟକ ଜିଲ୍ଲାର ପି ପି ଶ୍ରୀଯୁକ୍ତ ସୁବ୍ରତ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ଆଇନଜ୍ଞ ଶ୍ରୀ ଦେବସ୍ମାନ ଦାଶ ଓ ଶ୍ରୀ ଅକ୍ଷୟ କୁମାର ନାୟକ ନୂତନ ଆଇନ୍ ର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଅତିରିକ୍ତ ପି ପି ଶ୍ରୀ ବିଶ୍ୱଜିତ୍ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୧୦।୩(ସଂଚାର ବ୍ୟୁରୋ): ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି. ଉକ୍ତ ଉତ୍ସବ ରେ ଶ୍ରୀ ସର୍ବେଶ୍ୱର ମିଶ୍ର ପ୍ରଧାନଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଅତିଥି ରୂପେ ଯୋଗଦେଇ ବାର୍ଷିକ ଉତ୍ସବ ର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସି ଆର ସି ସି ରଞ୍ଜନ କୁମାର ବୁଡ଼େକ ଯୋଗ ଦେଇ ଅତିଥି ଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ, ଏହି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଦେବକାନ୍ତ ବଗର୍ତି ବିବରଣୀ ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ, ଉକ୍ତ ଉତ୍ସବ ରେ ଗ୍ରାମ ର ବ୍ୟକ୍ତିବିଶେଷ ଙ୍କୁ ବିଦ୍ୟାଳୟ କୁ ସହଯୋଗ କରୁଥିବା ହେତୁ ଏସ୍‌ଏମ୍‌ସି ସଭାପତି ଶ୍ରୀ ହୃଷିକେଶ କୁମ୍ଭାର ଓ ମୁଖ୍ୟଅତିଥି ଶ୍ରୀ ମିଶ୍ର ସମ୍ବର୍ଦ୍ଧନାକରି ଥିଲେ ଏବଂକୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରିବାପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଙ୍କ ସହଯୋଗ ରେ ଏହି ଉତ୍ସବ ଟି ସଫଳ ହୋଇପାରିଥିଲା।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ଖଜୁରୀପଡ଼ା, ୧୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅଧୀନ ସୁତ୍ରୁ କୁମ୍ଭା ପଞ୍ଚାୟତ ଟାଡମେରୁ ଗାଁରେ ଏକ ଅଘଟଣ ଘଟିଛି। ଭାଲୁ ଆକ୍ରମଣରେ ସ୍ୱପ୍ନେଶ୍ୱର୍ ମଲ୍ଲିକ(୪୦) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ବାମ ଗୋଡ଼ ଏବଂ ହାତରେ ଗଭୀର ଆଘାତ ଲାଗିଥିବା ପରିବାର ଲୋକେ କହିଛନ୍ତି। ସପ୍ନେଶ୍ୱରଙ୍କ କହିବା ଅନୁଯାୟୀ, ସେ ଗୁରୁବାର ସକାଳେ ଜଙ୍ଗଲ ନିକଟସ୍ଥ ପଦରକୁ ଶୌଚ ହେବାକୁ ଯାଇଥିଲେ। ଠିକ୍ ସେହି ସମୟରେ ଛପି ରହିଥିବା ଏକ ଭାଲୁ ଦୌଡ଼ି ଆସି ଅତର୍କିତ ତାଙ୍କୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବା ପାଇଁ ଭାଲୁ ସହିତ ବହୁ ସମୟ ସଂଘର୍ଷ କରି ଅଚେତ ହୋଇଯାଇଥିଲି। କିଛି ଘଣ୍ଟା ବ୍ୟବଧାନ ପରେ ଚେତା ଫେରିଲା ବେଳକୁ ଭାଲୁଟି ବାମ ଗୋଡ଼ ଏବଂ ବାମ ହାତ ପାପୁଲିକୁ କାମୁଡି ଦେଇ ପଳାଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ।

## ବୈଷ୍ଣବବନ୍ଧ ଆଶ୍ରମ ବିଦ୍ୟାଳୟ ପ୍ରଥମ ବାର୍ଷିକ ଉତ୍ସବ



ନୀଳଗିରି, ୧୦।୩(ସଂଚାର ବ୍ୟୁରୋ): ନୀଳଗିରି ଶିକ୍ଷାଜିଲ୍ଲା ଅନ୍ତର୍ଗତ ନରଣପୁର କ୍ଲଷ୍ଟର ଅଧୀନ ବୈଷ୍ଣବବନ୍ଧ ଆଶ୍ରମରେ ଗତ ୮ତାରିଖ ଶନିବାର ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପ୍ରଥମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୁଞ୍ଜଲତା ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରାଯାଇଥିଲା।ମନ୍ତ୍ରାଉଚାରଣ ପୂର୍ବକ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁନିକୁନି ପିଲାମାନେ ମାନେ ଉଚ୍ଚାଭିଳାଷୀ ହେବା ସହିତ ବଡବଡ ସ୍ୱପ୍ନ ଦେଖି ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀ ମାନେ ସେମାନଙ୍କର ଅନ୍ତର୍ନିହିତ ଗୁଣାବଳିର ବିକାଶ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହିତ ବିଦ୍ୟାଳୟର ବିକାଶ ପାଇଁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବିଦ୍ୟାଳୟର କୃତିଛାତ୍ର ତଥା ଭାରତୀୟ ରିଜର୍ଭବ୍ୟାଙ୍କର ମହାପ୍ରବନ୍ଧକ ମଦନ ମୋହନ ମାଝୀ ଏବଂ ଜେଲ ଆଇ.ଜି ରଘୁନାଥ ମାଝୀ ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଛାତ୍ରଜୀବନର ଅନୁଭୂତି ସହ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ନରଣପୁର ପଞ୍ଚାୟତର ସରପଞ୍ଚ ଦିପ୍ତିମୟୀ ସିଂ, ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇ ଜଙ୍ଗଲ ପରିବେଷ୍ଟିତ ଏଭଳି ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉତ୍କୃଷ୍ଟ ବୋଲି ଅଭିହିତ କରିଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବିଙ୍ଝାରପୁର,୧୦।୩(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ଯାଜପୁର ସିଂହ ପୁର ମୁଖ୍ୟ ରାସ୍ତା ର ମଇନ୍ଦା ଛକ ନିକଟ ରେ ଟ୍ରକ୍ ଧକ୍କାରେ ଯୁବକ ଙ୍କ ମୃତ୍ୟୁ। ମୃତ ଯୁବକ ଜଣଙ୍କ ହେଉଛନ୍ତି ଅରେଇ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଗୋବିନ୍ଦ ପରିଡ଼ାଙ୍କ ସାନ ପୁ (୪୫) ଅବିନାଶ ପରିଡ଼ା। ଅବିନାଶ ଙ୍କ ଘଟଣା ସ୍ଥଳ ରେ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣା ସ୍ଥଳ ରୁ ଫେରାର ହୋଇଯାଇଛି। ବିଂଝାରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଥିବା ଜଣା ପଡ଼ିଛି।ମୃତ ଯୁବକ ଜଣଙ୍କ ବିଙ୍ଝାରପୁର ପଶୁ ଚିକିତ୍ସାଳୟ ଅଧିନରେ ଗୋସେବକ ଭାବେ କାର୍ଯ୍ୟରତ ଥିଲେ।

## ଗ୍ୟାସ ବିତରଣ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ, ବର୍ତ୍ତିଲା ଦୋକାନଘର

ନୀଳଗିରି,୧୦।୩(ସଂଚାର ବ୍ୟୁରୋ): ନୀଳଗିରି ସହରର ମଧ୍ୟସ୍ଥଳୀରେ ଥିବା ଭାରତଗ୍ୟାସ କାର୍ଯ୍ୟାଳୟର ଉପର ମହଲାରେ କୌଣସି କାରଣରୁ ନିଆଁ ଲାଗିଯିବା ଫଳରେ ସହର ମଧ୍ୟରେ ଭୟର ବାତାବରଣ ଦେଖାଦେଇଥିଲା। ସୂଚନା ଅନୁଯାୟୀ ପୂର୍ବାହ୍ନ ପ୍ରାୟ ୮ଟା ସମୟରେ ନୀଳଗିରି ଲକ୍ଷ୍ମୀ ଭାରତଗ୍ୟାସ କାର୍ଯ୍ୟାଳୟର ଉପର ମହଲାରେ ସ୍ଥାନୀୟ ଦୋକାନୀ ଧୂଆଁ ବାହାରୁଥିବାର ଦେଖିବାକୁ ପାଇଥିଲେ। ତୁରନ୍ତ ଅଗ୍ନିଶମବିଭାଗକୁ ଖବର ଦେଲାପରେ ଅଗ୍ନିଶମବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉପରମହଲାର ଠାକୁରଘରେ ଦୀପ ଲଗାଯାଇଥିବା ବେଳେ ନିକଟରେ ଥିବା ଠାକୁର ଖଟୁଲିରେ ନିଆଁ ଲାଗିଯିବାରୁ ନିଆଁ ସମଗ୍ର ଘରର ଆସବାବ ପତ୍ର ଓ ସାମଗ୍ରୀ ଜଳି ବାହାରକୁ ଧୂଆଁ ଦେଖାଯାଇଥିଲା। ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଥିବାରୁ ଏକ ବଡ ଅଘଟଣକୁ ଏଡ଼ାଇ ଦିଆଯାଇଛି। ତେବେ ଉକ୍ତ ଗ୍ୟାସ କାର୍ଯ୍ୟାଳୟରେ ଖାଲିଟାଙ୍କି, ପୂର୍ଣ୍ଣଟାଙ୍କି ରହିବା ସହିତ ଅଧିକାଂଶ ସମୟରେ ଗ୍ୟାସ ଫିଲିଙ୍ଗ ହେଉଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



# ସିନେମା



## ନିର୍ଦ୍ଦେଶକଙ୍କ ପସନ୍ଦ ଥିଲେ ଉତ୍ତମ

ଓଲିଉଡ୍ ସୁପରଷ୍ଟାର୍ ଉତ୍ତମ ମହାନ୍ତିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଅଭିମାନ'। ସଂଯୋଗବଶତଃ ପ୍ରଖ୍ୟାତ ନିର୍ଦ୍ଦେଶକ ସାଧୁ ମେହେର ମଧ ଏହି ସିନେମା ଜରିଆରେ ଓଡ଼ିଆ ସିନେଜଗତରେ ପ୍ରବେଶ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ଅନ୍ୟତମ ସୁପ୍ରସିଦ୍ଧ ନିର୍ଦ୍ଦେଶକ ମହମ୍ମଦ ମହସୀନ ମଧ ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି 'ଫୁଲ ଚନ୍ଦନ'ରେ ନାୟକ ଭାବେ ଉତ୍ତମଙ୍କୁ ଚୟନ କରିଥିଲେ। ଏହା ସୁପରହିଟ୍ ହୋଇଥିଲା। ଅନ୍ୟତମ ବିଖ୍ୟାତ ନିର୍ଦ୍ଦେଶକ ଗୋବିନ୍ଦ ତେଜଙ୍କ ପ୍ରଥମ ସିନେମା 'ରାମାୟଣ'ରେ ବି ରାମ ଭୂମିକାରେ ନଜର ଆସିଥିଲେ ଉତ୍ତମ।

ଓଲିଉଡ୍‌ର ଦୁଇ ଅଲ୍‌ରାଉଣ୍ଡର୍ ରାଜୁ ମିଶ୍ର ଓ ଅରୁଣ ମହାନ୍ତିଙ୍କ ପ୍ରଥମ ସିନେମା ଯଥାକ୍ରମେ 'ଯୋର୍ ଯା'ର ମୁଲକ ତା'ର' ଓ 'କନ୍ୟାଦାନ'ରେ ମଧ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଉତ୍ତମ। ତେଣେ ପ୍ରଥମ କରି ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇ ପ୍ରଫୁଲ୍ଲ ରଥ 'ପଳାତକ' ନାଁରେ ଯେଉଁ ସିନେମା ନିର୍ମାଣ କରିଥିଲେ, ସେଥିରେ ବି ନାୟକ ଥିଲେ ଉତ୍ତମ ମହାନ୍ତି। ଲୋକପ୍ରିୟ ହାସ୍ୟାଭିନେତା ରାଧା ପଣ୍ଡା ନିର୍ଦ୍ଦେଶକ ସାଜି ଉତ୍ତମ ମହାନ୍ତିଙ୍କୁ ଶୀର୍ଷକ ଭୂମିକାରେ ନେଇ 'ଭକ୍ତ ସାଲବେଗ' ନିର୍ମାଣ କରିଥିଲେ। ଆଉ ଏଥିରେ ଉତ୍ତମ ବି ଚମତ୍କାର ଅଭିନୟ କରି ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁଥିଲେ।

ଏଣେ ନିର୍ଦ୍ଦେଶକ ଭାବେ ଅମୀୟ ପଟ୍ଟନାୟକଙ୍କ ପ୍ରଥମ ଛବି 'ମମତା ମାଗେ ମୂଲ'ର ଅନ୍ୟତମ ନାୟକ ଥିଲେ ଉତ୍ତମ। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା 'ଦଇବ ଦଉଡ଼ି'ରେ ବି ନାୟକ ଭୂମିକାରେ ଉତ୍ତମ ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା। ଠିକ୍ ସେହିପରି ଜଣାଶୁଣା ନିର୍ଦ୍ଦେଶକ ସଂଗ୍ରାମ ବିଶ୍ୱାଳଙ୍କ ପ୍ରଥମ ଓଡ଼ିଆ ଛବି 'ରଖିଲେ ଶିବ ମାରିବ କିଏ'ର ନାୟକ ଥିଲେ ସେ। ଜେ.ଏଚ୍. ସତ୍ତାରଙ୍କ ପ୍ରଥମ ଓଡ଼ିଆ ଫିଲ୍ମ 'ଆରତୀ'ରେ ଉତ୍ତମ ମହାନ୍ତି ନାୟକ ଭୂମିକା ନିଭାଇଥିଲେ। ପ୍ରଶାନ୍ତ ନନ୍ଦଙ୍କ ସହଯୋଗୀରୁ ନିର୍ଦ୍ଦେଶକ ହୋଇଥିବା ଶିଶିର ମୋହନ ପତିଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମା 'ପଞ୍ଚୁପାଣ୍ଡବ'ରେ ବି ଅନ୍ୟତମ ନାୟକ ଥିଲେ ଉତ୍ତମ।

୩୫ ବର୍ଷ ଧରି ସକ୍ରିୟ ଥିବା ଖ୍ୟାତନାମା ନିର୍ଦ୍ଦେଶକ ବସନ୍ତ ସାହୁଙ୍କ ପ୍ରଥମ ଓଡ଼ିଆ ଛବି 'କି ହେବ ଶୁଆ ପୋଷିଲେ'ରେ ବି ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଉତ୍ତମ। ଅସୀମ କୁମାରଙ୍କ ନିର୍ଦ୍ଦେଶିତ ଏକମାତ୍ର ଓଡ଼ିଆ ଛବି 'ଯାହାକୁ ରଖିବେ ଅନନ୍ତ'ରେ ଭିନ୍ନ ଶୈଳୀରେ ଅଭିନୟ କରି ଉତ୍ତମ ମହାନ୍ତି ବେଶ୍ ଚର୍ଚ୍ଚିତ ହୋଇଥିଲେ। ତେଣେ ନିର୍ଦ୍ଦେଶକ ଅଶୋକ ଶର୍ମାଙ୍କ ପ୍ରଥମ ସିନେମା 'ଅନ୍ୟାୟ ସହିବି ନାହିଁ'ରେ ବି ଉତ୍ତମଙ୍କୁ ନାୟକ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ। ରାକେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଏକମାତ୍ର ଓଡ଼ିଆ ସିନେମା 'ଦାଦାଗିରି' ଓ ରଜତ ପାଇକରାୟଙ୍କ ନିର୍ଦ୍ଦେଶିତ 'କାଳଚକ୍ର'ରେ ବି ନାୟକ ସାଜିଥିଲେ ଉତ୍ତମ। ଉଦୟଶଙ୍କର ପାଣିଙ୍କ ନିର୍ଦ୍ଦେଶିତ 'ମିଛ ମାୟା ସଂସାର'ରେ ନାୟକ ବନିଥିଲେ ଉତ୍ତମ ମହାନ୍ତି। ଜଣାଶୁଣା ଅଭିନେତା ଚକ୍ରପାଣି ନିର୍ଦ୍ଦେଶକ ସାଜି 'ସେଇ ଝିଅଟି' ସିନେମା ନିର୍ମାଣ କରିଥିଲେ ଓ ଅନ୍ୟତମ ନାୟକ ଭୂମିକାରେ ଉତ୍ତମଙ୍କୁ ଚୟନ କରିଥିଲେ। ସେହିପରି ଆଉ କେତେକ ନିର୍ଦ୍ଦେଶକଙ୍କର ପ୍ରଥମ ଓଡ଼ିଆ ଛବିରେ ମଧ ନାୟକ ଭୂମିକା ନିଭାଇଥିଲେ ଉତ୍ତମ ମହାନ୍ତି।

## ଅଙ୍କିତଙ୍କ ଅଟକିଥିବା ସିନେମା



ଓଲିଉଡ୍ ନାୟକ ଅଙ୍କିତ କୁମାରଙ୍କୁ ଦର୍ଶକ ଇତିମଧରେ ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଭୋକ' ଓ 'ମାୟା ଦର୍ପଣ', ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ଦୃଷ୍ଟିକୋଣ', ଶୈଳେନ୍ଦ୍ର ପରିଡ଼ାଙ୍କ ନିର୍ଦ୍ଦେଶିତ 'ସିନ୍ଦୂର', ସଞ୍ଜୟ ଘୋଷଙ୍କ ନିର୍ଦ୍ଦେଶିତ 'ପ୍ରତ୍ୟାଘାତ' ଓ ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ଡଟ୍‌ପେନ୍' ଆଦି ଓଡ଼ିଆ ଛବିରେ ଦେଖିସାରିଛନ୍ତି। ଏବେ ବି ତାଙ୍କର ଅଭିନୀତ କେତୋଟି ସିନେମା ମୁକ୍ତି ପ୍ରତୀକ୍ଷାରେ ରହିଛି। ଏଥିମଧରେ ରହିଛି ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ପାଦେ ଆକାଶ', ପପୁ ରାଉତଙ୍କ ନିର୍ଦ୍ଦେଶିତ 'ତୋ ବିନା ମୋ ଜୀବନ ଅଧୁରା', ଭାରତ ପୁଷ୍ପରାଗଙ୍କ 'ଦର୍ପଣ' ଏବଂ ଅଭିଷେକଙ୍କ ନିର୍ଦ୍ଦେଶିତ 'ଜୟହିନ୍ଦ୍'।

ହେଲେ ଆପଣ କ'ଣ ଜାଣନ୍ତି କି ଅଙ୍କିତ କୁମାରଙ୍କ କେତୋଟି ଓଡ଼ିଆ ସିନେମା ଅଟକି ରହିଛି? ଏଥିମଧରୁ ପ୍ରଥମଟି ହେଲା ତାଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଛବି 'ପାଗଳ ମୁଁ ତୋ ପାଇଁ'। ଏନ୍. ପାଢ଼ୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଲଭଲି ଲିଲି ଥିଲେ ତାଙ୍କ ନାୟିକା ଭୂମିକାରେ। ଫିଲ୍ମର ସେନ୍‌ସର୍ ସରିଥିଲେ ବି ତାହା ଏଯାଏ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିନାହିଁ।

ତେଣେ ତାଙ୍କ ଅଭିନୀତ ଅନ୍ୟ ଏକ ସିନେମା 'ଏସ୍‌ଏମ୍‌ଏସ୍'ର ୮୦ ପ୍ରତିଶତ ସୁଟିଂ ସରିଛି, ମାତ୍ର ଅବଶିଷ୍ଟ ସୁଟିଂ ହୋଇପାରି ନ ଥିବା ହେତୁ ପାଖାପାଖି ବର୍ଷେ ହେବ ଅଧାରେ ଅଟକିଛି। ଏହି ସିନେମାର ନିର୍ଦ୍ଦେଶକ ହେଲେ ଏସ୍. କେ. ମୁରଲୀଧରନ୍। ଏଥିରେ ନବାଗତା ପୂଜାଙ୍କୁ ନାୟିକା ଭୂମିକାରେ ନିଆଯାଇଥିଲା। ତେଣେ ବହୁ ବର୍ଷ ହେବ ଅଶ୍ୱିନୀ ଗଡ଼ନାୟକଙ୍କ ନିର୍ଦ୍ଦେଶିତ 'କୃଷ୍ଣଲୀଳା' ରିଲିଜ୍ ଅପେକ୍ଷାରେ ରହିଛି। ଏଥିରେ ଅମ୍ଲାନଙ୍କ ସହ ଅନ୍ୟତମ ନାୟକ ଭୂମିକାରେ ଥିଲେ ଅଙ୍କିତ କୁମାର।

## ଜଲିଉଡର ଖଳନାୟକ କାହ୍ନା



ବର ଚର୍ଚ୍ଚିତ ଯୁବ ଖଳନାୟକଙ୍କ ମଧରେ କାହ୍ନା ଅନ୍ୟତମ। କାହ୍ନା ୨୦୦୬ ମସିହାରେ ଶିବାନୀ ଗଣନାଟ୍ୟରେ ଯୋଗ ଦେଇଥିଲେ। ପରେ ପରେ ଇଷ୍ଟର୍ଣ୍ଣ ବ୍ଲୁ, ମଞ୍ଜରୀ ଓ ପାର୍ବତୀ ଗଣନାଟ୍ୟରେ ଅଭିନୟ କରି ଚଳିତ ବର୍ଷ ଯାତ୍ରା ସିଂହବାହିନୀରେ ଅଭିନୟ କରୁଛନ୍ତି। ତାଙ୍କର ସଫଳ ନାଟକ ମଧରେ ରହିଛି 'ଛତା ଚିହ୍ନରେ ଭୋଟ ଦିଅ','ରାଜଧାନୀ ଝିଅ ରାଜନନ୍ଦିନୀ', 'ରାମ ବନବାସ କାହାଣୀ ଶେଷ', 'ରଙ୍ଗିଲା ରାଧିକା ରଜନୀଗନ୍ଧା', 'ରୂପ ରାଇଜର ରୂପ ସୁନ୍ଦରୀ', 'ରଙ୍ଗ ଲଗେଇଛି ରଙ୍ଗ ନଗରୀ', 'ଆଖି ତୋର ଲୁହ ମୋର', 'ଗାନ୍ଧୀ ଭୂମିକାରେ କହ୍ନେଇ ଦାଶ', 'ପାକିସ୍ତାନ ଝିଅ ଭାରତ ବୋହୂ' ଇତ୍ୟାଦି। ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ, ବିନୋଦ ରାଉତ, ଆଶୁତୋଷ ମହାପାତ୍ର, ଲାଲା ବୀରେନ୍ ରାୟଙ୍କ ନିର୍ଦ୍ଦେଶନା ଓ ପ୍ରଚେଷ୍ଟାରେ ଏତେ ବାଟ ଆସିଥିବା ସ୍ୱୀକାର କରନ୍ତି କାହ୍ନା। ଚଳିତ ବର୍ଷ ଓଡ଼ିଶାର ନୂଆ ଅନୁଷ୍ଠାନ ଯାତ୍ରା ସିଂହବାହିନୀରେ ସେ 'ବଡ଼ ବେଦରଦୀ କଳା ସାଆନ୍ତ', 'ସବୁ ପ୍ରେମ ଗଳ୍ପ ଅଧାରୁ ସରେ', 'ରହିଯା ସାଥୀ ରାତିକ ପାଇଁ'ରେ ଅଭିନୟର କମାଲ ଦେଖାଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଯାତ୍ରାଜଗତର ଲୋକପ୍ରିୟ ନାୟିକା ଟିକି ତାଙ୍କର ସହଧର୍ମିଣୀ। ଅନେକ ସମୟରେ ଖଳନାୟକର ଅଭିନୟ ଦେଖି ଯାତ୍ରା ମଞ୍ଚକୁ ଦର୍ଶକମାନେ ପାଣି ବୋତଲ ଓ ଚେୟାର୍ ଫୋପାଡ଼ିଥାନ୍ତି। ଏହାଦ୍ୱାରା ବେଳେବେଳେ କଳାକାର ଆହତ ହେଉଛନ୍ତି। ଏହାକୁ ନେଇ ସେ କହିଛନ୍ତି, ''ଆମେ ନାଟକର ଆବଶ୍ୟକତା ଅନୁଯାୟୀ ଅଭିନୟ କରୁଛୁ, ଏଥିରେ ଉତ୍ତ୍ୟକ୍ତ ହେବାର ଆବଶ୍ୟକତା ନାହିଁ। ନାଟକ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଦେଖନ୍ତୁ, କାହାଣୀକୁ ବୁଝନ୍ତୁ। ସମାଜ ପାଇଁ ବାର୍ତ୍ତା କ'ଣ ଅଛି ତାହା ଗ୍ରହଣ କରନ୍ତୁ।''

## ଦୁଇ ହାତରେ ଘଣ୍ଟା ପିନ୍ଧି ଟ୍ରୋଲ୍ ହେଲେ ଅଭିଷେକ



ବେ ବ୍ୟକ୍ତିଗତ ତ କେବେ ବୃତ୍ତିଗତ କାରଣକୁ ନେଇ ଚର୍ଚ୍ଚାରେ ରହିଥାନ୍ତି ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ। ନିକଟରେ ସେ ତାଙ୍କ ଦୁଇ ହାତରେ ପିନ୍ଧିଥିବା ଘଣ୍ଟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆପଣ ପୂର୍ବରୁ କେବେ କାହାକୁ ଦୁଇଟି ଯାକ ହାତରେ ଘଣ୍ଟା ପିନ୍ଧିବାର ଦେଖିଛନ୍ତି କି? ଏଭଳି ଏକ ଦୃଶ୍ୟ ଜୁନିଅର ବଚ୍ଚନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏକ ଭିଡିଓରେ ସେ ଦୁଇଟି ହାତରେ ଘଡ଼ି ପିନ୍ଧିଥିବାର ନଜର ଆସିଛନ୍ତି। ଅଭିଷେକ ଯେତେବେଳେ ତାଙ୍କର ଦୁଇଟି ହାତକୁ ଯୋଡ଼ି ନମସ୍କାର କରିଛନ୍ତି ତ ଦୁଇ ହାତରେ ଥିବା ଦୁଇଟି ଘଣ୍ଟା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହାକୁ ନେଇ ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ ନିଜ ନିଜ ଅନୁସାରେ ମତ ରଖିଛନ୍ତି। ଗୋଟାଏ ହାତରେ ଘଣ୍ଟା ମାଆ ବାନ୍ଧିଥିବେ ଓ ଅନ୍ୟ ହାତରେ ପତ୍ନୀ ବାନ୍ଧିଥିବେ ବୋଲି କହି ପ୍ରଶଂସକମାନେ ଥଟ୍ଟା କରିବା ଆରମ୍ଭ କରିଛନ୍ତି। କେବଳ ଏତିକି ନୁହେଁ; କେତେକ ବ୍ୟବହାରକାରୀ ସଂପୂର୍ଣ୍ଣ ଭିନ୍ନ ମନ୍ତବ୍ୟ ବି ଦେଇଛନ୍ତି। ଜଣେ ବ୍ୟବହାରକାରୀ ଲେଖିଛନ୍ତି, ''ସମୟର କିବା ଭରସା?'' ସେହିପରି ଅନ୍ୟ ଜଣେ ଲେଖିଛନ୍ତି, ''ଦୁଇ ଦୁଇଟି ଘଣ୍ଟା; ତା'ପରେ ବି ସମୟ ଖରାପ ଚାଲୁଛି।''

ତେବେ ବହୁ ସଂଖ୍ୟକ ବ୍ୟବହାରକାରୀ ଅଭିଷେକଙ୍କର ପ୍ରଶଂସା ମଧ କରିଛନ୍ତି। ଅଭିଷେକ ଜଣେ ଉଚ୍ଚକୋଟିର ଅଭିନେତା ବୋଲି ପ୍ରଶଂସକମାନେ ମତ ରଖିଛନ୍ତି।

## ରାତାରାତି ଷ୍ଟାର୍ ହେଲେ କୟାଦୁ!



ଆଜିକାଲିକା ସମୟରେ କିଏ କେତେବେଳେ ଲୋକଙ୍କ ପ୍ରିୟ ପାଲଟିଯିବ ତାହା ସହଜରେ ଆକଳନ କରିହେବ ନାହିଁ। ନିକଟରେ ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟିଛନ୍ତି ତାମିଲ୍ ଫିଲ୍ମ 'ଡ୍ରାଗନ୍'ର ଅଭିନେତ୍ରୀ କୟାଦୁ ଲୋହର। ତାଙ୍କ ଫିଲ୍ମ ରିଲିଜ୍ ହେବା ପରେ ପରେ ହିଁ ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେ ଏବେ ଭାଇରାଲ୍ ଗାର୍ଲ ପାଲଟି ଯାଇଛନ୍ତି। ବର୍ଷ ବର୍ଷ ଧରି ସିନେମା ଶିଳ୍ପରେ ଜଡ଼ିତ ହୋଇ ରହିଥିଲେ ବି ଏହି ସିନେମାଟି ତାଙ୍କୁ ଷ୍ଟାର୍ ପରିଚୟ ପ୍ରଦାନ କରିଛି। ଏହି ସିନେମାରେ ନଜର ଆସିବା ପରେ ହିଁ କୟାଦୁଙ୍କ ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱକୁ ନେଇ ଚର୍ଚ୍ଚା ଜାରିରହିଛି। ସେ ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି ବୋଲି କହିଲେ ଭୁଲ୍ ହେବ ନାହିଁ। କାରଣ 'ଡ୍ରାଗନ୍'ର ଭୂମିକା ପାଇଁ ତାଙ୍କୁ ଭୂରି ଭୂରି ପ୍ରଶଂସା କରାଯାଉଛି। କୟାଦୁ ଜଣେ ବାଣିଜ୍ୟ ଛାତ୍ରୀ। ସେ ମଡେଲିଂରୁ ନିଜ କ୍ୟାରିୟର୍ ଆରମ୍ଭ କରିଛନ୍ତି। ଅଳଙ୍କାର ଓ ସୌନ୍ଦର୍ଯ୍ୟ ସାମଗ୍ରୀର ପ୍ରମୋସନ୍ ସହ ସେ ନିଜର ଗ୍ଲାମର୍ କ୍ୟାରିୟରର ମୂଳଦୁଆ ପକାଇଥିଲେ। ୨୦୨୧ ମସିହାରେ ଏକ କନ୍ନଡ଼ ଫିଲ୍ମ ଜରିଆରେ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ କୟାଦୁ। ସେ ମାଲୟାଲମ୍, ମରାଠୀ, ତାମିଲ୍ ଓ ତେଲୁଗୁ ଆଦି ଭାଷାର ସିନେମାରେ କାମ କରିଛନ୍ତି। ମାତ୍ର ଏହା ପୂର୍ବରୁ କେଉଁ ବି ସିନେମାରେ ତାଙ୍କୁ ଏଭଳି ଗ୍ରହଣୀୟତା ମିଳି ନଥିଲା।

## ଅଶୋକ ପତିଙ୍କ 'ମୁଁ ତତେ ଭଲପାଏ'





ଓଲିଉଡ୍‌ର ଅନ୍ୟତମ ସଫଳ ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏକ ସିନେମାର କାମ ପ୍ରାୟ ୫ ବର୍ଷ ତଳେ ଶେଷ ହୋଇଥିବା ବେଳେ ତାହା ଏ ଯାଏ ମୁକ୍ତିଲାଭ କରିନାହିଁ। ରବିନାରାୟଣ ଦାଶଙ୍କ ପ୍ରଯୋଜିତ 'ମୁଁ ତତେ ଭଲପାଏ' ଶୀର୍ଷକରେ ନିର୍ମିତ ଏହି ସିନେମାରେ ନବାଗତ ଶଶିକାନ୍ତଙ୍କୁ ନାୟକ ଭାବେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ବିପକ୍ଷରେ ଅଛନ୍ତି ବଙ୍ଗୀୟ ନାୟିକା ଅପର୍ଣ୍ଣା। ମିହିର ଦାସ, ପପୁ ପମ୍‌ପମ୍ ଓ ଜୀବନ ପଣ୍ଡା ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଶକ୍ତି ବରାଳ ଫିଲ୍ମର ସଂଳାପକାର ହୋଇଥିବା ବେଳେ ଡକ୍ଟର ନିର୍ମଳ ନାୟକ ଓ ବାପୁ ଗୋସ୍ୱାମୀ ଗୀତ ରଚନା କରିଛନ୍ତି। ଗୁଡୁଲି ରଥ ଏହାର ସଙ୍ଗୀତ ନିର୍ଦ୍ଦେଶକ। ସୂଚନା ଅନୁଯାୟୀ, 'ମୁଁ ତତେ ଭଲପାଏ'ର ସୁଟିଂ ସରିବା ସହ ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା ବେଳେ ଏହାର ରିଲିଜ ବିଳମ୍ବିତ ହୋଇଛି। ସିନେମାଟି କେବେ ପରଦାକୁ ଆସିବ ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଫିଲ୍ମର ନାୟକ ଶଶିକାନ୍ତ କହନ୍ତି, ''ମୁଁ ଏହାର ରିଲିଜକୁ ଅପେକ୍ଷା କରିଛି। ଏହି ସିନେମାର ସୁଟିଂ ବେଳେ ମୋ ନିକଟକୁ ୩/୪ଟି ଓଡ଼ିଆ ଫିଲ୍ମର ଅଫର୍ ଆସିଥିଲେ ବି କେବଳ 'ମୁଁ ତତେ ଭଲପାଏ'କୁ ଅପେକ୍ଷା କରି ସେସବୁକୁ ହାତଛଡ଼ା କରିଥିଲି। ରିଲିଜ୍ ଲାଗି ପଦକ୍ଷେପ ନେବାକୁ ପ୍ରଯୋଜକଙ୍କୁ ଅନୁରୋଧ।''

## 'ଶାଶୂ ନୁହେଁ ସେ ସୁନାମୀ ଝଡ଼'



ଚଳିତ ମାସ ୯ ତାରିଖରୁ ଜୀ-ସାର୍ଥକରେ ପ୍ରସାରିତ ହେଉଛି ଟେଲିସିନେମା 'ଶାଶୂ ନୁହେଁ ସେ ସୁନାମୀ ଝଡ଼'। ଏହାର ସଂକ୍ଷିପ୍ତ କଥାବସ୍ତୁ ଏହିପରି- କୋକିଳା ସ୍ୱଭାବରେ ଜଣେ କଠୋର ମହିଳା। ତାଙ୍କ ତିନି ପୁଅ ଅଜୟ, ବିଜୟ ଓ ସଞ୍ଜୟ ଏବଂ ତିନି ବୋହୂ ହେଉଛନ୍ତି ଅନୀତା, କବିତା ଓ ସ୍ମିତା। ସଞ୍ଜୟ ଜୀବନର ଏକ ମୋଡ଼ରେ ସ୍ମିତାଙ୍କୁ ଭେଟନ୍ତି ଓ ବିବାହ କରନ୍ତି। ସ୍ମିତା ସ୍ୱଭାବରେ ଉତ୍ସାହୀ ଓ ମହତ୍ତ୍ୱାକାଂକ୍ଷୀ। ବିବାହ ପରେ କିନ୍ତୁ ଶାଶୂ କୋକିଳାଙ୍କ ସହ ତାଙ୍କର ପଡ଼େନାହିଁ। ଫଳରେ ପରିବାରରେ ଉତ୍ତେଜନା ସୃଷ୍ଟି ହୁଏ। ସମୟ ସହିତ କାହାଣୀ ମୋଡ଼ ବଦଳାଏ ଯେବେ ଜଣେ ସାଧୁ ସ୍ମିତାଙ୍କୁ ନିଜର ଇଚ୍ଛା ପୂରଣ କରୁଥିବା ଏକ ଶକ୍ତି ଦିଅନ୍ତି। ହେଲେ ଏହାର ପ୍ରଭାବ କ'ଣ ହୁଏ? ଏଥିରେ ଶାଶୂଙ୍କର ପରିବର୍ତ୍ତନ ହୁଏ କି? କାହାଣୀରେ କିଛି ନୂଆ ଘଟିବ କି? ଏମିତି ବହୁ ପ୍ରଶ୍ନର ଉତ୍ତର ସିନେମାର ଶେଷରେ ଦେଖିବାକୁ ମିଳିବ। 'ଶାଶୂ ନୁହେଁ ସେ ସୁନାମୀ ଝଡ଼'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଙ୍କିତ କୁମାର ଓ ମିତାଲି ସରଘରିଆ। କ୍ଷୀରୋଦ ପଟ୍ଟନାୟକ ଏହାର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ହେଲେ ମନୋଜ ସିହ୍ନା। ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ ଏହାର ଏହାର ଗୀତଗୁଡ଼ିକୁ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ। ସ୍ୱୟଂ ପାଢ଼ୀ, ଅନ୍ତରା ଓ ଅର୍ପିତା ଫିଲ୍ମରେ କଣ୍ଠଦାନ କରିଛନ୍ତି।

# ଗୋଲାପ ଚାଷ ଦେଖିଲେ କେନ୍ଦ୍ରୀୟ ଟିମ୍



**ରାମନଗୁଡ଼ା,୧୦।୩ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ଅଭିଯାନର ଏକ ଟିମ୍ ସୋମବାର ରାୟଗଡ଼ା ଜଲା ରାମନଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ପ୍ରଥମେ ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାରାଶିଖି ପଞ୍ଚାୟତ ଅଧୀନରେ ଥିବା ଖାମ୍ପାଗୁଡ଼ାରେ ଘରଗାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଏକ ଏକର ଜମିରେ ଚାଷ ହୋଇଥିବା ଗୋଲାପ ବଗିଚା ପରିଦର୍ଶନ କରିଥିଲେ। ଟିମ୍‌ର ସଦସ୍ୟମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଗୋଲାପ ଚାଷ ଓ ଜଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରାମନଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ପ୍ରଚେଷ୍ଟା ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗତ ବର୍ଷ ଅଗଷ୍ଟ ମାସରେ ଏଠାରେ ଏକ ଏକର ପରିମିତ ଜମିରେ ୧୩୦୦୦ ଗୋଲାପ ଚାରା ରୋପଣ କରାଯାଇଥିଲା। ଉଦ୍ୟାନ ବିଭାଗ ସହାୟତାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ବୁନ୍ଦା ଜଳସେଚନ ମାଧ୍ୟମରେ ଏହି ଗୋଲାପ ଚାଷ କରାଯାଉଛି। ଏଭଳି ଉନ୍ନତମାନର ଜ୍ଞାନକୌଶଳ ମାଧ୍ୟମରେ ଗୋଲାପ ଚାଷ ଦେଖି କେନ୍ଦ୍ରୀୟ ଟିମ୍ ଖୁସି ବ୍ୟକ୍ତ କରିଥିଲେ। ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ଟିମ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ଷଣ୍ମୁଖୀ ପାତ୍ର, ଭାରପ୍ରାପ୍ତ ବିପିଏମ୍ ସନ୍ତୋଷ ରଥ, ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ଏମ୍ ସୁଚିତ୍ରା, ଅକ୍ଷୟ କୁମାର ପଣ୍ଡା ଓ ସ୍ଥାନୀୟ ସିଆର୍‌ପି, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ସେତୁ ମରାମତି ନିମ୍ନମାନର, ସାଧାରଣରେ ଅସନ୍ତୋଷ

**କଣାସ,୧୦।୩ (ସଂଚାର ବ୍ୟୁରୋ):** କଣାସ ଠାରୁ ଜଙ୍ଖିଆ ନିକଟରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବୋଲଡା ନିକଟରେ ଦୟାନଦୀ ଉପରେ ଥିବା ସେତୁ ର ଉପର ଅଂଶରୁ କଂକ୍ରିଟ ଛାଡି ଲୁହା ରଡମାନ ଦେଖାଯାଉଥିବାରୁ ବିଭିନ୍ନ ସମ୍ବାଦ ପତ୍ରରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ସେତୁ ଉପରେ ତାଳିପକା କାମ ଚାଲିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାର୍ଯ୍ୟ ଚାଲିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ରହୁନଥିବାରୁ ନିମ୍ନମାନର ସିମେଣ୍ଟ ଓ ନିମ୍ନମାନର ବାଲି ବ୍ୟବହାର କରାଯାଇ ଦୁଇ ଇଞ୍ଚର ଉଚ୍ଚାରେ କଂକ୍ରିଟ ଢାଳାଇ ପଡୁଥିବାରୁ ତାହା ବେଶି ଦିନ ରହିବ ନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ କହନ୍ତି ଆମର କାମ ଦେଖିବା ପାଇଁ କୌଣସି ଷ୍ଟାଫ ନାହାନ୍ତି। ସୂଚନା ଥାଉକି ବିଭାଗର କର୍ମଚାରୀ ନଥିବାରୁ ଠିକାଦାରଙ୍କ ମନମାନୀରେ ଚାଲିଛି କାମ।



# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

● ୩୮ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୦।୩ (ସଂଚାର ବ୍ୟୁରୋ ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ପ୍ରମୁଖ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୪ ଗୋଟି ଗ୍ରହଣ କରାଯାଇଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୦୨ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ୨ଗୋଟି ରେଡକ୍ରସ ଫଣ୍ଡରୁ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ , ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ୩୦ ବର୍ଷ ପରେ ଆରମ୍ଭ ହେଲା ବରୁଣେଶ୍ୱର ମେଳଣ



**ବିଞ୍ଝାରପୁର,୧୦।୩(ସଂଚାର ବ୍ୟୁରୋ):** ପାଖା ପାଖି ଦୀର୍ଘ ତିରିଶି ବର୍ଷ ରୁ ଉର୍ଦ୍ଧ ବ୍ୟବଧାନ ପରେ ପୁଣି ଆରମ୍ଭ ହୋଇଛି ବାବା ବରୁଣେଶ୍ୱର ମେଳଣ। ବରୁଣେଶ୍ୱର ଙ୍କ ଆଶ୍ରୀବାଦ ନେଇ ବରୁଣେଶ୍ୱର ଅଞ୍ଚଳ ର ବୁଦ୍ଧିଜୀବି ଯୁବକ ମାନେ ଏକତ୍ରିତ ହୋଇ ବନ୍ଦ ହୋଇ ହୋଇ ଯାଇଥିବା ଓଡ଼ିଆ ସଂସ୍କୃତି ର ଏହି ବରୁଣେଶ୍ୱର ମେଳନ କୁ ପୁନର୍ବାର ଆରମ୍ଭ କରିଛନ୍ତି। ସନ୍ଧ୍ୟା ରେ ତପସ୍ୱିନୀ ନୃତ୍ୟ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ ସହ ଶିଶୁ ମାନଙ୍କର ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା। ପ୍ରଥମେ ବାବା ବରୁଣେଶ୍ୱର ଙ୍କ ବିମାନ ମେଳନ ପଡିଆ କୁ ବିଜେ କରିବା ପରେ ବାକି ରାଧା କୃଷ୍ଣ ଙ୍କ ଆଉ ୫ ବିମାନ ପ୍ରବେଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଗୌରାଙ୍ଗ ପରିଡ଼ା, ରାଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ପରିଡ଼ା, ପ୍ରକାଶ ମିଶ୍ର, ରବୀନ୍ଦ୍ର ନାୟକ, କାର୍ତ୍ତିକ ଧଳ, ରଞ୍ଜନ ଧଳ ଙ୍କ ସମେତ ଅଞ୍ଚଳ ର ଅନେକ ବୁଦ୍ଧିଜୀବି ଓ ଯୁବପୀଢି ଏହି ମେଳନ କୁ ପରିଚାଳନା କରିଥିଲେ।

# ଜିଲ୍ଲା ଯୁବ ମହୋତ୍ସବର ୩ୟ ସନ୍ଧ୍ୟା

**ଯାଜପୁର ରୋଡ଼,୧୦।୩(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ୍ ଆନୁକୁଲ୍ୟରେ ଯାଜପୁର ଜିଲ୍ଲା ଯୁବମହୋତ୍ସବର ୩ୟ ସନ୍ଧ୍ୟା ସ୍ଥାନୀୟ ଏନ୍ ସି ହାଇସ୍କୁଲ ପଡ଼ିଆରେ ଡ଼ଃ ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସାଂସଦ ତଥା ଆଇଏନଟିୟୁସିର ସର୍ବଭାରତୀୟ ନେତା ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଫାଉଣ୍ଡେସନର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହା ଭାଇଚାରା ସୃଷ୍ଟି କରିବା ସହ ଆମ ଜିଲ୍ଲାର କଳା ସାହିତ୍ୟ ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବରେ ରାଜ୍ୟ ମହିଳା କଂଗ୍ରେସର ପ୍ରାକ୍ତନ ସଭାନେତ୍ରୀ ବନ୍ଦିତା ପରିଡ଼ା,ସମ୍ମାନିତ ଅତିଥି ଭାବେ ଅନନ୍ୟା ସାହିତ୍ୟ ସଂସଦର ସମ୍ପାଦକ ସନ୍ତାନ ନନ୍ଦ, ଫାଉଣ୍ଡେସନର କର୍ମକର୍ତ୍ତା ମୋହନ ଚରଣ ମଲ୍ଲିକ, ସୁଧାନିଧି ମହାପାତ୍ର, ଅଯୋଧ୍ୟା ଜେନା, ନିରଞ୍ଜନ ଘଡାଇ ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବର କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଦିଲ୍ଲିପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଯାଜପୁର ଜିଲ୍ଲା ବ୍ଲକ୍ ଓ ମୁନିଷପାଲିଟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଶୁଭାରମ୍ଭ ହୋଇଥିଲା। ଏହାକୁ ସମାଜସେବୀ ନରେଶ ମସକରା ଉଦ୍ଘାଟନ କରିଥିଲେ। ଦାନଗଦି ବ୍ଲକ୍ ଫୁଟବଲ କ୍ଲବ୍ ବରୀ ବ୍ଲକକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ସୁକିନ୍ଦାର ଶିବ ସୁନ୍ଦର ଫୁଟବଲ କ୍ଲବ୍ ରସୁଲପୁର ବ୍ଲକର ମହାଲକ୍ଷ୍ମୀ ଫୁଟବଲ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସଂଧ୍ୟାରେ ରସୁଲପୁର ବ୍ଲକର ପିତାମ୍ବର ତରାଇ ଓ ସାଥିମାନଙ୍କ ଘୋଡ଼ା ନାଚ, ପ୍ରଶାନ୍ତ ମହାକୁଡ଼ ଓ ସାଥୀମାନଙ୍କ ଘୁମୁରା ନାଚ, ରଞ୍ଜନ କୁମାର ଦାସ ଓ ସାଥିମାନଙ୍କ ଲଉଡ଼ି ଖେଳ ଏବଂ ସୁକିନ୍ଦା ବ୍ଲକର କଳାବିକାଶ କେନ୍ଦ୍ରର ମୁଖ୍ୟ ମନୋରଞ୍ଜନ ଦାଶଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳୀ ଦାସଙ୍କ ଓଡିଶୀ, ଗ୍ରୁପ୍ ଡ୍ୟାନ୍ସ, ଜୟଶ୍ରୀ ମହାନ୍ତଙ୍କ ସମ୍ବଲପୁରୀ, ଗ୍ରୁପ୍ ଡ୍ୟାନ୍ସର ବାରମାସୀ ତେରପର୍ବ ଓ ମୋ ଓଡିଶା ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ଦେଓ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱିନୀ ଦାସ, ବିଭୁତି ଭୁଷଣ ପାଳ, ହେମନ୍ତ ଧୀର,ପ୍ରଶାନ୍ତ ରଥ, ଶ୍ୟାମଳେନ୍ଦୁ ପାତ୍ର, ଦାମୋଦର ପଣ୍ଡା, କୈଳାସ ରାଉତ, ପଦ୍ମନାଭ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଉପ କନିଷ୍ଠ କବାଡ଼ି ପାଇଁ ୧୩ରେ ଖେଳାଳି ଚୟନ



**ଯାଜପୁର ରୋଡ଼, ୧୦।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କ୍ରିଡ଼ା ସଂସଦ ଆନୁକୂଲ୍ୟରେ ଯାଜପୁର କବାଡ଼ି ଆସୋସିଏସନ୍ ସହଯୋଗରେ ଖଣ୍ଡିତର ଖେଳ ପଡ଼ିଆଠାରେ ଚଳିତ ମାର୍ଚ୍ଚ ମାସର ୧୩ ତାରିଖ ଦିନ ୨ ଘଟିକା ସମୟରେ ଯାଜପୁର ଜିଲ୍ଲାର ଉପ-କନିଷ୍ଠ ବାଳକ ଓ ବାଳିକା ବିଭାଗର ଖେଳାଳୀ ମାନଙ୍କ ଚୟନ୍ କରାଯିବ । ଇଚ୍ଛୁକ ଖେଳାଳୀମାନେ ନିଜ ନିଜର ବୟସ ପ୍ରମାଣ ପତ୍ର ଓ ଆଧାର କାର୍ଡ଼ ସାଙ୍ଗରେ ଆଣିବାକୁ ପଡ଼ିବ । ଓଜନ ୫୫ କେ. ଜି.ରୁ କମ୍ ହୋଇଥିବ। ଆବଶ୍ୟକ ଅଧିକ ବିବରଣୀ ପାଇଁ କବାଡ଼ି ସଂପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସହିତ ଯୋଗାଯୋଗ କରିବାକୁ ସାଧାରଣ ସଂପାଦକ ଶ୍ରୀ ସମ୍ବିତ୍ ମହାନ୍ତି ଜଣାଇଛନ୍ତି ।

# ଗୋରୁ ମାଂସ ବୋଝେଇ ଟ୍ରକ ଜବତ




**ବାଲିଆପାଳ,୧୦।୩ (ସଂଚାର ବ୍ୟୁରୋ):** ବସ୍ତା ବାଲିଆପାଳ ରାସ୍ତାର ପୁଟୁରା ଛକ ନିକଟରୁ ରବିବାର ଭୋର ୫ ଟା ସମୟ ରେ ୫ ଟନ୍ ରୁ ଅଧିକ ଗୋ ମାଂସ ଥିବା ଟ୍ରକ କୁ ଜବଦ କରିଛି ସିଂଲା ପୋଲିସ।ସୁଚନା ଅନୁଯାଇ ଭଦ୍ରକ ଅଞ୍ଚଳରୁ ଗୋ ମାଂସ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଖବର ପାଇ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ୬୦ ନଂ ଜାତୀୟ ରାଜପଥ ର ବସ୍ତା ଥାନା ଗାନ୍ଧୀ ଛକ ନିକଟରେ ରାସ୍ତା ଅବରୋଧ କରି ଅଟକାଇବାକୁ ଚେଷ୍ଟା କରିଥିଲେ, ମାତ୍ର ଟ୍ରକ ଟି ରାଜପଥରେ ଯାଇ ନପାରି ବାଲିଆପାଳ ରାସ୍ତା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲା, ଟ୍ରକ ଟି ଦୃତ ଗତିରେ ଯାଉଥିବା ବେଳେ ଘନ କୁହୁଡି ଯୋଗୁଁ ପୁଟୁରା ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କା ଦେଇ ଅଟକି ଯିବାରୁ ଟ୍ରକ୍ ଛାଡ଼ି ଡ୍ରାଇଭର ଏବଂ ହେଲପର ଚମ୍ପଟ ମାରିଥିଲେ, ଖବର ପାଇ ସିଂଲା ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରକକୁ ଜବଦ କରି ଥାନାକୁ ଆଣିଛି, ତେବେ ପ୍ରତ୍ୟେକ ଦିନ ରାଜ ପଥ ଦେଇ ଶହ ଶହ ଗୋ ବୋଝେଇ ଗାଡ଼ି ଏବଂ ଗୋ ମାଂସ ବୋଝେଇ ଗାଡ଼ି ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ଧରିବାରେ ବିଫଳ ହେଉଛି, ଏହି ବେଆଇନ ଗୋ ଚାଲାଣ ବନ୍ଦ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧର ଦୃତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଲୋକେ ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତା।

# ୫ କର୍ମଚାରୀଙ୍କ ପାଇନାହାନ୍ତି ୩ମାସର ଦରମା

**କଣାସ,୧୦।୩ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ କାର୍ଯ୍ୟକରୁଥିବା ୫ ଜଣଙ୍କର କର୍ମଚାରୀଙ୍କର ସାତମାସ ହେଲା ଦରମା ମିଳିନଥିବାରୁ ସେମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା କଣାସ ବ୍ଲକରେ ନୂତନ ଭାବେ ବିଡିଓ ଯୋଗଦେଇଥିବା ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ ଅଭି ଯୋଗ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକର ପୂର୍ବତନ ବିଡିଓ ନାରାୟଣ ସାହୁ ରାଜନୈତିକ ଛକାପ'। ଯୋଗୁଁ କଣାସ ବ୍ଲକରେ ୨୮ ଗ୍ରାମପଞ୍ଚାୟତରେ ଏମ, ଜି, ଏନ, ଆର, ଇ, ଜି.ଏସ ଯୋଜନାରେ କୌଣସି କାର୍ଯ୍ୟ କରାଯାଇନଥିବାରୁ ଏହି ଯୋଜନା କଣାସ ବ୍ଲକରେ କାର୍ଯ୍ୟକରୁଥିବା ଏପିଓ, ଏସିପି, ଏନଆରଜିଏସ ଆଶିଷ୍ଟାଣ୍ଡ ଦୁଇଜଣ, ଏନଆରଜିଏସ ଇଇଓ ଙ୍କ ସମେତ ୫ ଜଣଙ୍କ ଦରମା ସାତ ମାସ ହେଲା ପିଡି ବନ୍ଦ କରିବା ପାଇଁ ନିର୍ଦ୍ଧେଶ ଦେଇଥିବାରୁ ଦରମା ବନ୍ଦ ରହିଛି। ପୂର୍ବତନ ବିଡିଓ ରାଜନୈତିକ ଛକାପ'ାରେ କାର୍ଯ୍ୟବନ୍ଦ କରିଥିବାବେଳେ ୫ ଜଣ ନିରୀହ କର୍ମଚାରୀମାନଙ୍କ ଦରମା ବନ୍ଦ ହୋଇଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଲୁହାପଥର ପରିବହନରେ ଅବ୍ୟବସ୍ଥା: ଟ୍ରକ ମାଲିକଙ୍କ ଆନ୍ଦୋଳନ

**ପାଟଣା,୧୦।୩ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ କିଛିଦିନ ଧରି ବନ୍ଦ ରହିଥିବରୁ ଓଏମ୍‌ସିରୁ ଲୁହା ପଥର ପରିବହନ ବନ୍ଦରହିଛି। ଯାହାକୁ ପ୍ରତିବାଦ କରି ପାଟଣା, ତୁରୁମୁଙ୍ଗା, ଷଡ଼ଙ୍ଗୀ, କେନ୍ଦେକପଶି, ଖିରେଇଟାଙ୍ଗିରୀ ଓ ଢେଙ୍କିକୋଟ ଯୋନ୍‌ର ଗାଡି ମାଲିକମାନେ ଆନ୍ଦୋଳନକୁ ଓହ୍ଲାଇ ୪୯ ନମ୍ବର ଜାତୀୟ ରାଜପଥର ହାତୀବାରୀ ନିକଟରେ ଟ୍ରକ ଅଟକାଇ ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁସାରେ, କିଛିଟ୍ରକ୍ ମାଲିକମାନେ କେନ୍ଦୁଝର ଟ୍ରକ ମାଲିକ ସଂଘକୁ କିଛି ଦିନଧରି ବନ୍ଦ କରି ରଖିଥିବା ଯୋଗୁ ଟୋକନ ବାହାରି ପାରୁନାହିଁ। ଫଳରେ ଲୁହା ପଥର ପରିବହନ ହୋଇ ନପାରି ଟ୍ରକଗୁଡିକ ଛିଡାହୋଇ ରହିଛି।

# ସାଂସ୍କୃତିକ ପତ୍ରିକା 'ସମଧ୍ୱନି'ର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ଏକ ସାଂସ୍କୃତିକ ଆଲୋଚନା ଓ ପରିବେଶ ଭିତରେ ଓଡ଼ିଶାର ପ୍ରଗତିଶୀଳ ସାଂସ୍କୃତିକ ପତ୍ରିକା ସମଧ୍ୱନିର ୨୦ତମ ବାର୍ଷିକ ଉତ୍ସବ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀଠାରେ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଅବହେଳିତ ଲୋକ ସଂଗୀତ, କଳା ଓ ଲୋକକଳାକାର ଓ ଓଡ଼ିଶାର ଯୁବ ଛାତ୍ରଛାତ୍ରୀ, ପାଠ ଛାଡି ଗାଁରେ ରହୁଥିବା ପିଲାମାନଙ୍କୁ ନେଇ ଗାଁ'ର ସଂସ୍କୃତି ଓ ଇତିହାସର ସଂରକ୍ଷଣ ଓ ପୁନଃଜାଗରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ହୋଇଥିଲା। ସମଧ୍ୱନି ସାଂସ୍କୃତିକ ସଂଗଠନର ଅଧ୍ୟକ୍ଷ ତଥା ସମଧ୍ୱନି ପତ୍ରିକାର ସମ୍ପାଦକ ସ୍ୱୟଂପ୍ରଭା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମଧ୍ୱନି ଦ୍ୱାରା ସମ୍ପ୍ରଦାୟିକ ସଂପ୍ରୀତି ପୁସ୍ତକ ଓ ସମଧ୍ୱନି ଜାନୁୟାରୀରୁ ମାର୍ଚ୍ଚ ସଂଖ୍ୟାର ଉନ୍ମୋଚନ କରଯାଇଥିଲା। ସମଧ୍ୱନି ସହିତ ଯୋଡି ହୋଇଥିବା ବିଶିଷ୍ଟ ସାମ୍ବାଦିକ ରାଜୀବ ସଗରିଆ ଓଡିଶାରେ ସାମ୍ପ୍ରଦାୟିକ ସଂପ୍ରୀତି ସମ୍ପର୍କରେ ଚର୍ଚ୍ଚା କରିଥିବା ବେଳେ ଡ. ଅଜିତ କୁମାର ମୁନୀ ଲୋକକଳା ଓ ସଂସ୍କୃତିର ସଂରକ୍ଷଣ ବିଷୟରେ ଚର୍ଚ୍ଚା କରିଥିଲେ। ସାମାଜିକ କର୍ମୀ ପ୍ରଣୟ ମଞ୍ଜରୀ, ଓ୍ୱେବମାଷ୍ଟର ରାକେଶ ରଞ୍ଜନ ସମନ୍ତରାୟ, ଏବଂ ବିଶିଷ୍ଟ ବେହେଲା ବାଦକ ଜ୍ୟୋତିପ୍ରକାଶ ସାହୁ ଓଡ଼ିଶାର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ କେଉଁଭଳି କାମ କରିବା ଜରୁରୀ ଏବଂ ସମଧ୍ୱନିର ଭୂମିକା କ'ଣହେବ ସେହି ଉପରେ ନିଜ ନିଜର ମତ ପ୍ରକାଶ କରିଥିଲେ। ସ୍ୱୟଂପ୍ରଭା ପାଢ଼ୀ ଓଡ଼ିଶାର ଯୁବ ଛାତ୍ରଛାତ୍ରୀମାନଙ୍କୁ ନେଇ କେମିତି ଗାଁ'ର ସଂସ୍କୃତି ଓ ଇତିହାସର ସଂରକ୍ଷଣ କରାଯିବ ଓ ଏ ଦିଗରେ ସମଧ୍ୱନି କେଉଁ ଭୂମିକା ନେବ ସେ ଦିଗରେ ନିଜର ଦୃଷ୍ଟିକୋଣ ସ୍ପଷ୍ଟ କରିଥିଲେ।

# ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଠାରେ ସମ୍ବର୍ଦ୍ଧନା




**ବୈଶିଙ୍ଗା,୯।୩(ସଂଚାର ବ୍ୟୁରୋ):** ବଲାଙ୍ଗୀ ମହୋତ୍ସବ କମିଟି ଆନୁକୂଲବର ପ୍ରତିବର୍ଷ ସାଂସ୍କୃତିକ ଜାଗରଣରେ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଓ ବାଇକ ରାଲି ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରି ବୈଶିଙ୍ଗା ଠାରେ ପହଞ୍ଚିଥିଲା । ଜ୍ୟୋତି ରଥକୁ ପୂର୍ବ କାର୍ଯ୍ୟକ୍ରମ ମୁତାବକ ବୈଶିଙ୍ଗା ବରିଷ୍ଠ ନାଗରିକ ସଂଘ ଅନୁଷ୍ଠାନ, ସାମ୍ବାଦିକ ସଂଘ ଏବଂ ଜନ ସାଧାରଣଙ୍କ ପକ୍ଷରୁ ଜ୍ୟୋତିରଥକୁ ରାଲି ଯୋଗେ ବୈଶିଙ୍ଗା ଥାନା ପରିସରକୁ ଆଣିଥିଲେ । ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଉତ୍ତରୀୟ ଓ ଫୁଲମାଳ ଦେଇ ଜ୍ୟୋତିକୁ ସ୍ୱାଗତ କରିଥିବା ବେଳେ ଉପସ୍ଥିତ ସମସ୍ତ ସଦସ୍ୟ ପୁଷ୍ପ ପ୍ରଦାନ କରିଥିଲେ। ବରିଷ୍ଠ ସମାଜସେବୀ ଶିକ୍ଷକ ଡଃ. ରମାକାନ୍ତ ମହାନ୍ତ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୀତାନାଥ ବେହେରା , ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ସଦସ୍ୟ ପଦ୍ମଲୋଚନ ଦାସ , ସୁବାଷ ଚନ୍ଦ୍ର ପଣ୍ଡା, ହରିଶ୍ଚନ୍ଦ୍ର ରାଉତ , ସୁରେଶ ମହାପାତ୍ର ଓ ଅନ୍ୟ ସଦସ୍ୟ ପ୍ରମୁଖ ଅତୀତରେ ଓଡ଼ିଶା ରାଜ୍ୟ ନିର୍ମାଣ ରେ ମୟୂରଭଞ୍ଜ ଜିଲ୍ଲାର ଭୂମିକା ଏବଂ ସ୍ୱତନ୍ତ୍ର ଭାବେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନ ଆଧାରିତ କର୍ମମୟ ଜୀବନ ବଖାଣି ଥିଲେ। ମହୋତ୍ସବ କମିଟିର ଏହି ନିଆରା ପ୍ରୟାସ ଜାରି ରହିଥିବାରୁ ଉପସ୍ଥିତ ସମସ୍ତ ସଦସ୍ୟ ଭୂୟସୀ ପ୍ରଶଂସା କରିଥିଲେ । ଜୟ ମୟୂରଭଞ୍ଜ, ଅଖଣ୍ଡ ମୟୂରଭଞ୍ଜ, ମୟୂରଭଞ୍ଜ ମାଟିର ଜୟ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଜୟ ଧ୍ୱନୀରେ ଥାନା ପରିସର ପ୍ରକମ୍ପିତ ହୋଇଥିଲା । ବଲାଙ୍ଗୀ ମହୋତ୍ସବ କମିଟିର ସଭାପତି ଶରତ ଚନ୍ଦ୍ର ନାୟକ ଏବଂ ସମ୍ପାଦକ ଦୀପକ କୁମାର ନାୟକ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନାର ସମସ୍ତ କର୍ମଚାରୀ ଏବଂ ସାମ୍ବାଦିକ ସହଯୋଗ କରିଥିଲେ ।

# ବାବା ନିଖିରେଶ୍ୱରଙ୍କ ଚଡ଼କ ମେଳା ପାଇଁ ପ୍ରସ୍ତୁତି ବୈଠକ

**ବାଲିଆପାଳ,୧୦।୩(ସଂଚାର ବ୍ୟୁର):** ବାଲିଆପାଳ ବ୍ଲକର ସର୍ବପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ପାତାଳଫୁଟ ବାବା ନିଖିରେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡକ ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଡକ ମେଳା କମିଟିର ସଭାପତି ଲକ୍ଷ୍ମଣ କୁମାର ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତ ବର୍ଷ ଚଡକ ମେଳା ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଏପ୍ରିଲ ୧ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚଡକ ମେଳା ଅନୁଷ୍ଠିତ ହେବ। ୮ ତାରିଖ ମଙ୍ଗଳବାର କାମିନୀ ଘଟ ଉତ୍ତୋଳନ, ୯ ତାରିଖ ବୁଧବାର ପଞ୍ଚମ ଅର୍ଘ୍ୟ ଓ କାମିନୀ ବିବାହ ଉତ୍ସବ, ୧୨ ତାରିଖ ମହା ନୀଳ ପର୍ବ ଏବଂ ୧୩ ତାରିଖ ପ୍ରସିଦ୍ଧ ପାଟ ପର୍ବ ଅନୁଷ୍ଠିତ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ନେଇ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା। ପ୍ରଶାସନର ସହଯୋଗରେ ପଇତା ଧାରଣ କରିବାକୁ ଦୂର ଦୂରାନ୍ତରୁ ଆସିବାକୁ ଥିବା ମାନସିକଧାରୀ ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା କ୍ଷବୈଠକରେ ୧୩ ମୌଜାର ଗ୍ରାମବାସୀମାନେ ଏବଂ ଚଡକ ମେଳା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତି ବୈଠକ



**ବାଲେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରଖିଥିବା କ୍ରିୟାନୁଷ୍ଠାନ ସମିତିର ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟ ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସମ୍ପର୍କରେ କହିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ଦାଶ ବୈଠକରେ ଯୋଗଦେଇ ବାଲେଶ୍ୱରର ନିର୍ବାଚିତ ସମସ୍ତ ବିଧାୟକମାନଙ୍କୁ ସାକ୍ଷାତ କରି ତାଙ୍କ ଦ୍ୱାରା ଏକ ସ୍ମାରକପତ୍ର ସରକାରଙ୍କୁ ଦେବାପାଇଁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ଏପ୍ରିଲ୍ ୧୩ ତାରିଖ ରବିବାର ବାର୍ଷିକ ସମ୍ମିଳନୀ କରିବା ପାଇଁ ଆଜିକାର ବୈଠକରେ ନିଷ୍ପତ୍ତି ହୋଇଥିଲା। ତା' ପୂର୍ବରୁ ଆଞ୍ଚଳିକ କମିଟି ରେମୁଣା ଓ ଜଳେଶ୍ୱରରେ ଆଞ୍ଚଳିକ ବୈଠକ କରିବା ପାଇଁ ସ୍ଥିର ହୋଇଥିଲା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ବିରେନ୍ଦ୍ର ନାରାୟଣ ପ୍ରହରାଜ, ପ୍ରବୋଧ କୁମାର ପାତ୍ର, ହରନାରାୟଣ ମଢୁଆଳ, ସୁନିତା ରଣା, ବିଜନ କୁମାର କର, ମହେଶ୍ୱର ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

# ଜାମପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନର୍ଲା,୧୦।୩(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଜାମପଦର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଶିଳା ସେନାପତିଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ମାଝୀ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଟ ସାମ୍ବାଦିକ ଅଭିରାମ ନନ୍ଦ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉଗ୍ରେସନ ରଣା, ସମରେନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ଶିକ୍ଷକ ଓମପ୍ରକାଶ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟତ୍ରୀ ପ୍ରେମଶିଳା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଂଗ୍ରେସ



**ଜଗତସିଂହପୁର,୧୦।୩(ସଂଚାର ବ୍ୟୁର):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଙ୍କ ନେତୃତ୍ୱରେ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳ ଙ୍କ କାର୍ଯାଳୟ ଘେରାଉ କରିଥିଲେ।ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ସନତ୍ ଦାସ ଘେରାଉ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଟି ବଚାଓ ବେଟି ପଢାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନି ସରକାରଙ୍କ ୮ ମାସ ମଧ୍ୟରେ ୫୧ ଧର୍ଷଣର ନଜିର ରହିଛି। ୮ ମାସର ବିଜେପି ସରକାରଙ୍କ ସମୟରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗର୍ଭବତୀ ଘଟଣା, ଢେଙ୍କାନାଳ ଜିଲାରେ ମହିଳାଙ୍କୁ ଗଣ ଦୁଷ୍କର୍ମ, ବାଲେଶ୍ୱର ଜିଲାରେ ମହିଳାଙ୍କୁ ଧର୍ଷଣ କରିବା ସହ ହତ୍ୟା କରିବା ସହ ପ୍ରତ୍ୟେକ ଦିନ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ସରକାରଙ୍କ ପାରିବା ପଣିଆକୁ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ ,ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ , ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା,ପିସିସି ସଭ୍ୟ ଦେଓ୍ୱ ପ୍ରସାଦ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ପିନାକୀ ଦାସ,ବରିଷ୍ଠ କଂଗ୍ରେସ ନେତା ମାନସ ରଥ,ଅଭୟ କୁମାର ମହାନ୍ତି, ନାରୀ ନେତ୍ରୀ ମିନୁ ଚୌଧୁରୀ, ଦିପ୍ତୀରାଣୀ ପ୍ରଧାନ, କ୍ରିନସ୍ ପ୍ରିୟ ପରିଜା, ରୁପଶ୍ରୀ ରାଗାଣୀ ସ୍ୱାଇଁ,ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନାଥ କାଣ୍ଡି,ଧ୍ରୁବ ଚରଣ ପଟ୍ଟନାୟକ, ପ୍ରିୟନାଥ ରାୟ, ସର୍ବେଶ୍ୱର ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନ ସଫଳ କରିଥିଲେ। ଶେଷରେ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।